

বিশ্ব চিপ্ মার্কেটরে লিডর হেব ভারত

পৃষ্ঠা ৪

THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




Vol. 34 | ISSUE 115 ଭାଗ ୩୪ | ସଂଖ୍ୟା ୧୧୫ | Thursday 16 July 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର, ୧୬ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ରାତି ପାହିଲେ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ଯାତ୍ରା

# ଭକ୍ତ ଓ ଭଗବାନଙ୍କ ହେବ ମହାମିଳନ



- ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ବ୍ରହ୍ମାଣ୍ଡ ଠାକୁର
- ଚତୁର୍ଦ୍ଧାମୂରତିଙ୍କ ସ୍ୱାଗତ ପାଇଁ ସିଂହଦ୍ୱାରରେ ତିନି ରଥ
- ଶୃଙ୍ଖଳିତ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ପ୍ରସ୍ତୁତ
- ନଜର ରଖିବେ ୨୩ ଟପ୍ ଆଇପିଏସ ଅଫିସର
- ସକାଳ ସାଢ଼େ ୯ଟାରୁ ପହଣ୍ଡି, ୪ଟାରେ ରଥଟଣା

**ପୁରୀ,୧୫।୭(ସଂଚାର ବ୍ୟୁରୋ):** ଗୁରୁବାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଭକ୍ତମୟ ପୁରୀ ସହର ଓ ବଡ଼ଦାଣ୍ଡ। ଜୟ ଜଗନ୍ନାଥ ଧ୍ୱନିରେ କମ୍ପୁଛି କାଳିଆ ଦୁଆର। ବର୍ଷକେ ଥରେ ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ରତ୍ନ ସିଂହାସନ ଛାଡ଼ି ବଡଦାଣ୍ଡକୁ ଓହ୍ଲାଇ ଆସିବେ ବିଶ୍ୱନିଅନ୍ତା। ରଥରେ ବିଜେ ହୋଇ ଜନ୍ମବେଦୀକୁ ଯିବେ। କାଳିଆର ଏ ଦିବ୍ୟ ଓ ଭବ୍ୟ ଲୀଳା ଦେଖିବାକୁ ଏବେଠୁ ଭାବ-ଭକ୍ତିରେ ବୁଡ଼ିଗଲାଣି ବଡ଼ଦାଣ୍ଡ। ଶ୍ରୀମନ୍ଦିରରୁ ସରଧାବାଲି ପର୍ଯ୍ୟନ୍ତ ପୂରା ପରିବେଶ ଚଳଚଞ୍ଚଳ। କିଏ କେତେ ଦୂରରୁ କେତେ ଭାବନା ନେଇ ଧାଇଁ ଆସିଛି ଶ୍ରୀକ୍ଷେତ୍ରକୁ। କାଲି ରଥ ଉପରେ ନିଜ ପ୍ରିୟ ଠାକୁରଙ୍କୁ ଆଖି ପୂରେଇ ଦେଖିବ, ଆଉ ମନର କଥା କହିବାକୁ ଅପଲକ ➪ପୃଷ୍ଠା-୬

## ଶ୍ରୀମନ୍ଦିର ସହ ଶ୍ରଦ୍ଧାଳୁଙ୍କ ପବିତ୍ର ସେତୁ



### ପୁରୀରେ ଡିଜିଟାଲ ହୁଣ୍ଡି 'ସମର୍ପଣ'ର ଶୁଭାରମ୍ଭ

### ଘରେ ରହି ଦେଇପାରିବେ ଦାନ

**ଭୁବନେଶ୍ୱର,୧୫।୭ (ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱବ୍ୟାପୀ ଭକ୍ତଙ୍କ ଆଧାତ୍ମିକ ଆସ୍ଥାକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏକ ଅତି ସୁନ୍ଦର, ଭକ୍ତିପୂତ ଡିଜିଟାଲ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ପବିତ୍ର ରଥଯାତ୍ରାର ପୂର୍ବ ଦିନ ଆଜି ପୁରୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅତ୍ୟାଧୁନିକ ଡିଜିଟାଲ ହୁଣ୍ଡି 'ସମର୍ପଣ'ର ଶୁଭାରମ୍ଭ କରିଛନ୍ତି।

ଏହି ଐତିହାସିକ ପଦକ୍ଷେପଟି ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ଥିବା ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍) ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ)ର ମିଳିତ ସହଯୋଗରେ ଆରମ୍ଭ କରାଯାଇଛି। ଓକାକ ଦ୍ୱାରା ବିକଶିତ ହୋଇଥିବା ଏହି ନିରାପଦ ଡିଜିଟାଲ ➪ପୃଷ୍ଠା-୬

### କମିଶନ ଫାଇଲ୍ ହଜିବା ଘଟଣା

## ମନୋଜ ଓ ରାଜେଶଙ୍କୁ ନୋଟିସ୍

### ୨୨ ପୂର୍ବାହ୍ନ ୧୧ରେ ହାଜର ହେବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ଫାଇଲ ଗାଏବ ହେବା ଘଟଣାରେ ଆଜି କମିଶନରେଟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଜେଡି ସରକାରରେ ପ୍ରଭାବଶାଳୀ ➪ପୃଷ୍ଠା-୬








सत्यमेव जयते

## ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମପାଟି)

## ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ମହାପ୍ରଭୁଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଭ୍ରାତୃତ୍ୱ ଓ ସମାନତାର ପ୍ରତୀକ । ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଜାତି, ଧର୍ମ ଓ ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି ବାନ୍ଧି ରଖୁଥିବାର ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ ।

ଓଡ଼ିଆ ଜାତିର ଆରାଧ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/320920-15001/83/2627

## ମାର୍ଶାଘାଇ ବଜାର ସାରା ଦୁଇଫୁଟ ଉଚ୍ଚ ବର୍ଷା ପାଣି

## ମେଡ଼ିକାଲରେ ୩ ଜଣ ସାପ କାମୁଡ଼ା ରୋଗୀ

ମାର୍ଶାଘାଇ,୧୫।୭(ସଂଚାର ବ୍ୟୁରୋ)ଃ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ପାଞ୍ଚଟା ରୁ ରାତି ଆଠଟା ପର୍ଯ୍ୟନ୍ତ ହୋଇଥିବା ମୁଷଳଧାର ବର୍ଷାରେ ମାର୍ଶାଘାଇ ବଜାରର ପ୍ରମୁଖ ରାସ୍ତାରେ ଦୁଇ ଫୁଟ ଉଚ୍ଚରେ ବର୍ଷା ପାଣି ପ୍ରବାହିତ ହୋଇଥିଲା। ମୁଖ୍ୟବଜାର ଦୁର୍ଗାମଣ୍ଡପ ଠାରୁ ଆରମ୍ଭ କରି ପୋଷ୍ଟ ଅଫିସ, ମେଡିକାଲ ସମ୍ମୁଖ ରାସ୍ତା, ଓରିଏଣ୍ଟାଲ କ୍ଲବ୍ ନିକଟ ରାସ୍ତା, କୁମ୍ଭାର ସାହି ରାସ୍ତା, ବନ୍ଧସାହି ରାସ୍ତା, ଜୁଣଛକ ରାସ୍ତାରେ ଦୁଇ ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଏହି ସବୁ ରାସ୍ତା ଏକ ନଦୀର ଭ୍ରମ ସୃଷ୍ଟି କରୁଥିଲା। ବର୍ଷା ସମୟରେ ସେହି ୩ ଘଣ୍ଟା ଯିଏ ଯେଉଁଠି ଥିଲେ ସେଠାରୁ ବାହାରି ଅନ୍ୟ ସ୍ଥାନକୁ ଯିବା ମୁସ୍କିଲ ହୋଇ ପଡ଼ିଥିଲା।

ପନିପରିବା ବିକ୍ରୟ କରୁଥିବା ଉଠା ଦୋକାନୀଙ୍କ ପରିବା ଭାସି ଯାଉଥିବା ଦେଖିବାକୁ ମିଳିଥିଲା। ଅପରାହ୍ନରେ ଟିୟୁସନ୍ ହେବାକୁ ଆସିଥିବା ଛାତ୍ର ଛାତ୍ରୀମାନେ ଘରକୁ ଫେରି ଯିବାରେ ଅସୁବିଧାର ସମ୍ମୁଖିନ ହୋଇଥିଲେ। ରାତି ପ୍ରାୟ ଆଠଟା ପରେ ବର୍ଷାର ପରିମାଣ କମିବା ପରେ ରାସ୍ତା ଉପରେ ଲହଡ଼ି ମାରୁଥିବା ବର୍ଷା ପାଣିରେ ବାଧ୍ୟ ହୋଇ ଛାତ୍ର ଛାତ୍ରୀ, ବ୍ୟବସାୟୀ, ବିଭିନ୍ନ ଅଫିସ, ବ୍ୟାଙ୍କ ଓ ବଜାର କୁ ଆସିଥିବା ଲୋକ ମାନେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ। ବର୍ଷା ସମୟରେ ସାପ କାମୁଡାରେ ଆହତ ହୋଇଥିବା ୩ଜଣ ରୋଗୀ ସନ୍ଧ୍ୟା ସମୟର ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।



## ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନକୁ ବିରୋଧ

କେନ୍ଦ୍ରାପଡା,୧୫।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଚୋରାମଦ, ଗଞ୍ଜେଇ, ବ୍ରାଉନ୍ସ ସୁଗାର, କଫ୍ ସିରପ୍ ଇତ୍ୟାଦି ବିକ୍ରି ହେଉଥିବାବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ପୁଣି ୬୪ଟି ନୂତନ ମଦ ଦୋକାନ ଖୋଲିବା ପାଇଁ ଅନୁମତି ମିଳିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମଦ ଦୋକାନ ଖୋଲିବା ପାଇଁ ଅନୁମତି ନେଇଥିବା ଦୋକାନୀମାନେ ଦୋକାନ ଖୋଲିବା ପାଇଁ ଜାଗା ନ ପାଇବାରୁ ଶିକ୍ଷାନୁଷ୍ଠାନ, ମନ୍ଦିର, ମଠ, ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଖୋଲିବା ପାଇଁ ଉଦ୍ୟମ କରୁଥିବାରୁ ଜନସାଧାରଣ ଓ ସ୍ଥାନୀୟ ବାସୀ ଏହାର ତୀବ୍ର ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଦୈନିକ ଅଭିଯୋଗ କରି ଆସୁଛନ୍ତି।



କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ବାଙ୍କିମୁଣ୍ଡାଇ ଚାନ୍ଦୋଳ ନିକଟରେ ଥିବା ମା କରେଇ ପୂର୍ଣ୍ଣାଙ୍ଗ ଶିଶୁ ଶିକ୍ଷା ନିକେତନ ନିକଟରେ ମଦ ଦୋକାନ ଖୋଲିବା ପାଇଁ ଉଦ୍ୟମ କରୁଥିବାରୁ ଏହାକୁ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ପ୍ରଧାନ ଶିକ୍ଷକ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଶିକ୍ଷାନୁଷ୍ଠାନ ଏଠାରେ ଚାଲୁ ରହିଛି। ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏଥିରେ ଅଧ୍ୟୟନ କରନ୍ତି। ଛୋଟ ଛୋଟ ପିଲାଙ୍କୁ ଅଭିଭାବକମାନେ ସ୍କୁଲକୁ ଛାଡିବାକୁ ଯିବା ଆସିବା କରନ୍ତି। ଏଠାରେ ମଦ ଦୋକାନ ଖୋଲାହେଲେ ପରିବେଶ ନଷ୍ଟ ହେବା ସହ ଅଭିଭାବକ ଓ ଛାତ୍ର ଛାତ୍ରୀଙ୍କ ଉପରେ ଏହାର ପ୍ରଭାବ ପଡ଼ିବ। ତେଣୁ ଏଠାରେ ମଦ ଦୋକାନ ନ ଖୋଲିବା ପାଇଁ ଶତାଧିକ ଗ୍ରାମବାସୀ ଓ ସ୍କୁଲର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ଭେଟି ମଦ ଦୋକାନକୁ ମିଳିଥିବା ଅନୁମତିକୁ ବାତିଲ୍ କରିବା ପାଇଁ ଦାବି କରିଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ଡେରାବିଶ,୧୫।୭(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ମଲ୍ଲିକେଶ୍ୱରପୁରର ଆଦର୍ଶ ଶିକ୍ଷକ ରମେଶ ଚନ୍ଦ୍ର ନାୟକ (୭୬)ଙ୍କର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ଶ୍ରୀ ନାୟକ ଗତ କିଛି ଦିନ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ ଦେହ ଗ୍ରାମରେ ପହଞ୍ଚିବା ପରେ ତାଙ୍କର ବହୁ ଛାତ୍ର, ଶିକ୍ଷକ ବନ୍ଧୁ, ସରପଞ୍ଚ ଅକ୍ଷୟ ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଶ୍ରୀ ନାୟକ ୧୯୭୩ ମସିହାରୁ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡାଇ ସ୍କୁଲରୁ ତାଙ୍କର ଶିକ୍ଷକତା ଜୀବନ ଆରମ୍ଭ କରି ୨୦୦୮ ମସିହାରେ ସେହିଠାରୁହିଁ ଅବସର ନେଇଥିଲେ। ତାଙ୍କର ଛାତ୍ରବତ୍ସଳତା ଓ କର୍ତ୍ତବ୍ୟ ନିଷ୍ଠତା ପାଇଁ ସେ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ବେଶ ପ୍ରଶଂସାରପାତ୍ର ହୋଇପାରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ପ୍ରଦ୍ୟୁମ୍ନ କେଶରୀ ନାୟକ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ରବୀନ୍ଦ୍ର ସରୋଜ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ରହିଥିଲେ।

### ପାଟନାଳୀରୁ ହୋଇପାରୁନି ଜଳ ନିଷ୍କାସନ

## ବିଲରେ ଆଣ୍ଠୁଏ ପାଣି ଚାଷୀ ନିରାଶ



କେନ୍ଦ୍ରାପଡା,୧୫।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲାରେ ମୁଖ୍ୟତଃ ଲୋକ ଚାଷ ଉପରେ ନିର୍ଭର କରୁଥିବାବେଳେ ଜିଲ୍ଲା କୃଷି ବିଭାଗ, ଡ୍ରେନେଜ୍ ବିଭାଗ, ଜଳସେଚନ ବିଭାଗ ଚାଷୀମାନଙ୍କ ପାଇଁ ସୁବ୍ୟବସ୍ଥା ନ କରିବାରୁ ଚାଷୀମାନେ ହନ୍ତସନ୍ତ ହେବା ସହ ଚାଷ କରିନପାରି ଗୋଟିଏ ବର୍ଷର ଆହାର ହରାଇବାକୁ ବସିଛନ୍ତି। ଅନେକ ସ୍ଥାନରେ ପାଟନାଳୀ ଓ କଡନାଳୀ ଜାମ୍ ଥିବାରୁ ଚାଷୀମାନେ ପାଣି ପାଉନାହାଁନ୍ତି। ଆଉ କେତେକ ସ୍ଥାନରେ ଜଳ ନିଷ୍କାସନ ନ ହେବାରୁ ବିଲରେ ଆଣ୍ଠୁଏରୁ ଉର୍ଦ୍ଧ୍ୱ ବର୍ଷାଜଳ ଜମି ରହିଥିବାରୁ ଚାଷୀ ନିରାଶ ହୋଇଛନ୍ତି। ଏହିଭଳି ଏକ ଅଭିଯୋଗ ମିଳିଛି ପାଟନାଳୀ ସେରୁଆ ମୁହଁରୁ ବାହାରି ପାଟନାଳୀଟି ଜଜାଙ୍ଗ ପର୍ଯ୍ୟନ୍ତ ଯାଇଛି। ସେହିପରି ନୋଳସାହିଠାରୁ ପଳସିଂହାଦେଇ ପନ୍ତିରୀ ପର୍ଯ୍ୟନ୍ତ ଯାଇଛି। ଏହିପାଟନାଳୀ ଉପରେ ପ୍ରାୟ ୧୫ଟି ପଞ୍ଚାୟତରୁ ଉର୍ଦ୍ଧ୍ୱ ଚାଷୀ ନିର୍ଭର କରି ଚାଷ କରନ୍ତି। ଡ୍ରେନେଜ୍ ବିଭାଗର ଏହି ପାଟନାଳୀକୁ କାଗଜ କଲମରେ ସଫା କରାଇ ବିଲରୁ ଜଳ ନିଷ୍କାସନ କରିବା ପାଇଁ କୋଟି କୋଟି ଟଙ୍କା ରାଜ୍ୟ ସରକାରଙ୍କ ଲୁଟ୍ ହେଉଥିବାବେଳେ ବାସ୍ତବରେ ସେଠାରେ କୌଣସି କାମ ହୋଇନାହିଁ। ଫଳରେ ୧୫ଟି ଉର୍ଦ୍ଧ୍ୱ ପଞ୍ଚାୟତର ଚାଷୀମାନଙ୍କର ହଜାର ହଜାର ଏକର ଚାଷ ଜମିରେ ଆଣ୍ଠୁଏ ଲେଖା ୨ରୁ ୩ ଫୁଟ୍ ବର୍ଷାଜଳ ଜମି ରହିଛି। ଫଳରେ ଚାଷୀମାନେ ଚାଷ କରିନପାରି ନିରାଶ ହୋଇ ବସିଛନ୍ତି। ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ବଳରାମ ବେହେରା, ନୃସିଂହ ରାଉତ, ମଥୁରାନନ୍ଦ ପରିଡା, ପ୍ରଦୀପ ପରିଡା, ବାବୁ ସିଂ, ଜିତେନ୍ଦ୍ର ରାଉତ ପ୍ରମୁଖ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ପାଟନାଳୀରୁ ଦଳ ସଫେଇ କରି ବିଲରୁ ଜଳ ନିଷ୍କାସନ କରିବା ପାଇଁ ଦାବି କରିଛନ୍ତି।

● ବ୍ୟବସାୟୀଙ୍କ ମୋବାଇଲକୁ ହ୍ୟାକ୍ କଲେ ସାଇବର ଠକ

## ସମ୍ପର୍କୀୟଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍



ଆଳି,୧୪।୭(ସଂଚାର ବ୍ୟୁରୋ)ଃ ଦିନକୁ ଦିନ ସାଇବର ଠକମାନେ ବିଭିନ୍ନ ଆଳ ଦେଖାଇ ଲୋକ ମାନଙ୍କୁ ଠକୁ ଥିବା ବେଳେ ପୋଲିସଙ୍କ ପାଇଁ ସାଇବର ଠକ ଏବେ ମୁଣ୍ଡବିନ୍ଧାର କାରଣ ସାଜିଛନ୍ତି। ଆଳି ଥାନା ମଧୁବନ ଗ୍ରାମର ସୁକାନ୍ତ କୁମାର ରାଉତ ନାମକ ବ୍ୟବସାହି ଜିଓ ପେଟ୍ରୋଲ ପମ୍ପ କରିବେ ବୋଲି ଯୋଗ ଯୋଗ କରିଥିଲେ। ଶ୍ରୀ ରାଉତଙ୍କୁ ମଙ୍ଗଳବାର ଦିନ ଠକମାନେ ଫୋନ କରି କହିଥିଲେ କି ଜିଓ ପେଟ୍ରୋଲ ପମ୍ପ ବାବଦରେ କଥାହେବକୁ। ଶ୍ରୀ ରାଉତ କଥା ହେବା ପରେ ରେଜିଷ୍ଟ୍ରେସନ୍ କରିବାକୁ କହି କିଛି କୋଡ ନମ୍ବର୍ ଦେଇ ମୋବାଇଲରେ ନମ୍ବର ଡ଼ାୟାଲ କରିବାକୁ କହିଥିଲେ। ପରେ ମୋବାଇଲ ହ୍ୟାକ କରି ଠକ ମାନେ ସମ୍ପର୍କୀୟ ମୋବାଇଲକୁ ଟଙ୍କା ଆବଶ୍ୟକ ରହିଛି ବୋଲି ୱାଟସପ୍ ମେସେଜ କରିବା ସହ ୟୁପିଆଇ ଆଇଡି ବନ୍ଦ ହୋଇ ଯାଇଛି ବୋଲି କହିଥିଲେ। ଆଉ କାହାକୁ ମେଡିକାଲ ଅଛି ଟଙ୍କା ଜରୁରୀ ବୋଲି ମେସେଜ କରିଥିଲେ। କିଛି ସମ୍ପର୍କୀୟ ଏହି ମେସେଜ ଦେଖି ଠକ ମାନେ ଦେଇଥିବା ୟୁପିଆଇ ନମ୍ବର ମହଫୁଜ ଆଲମ ନାମରେ ଟଙ୍କା ପଠାଇ ଥିଲେ। କିଛି ଲୋକ ଶ୍ରୀ ରାଉତଙ୍କୁ ଯୋଗାଯୋଗ କରିଥିଲେ ଶ୍ରୀ ରାଉତଙ୍କ ନମ୍ବର ଯୋଗାଯୋଗ ହୋଇପାରି ନଥିଲା।ଗୋଟିଏ ଘଣ୍ଟାରେ ପ୍ରାୟ ଲକ୍ଷାଧିକ ଟଙ୍କା ଲୁଟିଥିବା ପରେ ଶ୍ରୀ ରାଉତ ଜାଣିବାକୁ ପାଇଲେ। ଏ ନେଇ କଟକ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏମିତିକି ସାମ୍ବାଦିକଙ୍କୁ ଏହି ମେସେଜ ଠକ ମାନେ ପଠାଇଥିବା ଜଣାପଡ଼ିଛି।ସାଇବର ଠକ ମାନେ କେତେ ବେଳେ ଡ଼ିଜିଟାଲ୍ ଆରେଷ୍ଟ ବାହାନାରେ ଲୋକଙ୍କ କଷ୍ଟ ଅର୍ଜିତ ଟଙ୍କା ସଫା କରୁଛନ୍ତି। କେତେବେଳେ ପ୍ରଭାବ ଶାଳୀ ଲୋକଙ୍କ ମୋବାଇଲ ହ୍ୟାକ କରି ତାଙ୍କ ସମ୍ପର୍କୀୟ ପାଖରୁ ଠକୁଛନ୍ତି।

### କଳପଡାରେ ବେଆଇନ୍ ଦୋକାନ ଘର ଉଚ୍ଛେଦ

## ବାଲିମାଫିଆଙ୍କ ଶିକାର ହେଲେ ଯୁବ ବ୍ୟବସାୟୀ



କେନ୍ଦ୍ରାପଡା,୧୫।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲାରେ ଗତ କିଛି ଦିନ ହେଲା ବାଲିକୁ ନେଇ ହଣାକଟା, ମାର୍‌ଧର୍ ଓ ହତ୍ୟା ଧମକ ଆଦି ଚାଲୁ ରହିଛି। ଜିଲ୍ଲାରେ ଥିବା ବାଲି ଖାଦାନ ଗୁଡିକ ମଧ୍ୟରୁ କିଛି ନିର୍ଦ୍ଦିଷ୍ଟ ନିଲାମ ହୋଇଥିବାବେଳେ ଆଉ ଅଧାଅଧି ରାଜନୈତିକ ବ୍ୟକ୍ତି, ମାଫିଆମାନେ ନିଜ କବ୍‌ଜାରେ ରଖି ଦୈନିକ ଲକ୍ଷ ଲକ୍ଷ ଟଙ୍କା ଆୟ କରୁଛନ୍ତି। କଳପଡାରେ ଥିବା ବାଲି ସାରାଡ୍‌ରୁ ଦୈନିକ ଶହ ଶହ ଟ୍ରିପ୍ ବେଆଇନ୍ ଭାବେ ବାଲି ଚୋରାରେ ଚାଲାଣ ହେଉଛି। ବଡ ବଡ ଗାଡି ଗୁଡିକ ଯିବା ଆସିବାରେ ଅସୁବିଧା ହେଉଥିବାରୁ ଏଠାରେ ଶତାଧିକ ଶିକ୍ଷିତ ଯୁବକମାନେ କ୍ଷୁଦ୍ର ବ୍ୟବସାୟ କରି ନିଜର ପରିବାର ଚଳାଉଥିଲେ। ଉପଜିଲ୍ଲାପାଳ ଓ ତହସିଲଦାର ବାଲି ମାଫିଆଙ୍କ ସହିତ ମିଶି ଏମାନଙ୍କ ଦୋକାନ ଘରକୁ ବୁଲଡୋଜର ଲଗାଇ ଭାଙ୍ଗିଦେଇଥିବା ଜିଲ୍ଲାପାଳଙ୍କ ନିକଟରେ ଜିଲ୍ଲା ବିଜେପି ସଭାନେତ୍ରୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ଦୀର୍ଘ ୩୦ ବର୍ଷ ହେଲା ଏଠାରେ ଉଚ୍ଚ ଶିକ୍ଷିତ ଯୁବକମାନେ ଚାକିରି ନ ପାଇ କ୍ଷୁଦ୍ର ବ୍ୟବସାୟ କରି ନିଜର ପରିବାର ଚଳାଇ ଆସୁଥିଲେ। ତହସିଲଦାର କୌଣସି ନୋଟିସ୍ ନ ଦେଇ ହଠାତ୍ ଜେସିବି ମେସିନ୍ ଧରି ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଦୋକାନ ଘର ଭାଙ୍ଗି ଛାରଖାର୍ କରିଦେଇଛନ୍ତି। ଏଠାରେ କୌଣସି ରାସ୍ତା ଅବରୋଧ ହେଉନଥିବାବେଳେ କାହା ନିର୍ଦ୍ଦେଶରେ ଏବଂ କଣ ପାଇଁ ତହସିଲଦାର ଏମାନଙ୍କ ପରିବାର ଉଜାଡିଦେଲେ ଏହି ଦୋକାନୀମାନେ ଜିଲ୍ଲାପାଳଙ୍କୁ ପ୍ରଶ୍ନ ପଚାରିଛନ୍ତି। ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ ଡକ୍ଟର ଜ୍ୟୋସ୍ନାରାଣୀ ଜେନା ଏହି ଉଚ୍ଛେଦ ହୋଇଥିବା ଦୋକାନ ଗୃହ ମାଲିକଙ୍କୁ ପୁନର୍ବାର ଥଇଥାନ କରିବା ପାଇଁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। ଯଦି ଏହା ପୂରଣ ନ ହୁଏ ତେବେ ୫୦ ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପେଟ୍ରୋଲ୍ ଢାଳି ହୋଇ ଜଳିବେ ବୋଲି ଜିଲ୍ଲାପାଳଙ୍କୁ ରୋକ୍‌ଠୋକ୍ କହିଛନ୍ତି। ଏଥିସହିତ ବଗଡ଼ା ଆର୍.ଆଇ ବିନା ଲାଂଚରେ କାମ କରୁନଥିବା ଏହି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।

● ସରକାରୀ କାର୍ଯ୍ୟାଳୟ ଜଳବନ୍ଦୀ

## ଜିଲ୍ଲାପାଳ କାର୍ଯ୍ୟାଳୟ ବି ବାଦ୍ ପଡ଼ିଲାନି

କେନ୍ଦ୍ରାପଡ଼ା, ୧୫।୭(ସଂଚାର ବ୍ୟୁରୋ)ଃ ପ୍ରବଳ ବର୍ଷା ଯୋଗୁଁ କେନ୍ଦ୍ରାପଡା ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଛି। କେଉଁଠି ଅଫିସ ଆଗରେ ପାଣି ଜମି ରହିଛି ତ ଆଉ କେଉଁଠି ବର୍ଷା ପାଣିରେ ଭାସୁଛି ସରକାରୀ କାର୍ଯ୍ୟାଳୟ। ସବୁଠାରୁ ବଡ କଥା ହେଲା କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଣ୍ଠୁଏ ଉଚର ପାଣି ଜମି ରହିଛି। ଏମିତିକି କେତେକ ସରକାରୀ ସ୍କୁଲ ପରିସରରେ ଲହଡି ଖେଳୁଛି ବର୍ଷା ପାଣି। ଆଜି ଭୋରୁ ଆରମ୍ଭ ହୋଇଥିବା ବର୍ଷା ଯୋଗୁଁ କେନ୍ଦ୍ରାପଡା ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ହାଲ୍ ବେହାଲ୍ ହୋଇ ଯାଇଛି। ତିନିମୁହାଣୀ ଠାରେ ଥିବା ଉଠାଜଳସେଚନ କାର୍ଯ୍ୟାଳୟରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ଏମିତିକି ପାଣି ଉପରେ ବଡ଼ ବିପଦପୂର୍ଣ୍ଣ ଭାବରେ ରହିଛି ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ। କେନ୍ଦ୍ରାପଡା ବ୍ଲକ୍ କାର୍ଯ୍ୟାଳୟ ରେ ମଧ୍ୟ ପାଖାପାଖି ସମାନ ଅବସ୍ଥା। ବ୍ଲକ୍ ପରିସରରେ ବର୍ଷା ପାଣି ଜମି ରହିଛି। ଫଳରେ ସାଧାରଣ ଲୋକେ ବ୍ଲକ୍ କାର୍ଯ୍ୟାଳୟକୁ ଯିବା ପାଇଁ ନାନା ସମସ୍ୟା ଭୋଗୁଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଆଣ୍ଠୁଏ ଉଚର ପାଣି ଜମି ରହିଛି। ପାଣି ଭିତରେ ପଶି ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ କୁ ଯିବା ଆସିବା ପାଇଁ ବାଧ୍ୟ ହେଉଛନ୍ତି।



## ଚୋରା ମଦ ଜବତ, ୫ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା, ୧୫।୭ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ, ନିକିରାଇ, ତଲ୍ଲିଆପାଳ ମେରାଇନ ଓ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବଳଗଣ୍ଡି ଗ୍ରାମର କଳ୍ପନା ସାହୁ (ବୟସ ୪୧ ବର୍ଷ) ଙ୍କ ଠାରୁ ୧୦ ଲିଟର ଦେଶୀ ରନ୍ଧା ମଦ, ପଳସିଂଘା ଗ୍ରାମର ସଞ୍ଜୟ ବାରିକ (ବୟସ ୪୬ ବର୍ଷ ) ଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ସେହିପରି ଜଗତ ଜୋରା ଗ୍ରାମର ସୁଶାନ୍ତ ଅବାକ (ବୟସ ୪୩ ବର୍ଷ) ଙ୍କ ନିକଟରୁ ୩୬ ଲିଟର ବିଦେଶୀ ମଦ ଓ ଜ୍ୟୋସ୍ନା ପଲ (ବୟସ ୩୬ ବର୍ଷ) ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ଶ୍ୟାମସୁନ୍ଦର ପୁର ଗ୍ରାମର କୃଷ୍ଣ ଚନ୍ଦ୍ର ନାୟକ (ବୟସ ୪୧ ବର୍ଷ) ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି। ଏମାନଙ୍କ ପାଖରୁ ସମୁଦାୟ ୧୪୯ ଲିଟର ଦେଶୀ ରନ୍ଧା ମଦ ଓ ବିଦେଶୀ ମଦ ଜବତ କରାଯାଇ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ଶ୍ରୀ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଏବଂ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

● ନଳକୂପ ଅଚଳକୁ ମାସେ ପୂରିଲା

## ପାନୀୟଜଳ ସମସ୍ୟାରେ ୨୦ ପରିବାର

ଗରଦପୁର, ୧୫।୭(ସଂଚାର ବ୍ୟୁରୋ)ଃ ଗରଦପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ପଦ୍ମପୁର ଗ୍ରାମର ଥିବା ୯ନମ୍ବର ୱାର୍ଡ ରେ ଥିବା ୨୦ରୁ ଉର୍ଦ୍ଧ୍ୱ ପରିବାର ଏବେ ପାନୀୟଜଳ ସମସ୍ୟା ମଧ୍ୟରେ ଏକ ମାସ ଧରି ଗତି କରୁଛନ୍ତି। ଗଭୀର ନଳକୂପଟି ଅଚଳ ହୋଇପଡ଼ିଥିବା ବେଳେ ଗ୍ରାମବାସୀ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ତେବେ ଏକ ମାସ ଧରି ଗଭୀର ନଳକୂପଟି ଅଚଳ ହୋଇପଡ଼ିଥିବା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପଦ୍ମପୁର ଗ୍ରାମର ବନ୍ଧୁ ମଲ୍ଲିକ ଙ୍କ ଘର ସମ୍ମୁଖରେ ଏହି ନଳକୂପ ଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ପାଇଁ ଏହି ସମସ୍ୟା ଦେଖାଦେଇଛି। ପ୍ରାୟ ୨୦ ପରିବାର ଏହି ଗଭୀର ନଳକୂପଟି ଉପରେ ନିର୍ଭର କରିଥାନ୍ତି। ମାତ୍ର ସ୍ଥାନୀୟ ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ପ୍ରଶାସନିକ କାର୍ଯ୍ୟ କୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ସମସ୍ୟା ରେ ସମ୍ମୁଖୀନ ହେଉଥିବା ବାସିନ୍ଦା ଜିଲା ପ୍ରଶାସନର ଦ୍ୱାରସ୍ଥ ହେବାନେଇ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ମହାକାଳପଡ଼ା ବ୍ଲକ୍‌ରେ ଏବିଡିଓ ନାହାନ୍ତି

## ଡେପୁଟେସନରେ ରହି ବ୍ଲକ୍‌ରୁ ନେଉଛନ୍ତି ଦରମା

ମହାକାଳପଡ଼ା, ୧୪।୭(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ୍ କୁ ବିବାଦ ପିଛା ଛାଡୁନି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ମହାକାଳପଡ଼ା ବ୍ଲକ୍ ପ୍ରଶାସନର ବିକଳ ଚିତ୍ର ପଦାକୁ ଆଣିଛି। ଦୀର୍ଘ ୨୦ ମାସ ଧରି ବିଡ଼ିଓ ପଦବୀ ଫାଙ୍କା ପଡ଼ିଥିବା ଅସନ୍ତୋଷ ତାତି ଥମି ନଥିବା ବେଳେ ଏବେ ବ୍ଲକ୍ ରେ ଏବିଡିଓ ନଥିବା ଜଣା ପଡ଼ିଛି। ଏବିଡିଓ ମହାକାଳପଡ଼ା ବ୍ଲକ ରେ ନରହି କି କାମ ନକରି ବ୍ଲକ୍ ରୁ ମୋଟା ଅଙ୍କର ଦରମା ନେଉଥିବା ତଥ୍ୟ ସାମ୍ନାକୁ ଆସିବା ପରେ ଏବେ ମହାକାଳପଡ଼ା ବ୍ଲକ ର ପ୍ରଶାସନିକ ବ୍ୟବସ୍ଥା ଯେ କେତେ ଶକ୍ତିଶାଳୀ ତାହା ବେଶ୍ ଜଳଜଳ ଦେଖାଯାଉଛି। ମହାକାଳପଡ଼ା ବ୍ଲକ୍ ରେ ସହକାରୀ ମଣ୍ଡଳ ଉନ୍ନୟନ ଅଧିକାରୀ (ଏବିଡିଓ)ଭାବରେ କିରଣ କୁମାର ସାମଲ ୧୨ ସେପ୍ଟେମ୍ବର ୨୦୨୨ରେ ମହାକାଳପଡ଼ା ବ୍ଲକ୍‌ରେ ଯୋଗଦେଇଛନ୍ତି। ହେଲେ ସେ ବର୍ତ୍ତମାନ ମହାକାଳପଡ଼ା ବ୍ଲକ୍ ରେ କାର୍ଯ୍ୟ ନକରି ମଧ୍ୟ ବ୍ଲକ୍ ରୁ ୭୫, ୨୦୦ ଟଙ୍କା ଲେଖାଏଁ ଦରମା ନେଉଛନ୍ତି। ସୂଚନା କହୁଛି ସେ ଓଡ଼ିଶା ପଞ୍ଚାୟତିରାଜ ବିଭାଗ ଅଧୀନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସ୍ଥାପନା ଶାଖାରେ ଡେପୁଟେସନରେ କାର୍ଯ୍ୟରତ ଅଛନ୍ତି। ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ବନ୍ଧୀୟ ତଥ୍ୟ ସୂଚନା ଅଧିକାର ଆଇନରେ ସାମ୍ନାକୁ ଆସିଥିବା ବେଳେ ଅନ୍ୟ ତଥ୍ୟର ଗୋପନୀୟତାକୁ ନେଇ ମଧ୍ୟ ଦ୍ୱନ୍ଦ ସୃଷ୍ଟି ହୋଇଛି। ସେ କେବେ ଡେପୁଟେସନ ପାଇଁ ଆବେଦନ କରିଥିଲେ, କେଉଁ କର୍ତ୍ତୃପକ୍ଷ ଏହାକୁ ଅନୁମୋଦନ କରିଥିଲେ ଏବଂ କାହିଁକି ତାଙ୍କ ବଦଳରେ ଅନ୍ୟ କାହାକୁ ନିଯୁକ୍ତି ଦିଆଯାଇନି ସମ୍ପର୍କିତ ତଥ୍ୟ ବ୍ଲକ୍ କାର୍ଯ୍ୟାଳୟରେ ଉପଲବ୍ଧ ନଥିବା ପ୍ରଶାସନ ତରଫରୁ ଉଲ୍ଲେଖ କରିବା ପରେ ପ୍ରଶାସନର ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




## ଅବସରପ୍ରାପ୍ତ ମେଜର ନହୁଷ କେଶରୀ ମହାନ୍ତି ସମ୍ବର୍ଦ୍ଧିତ

ମାର୍ଶାଘାଇ,୧୫।୭(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ବଜାରର ଗଣପତି ଛକ ବାସିନ୍ଦା ତଥା ଅବସରପ୍ରାପ୍ତ ମେଜର ନହୁଷ କେଶରୀ ମହାନ୍ତିଙ୍କୁ ସେଣ୍ଟ୍ରାଲ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ ଇନ୍ ଚିଫ୍ ପକ୍ଷରୁ ଭେଟରାନ ଆଚିଭର ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଛି। ସେନାରୁ ଅବସର ପରବର୍ତ୍ତୀ ଆର୍ଥିକ ସ୍ୱାବଲମ୍ବନର ଗୁରୁତ୍ୱକୁ ଅନୁଭବ କରି ସେ ଅନେକ ପୂର୍ବତନ ସେନା ସଦସ୍ୟ ଓ ପେନ୍‌ସନଭୋଗୀଙ୍କୁ ସ୍ୱରୋଜଗାର ଏବଂ ଉଦ୍ୟମିତା ଦିଗରେ ପ୍ରେରିତ କରିଛନ୍ତି। ମୁଦ୍ରା ଋଣ, ସରକାରୀ କଲ୍ୟାଣମୂଳକ ଯୋଜନା ଏବଂ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ସେ ଅନେକ ପରିବାରକୁ ସ୍ୱାବଲମ୍ବୀ ହେବାରେ ସହଯୋଗ କରିଛନ୍ତି। ଭୁବନେଶ୍ୱରସ୍ଥିତ ରେଳ ସଦନ, ପୂର୍ବତଟ ରେଳ ମୁଖ୍ୟାଳୟରେ ଭାରତୀୟ ସେନା ଏବଂ କଣ୍ଟ୍ରୋଲର ଜେନେରାଲ୍ ଅଫ୍ ଡିଫେନ୍ସ ଆକାଉଣ୍ଟସ୍‌ଙ୍କ ମିଳିତ ଆୟୋଜନରେ ୧୯୮ତମ ରକ୍ଷା ପେନ୍ସନ ସମାଧାନ ଆୟୋଜନ କାର୍ଯ୍ୟକ୍ରମରେ ତାଙ୍କୁ ଏହି ଆୱାର୍ଡ଼ ସମ୍ବର୍ଦ୍ଧନା ଦିଆଯାଇଥିଲା ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

## ନଦୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କେନ୍ଦ୍ରାପଡ଼ା, ୧୪।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା କୁଜାନଗରୀ ଥାନା ଅଧୀନ ଚିତ୍ରୋତ୍ପଳା ନଦୀରୁ ମଙ୍ଗଳବାର ଜଣେ ଅଜଣା ପୁରୁଷଙ୍କ ମୃତଦେହ ଉଦ୍ଧାର ହୋଇଛି। ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ କୁଜାନଗରୀ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ କୁଜାନଗରୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ମୃତକଙ୍କ ବୟସ ପ୍ରାୟ ୪୦ରୁ ୪୫ ବର୍ଷ ହୋଇଥିବା ଅନୁମାନ କରାଯାଉଥିବା ବେଳେ, ତାଙ୍କର ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏହି ଘଟଣାରେ କୁଜାନଗରୀ ଥାନାରେ ୟୁ.ଡି. କେସ୍ ନଂ- ୧୩/୨୬ ରୁଜୁ କରାଯାଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପରିଚୟ ମିଳିବା ଆଶାରେ ମୃତଦେହକୁ ୭୨ ଘଣ୍ଟା ପର୍ଯ୍ୟନ୍ତ ମେଡିକାଲର ଶବାଗାରରେ ସଂରକ୍ଷିତ ରଖାଯାଇଛି। ମୃତକଙ୍କ ପରିଚୟ ଏବଂ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଏନେଇ କୁଜାନଗରୀ ଥାନା ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ନୂଆ ଏସ୍‌ଏମ୍‌ସି ଗଠନଃ ଉମେଶ ସଭାପତି, ସୁଜାତା ଉପସଭାପତି



ମହାକାଳପଡ଼ା, ୧୫।୭(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡ଼ାଙ୍ଗ ପଞ୍ଚାୟତର ବାହାର ସୋବଲା ଗ୍ରାମସ୍ଥିତ ଜାଗୁଲାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟି (ଏସ୍‌ଏମ୍‌ସି)ର ସଭାପତି ଓ ଉପସଭାପତି ଚୟନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଚୟନ ପ୍ରକ୍ରିୟାରେ ଉମେଶ ରାଉତ ସର୍ବସମ୍ମତି କ୍ରମେ ଏସ୍‌ଏମ୍‌ସିର ସଭାପତି ଭାବେ ଏବଂ ସୁଜାତା ମଲ୍ଲିକ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି କମିଟିର ଅନ୍ୟ ସଦସ୍ୟ ଭାବେ ଗୋଲାପ ମଲ୍ଲିକ, ସୁମିତ୍ରା ମଲ୍ଲିକ, ସୁଶାନ୍ତ ସେଠୀ, ଆରତତ୍ରାଣ ବାରିକ, ସୁବାଷ ରାଉତ, କହ୍ନେଇ ନାୟକ, ମମତା ମହାପାତ୍ର, ଲକ୍ଷ୍ମୀ ବେହେରା, ଶୁଭଲକ୍ଷ୍ମୀ ନାୟକ, ସୁକାନ୍ତି ବେହେରା, ଗୀତାଞ୍ଜଳି ପାଇତାଳ, ଅନୁସୟା ପାଲ ଓ ଅଲେଖ ସାହୁ ମନୋନୀତ ହୋଇଛନ୍ତି। ନବଗଠିତ ଏସ୍‌ଏମ୍‌ସି ବିଦ୍ୟାଳୟର ଶିକ୍ଷାର ଗୁଣାତ୍ମକ ଉନ୍ନତି, ଭିତ୍ତିଭୂମିର ସୁଦୃଢ଼ୀକରଣ, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଏବଂ ଅଭିଭାବକ-ବିଦ୍ୟାଳୟ ମଧ୍ୟରେ ସମନ୍ୱୟ ବୃଦ୍ଧି ଦିଗରେ ସକ୍ରିୟ ଭୂମିକା ନିର୍ବାହ କରିବ ବୋଲି ନବନିର୍ବାଚିତ ସଭାପତି ଓ ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଭିଭାବକମାନେ ମଧ୍ୟ ନୂତନ କମିଟିକୁ ଶୁଭେଚ୍ଛା ଜଣାଇ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ରହିବ ବୋଲି କହିଛନ୍ତି।

### ବିନା ତାରିଖ ଥିବା ଜିଏସଟି ବିଲ୍‌ରେ ପେମେଣ୍ଟ ମାମଲା

## ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ୍

ସଂଚାର ପ୍ରଭାବ

ମହାକାଳପଡ଼ା, ୧୫।୭(ସଂଚାର ବ୍ୟୁରୋ)ଃ ବିନା ତାରିଖ ଥିବା ଜିଏସଟି ବିଲ୍ ଦାଖଲ କରି ପେମେଣ୍ଟ କରିଥିବା ଜଣେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରିଣୀ (ପିଇଓ) ଙ୍କୁ ମହଙ୍ଗା ପଡ଼ିଛି। ଦାୟିତ୍ୱରେ ଅବହେଳା, ବିନା ଯାଞ୍ଚ୍ କରି ସରକାରୀ ପେମେଣ୍ଟ କରାଇବା ଘଟଣାରେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ବ୍ଲକ୍ ପ୍ରଶାସନ। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତ ଛେଡାକଣୀ ଗ୍ରାମର ସତ୍ୟନାରାୟଣ ମନ୍ଦିର ଠାରୁ ମଦନ ମୋହନ ରାଉତଙ୍କ ଘର ପର୍ଯ୍ୟନ୍ତ ୨୦୨୫-୨୬ ଆର୍ଥିକ ବର୍ଷରେ ୩ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳ କରାଯାଇ ଏକ ପକ୍କା ସଡ଼କ ନିର୍ମାଣ ହୋଇଥିଲା। ଏହି କାର୍ଯ୍ୟ ପାଇଁ ରାମନଗରର ମା ଦୁର୍ଗା ସପ୍ଲାୟରସ ଆଣ୍ଡ୍ ହାର୍ଡୱେର ଠାରୁ ୨୧୧ ବସ୍ତା ସିମେଣ୍ଟ ପିଇଓଙ୍କ ନାମରେ କିଣାଯାଇ ବିଲ୍ କରାଯାଇଥିଲା। ହେଲେ ୬୯, ୬୧୪ ଟଙ୍କାର ଜିଏସଟି ବିଲ୍ ରେ କୌଣସି ତାରିଖ ଉଲ୍ଲେଖ ନଥିବା ସୂଚନା ଅଧିକାର ଆଇନରେ ସାମ୍ନାକୁ ଆସିବା ପରେ ସନ୍ଦେହ ବଢିଥିଲା। ଏନେଇ ୧୯ ଜୁନ ୨୦୨୬ ରେ 'ବରକନ୍ଧା ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ' ଶୀର୍ଷକ ଖବର ସଂଚାର ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବିଭିନ୍ନ ମହଲରେ ଘଟଣାକୁ ନିନ୍ଦା କରାଯାଇଥିଲା। ପ୍ରଶାସନ ତଦନ୍ତ କରି ଭୁଲ୍ ରେ ସମ୍ପୃକ୍ତ ଦୋକାନୀ ତାରିଖ ଛାଡ଼ି ଦେଇଥିବା ସ୍ପଷ୍ଟୀକରଣ ରଖିଥିଲା। ହେଲେ ବୁଧବାର ବ୍ଲକ୍ ପ୍ରଶାସନ ଦାୟିତ୍ୱରେ ଅବହେଳା ପାଇଁ ପଞ୍ଚାୟତର ପିଇଓ ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। କାହିଁକି ବିନା ତାରିଖ ଥିବା ଜିଏସଟି ବିଲ୍ ଗ୍ରହଣ କରାଗଲା ଏବଂ ଟଙ୍କା ଦେୟ କରିବାକୁ ପ୍ରୟାସ କରାଗଲା ?



OFFICE OF THE PANCHAYAT SAMITI
MAHAKALAPADA

To,
The Panchayat Executive Officer,
Barakandha Gram Panchayat,

Sub: Show Cause regarding processing of payment on the basis of an undated GST invoice.

Scanned with CamScanner



ପୁରୀ ଗୋବର୍ଦ୍ଧନ ମଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଶ୍ରୀ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରୁଛନ୍ତି।

### ବୌଦ୍ଧ ଐତିହ୍ୟ ଓ ଆଧ୍ୟାତ୍ମିକ ପର୍ଯ୍ୟଟନ ସୁଦୃଢ଼ ପାଇଁ ଉଦ୍ୟମ

# ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାର ସହ ବୁଝାମଣାପତ୍ର

- ପର୍ଯ୍ୟଟକଙ୍କ ପାଇଁ ଆଧ୍ୟାତ୍ମିକ ଅନୁଭୂତି ସୃଷ୍ଟି କରିବ: ଉପମୁଖ୍ୟମନ୍ତ୍ରୀ
- ସାଂସ୍କୃତିକ ସଂରକ୍ଷଣ ଦିଗରେ ଏକ ଦୃଢ଼ ପଦକ୍ଷେପ: ସୂରଜ



**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଓଡ଼ିଶାର ସମୃଦ୍ଧ ବୌଦ୍ଧ ସଂସ୍କୃତିର ସଂରକ୍ଷଣ ଓ ପ୍ରସାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ଲୋକସେବା ଭବନଠାରେ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜିରାଙ୍ଗସ୍ଥିତ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାର ସହ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଓଡ଼ିଶାକୁ ବୌଦ୍ଧ ଐତିହ୍ୟ, ଆଧ୍ୟାତ୍ମିକତା, ଗବେଷଣା ଓ ସାଂସ୍କୃତିକ ପର୍ଯ୍ୟଟନ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ମାନ୍ୟତାପ୍ରାପ୍ତ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ଯେଉଁ ସଂକଳ୍ପ ରହିଛି, ଏହି ଭାଗିଦାରୀ ତାହାକୁ ଆହୁରି ସୁଦୃଢ଼ କରିବ।

ଏହି ବୁଝାମଣାପତ୍ର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ; ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଜିରାଙ୍ଗ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାରର ସଭାପତି ହିଜ୍ ଏମିନେନ୍ସ ଗ୍ୟେତୁଲ ଜିଗ୍ମେ ରିନପୋଛେଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସେ କହିଛନ୍ତି ଯେ ଓଡ଼ିଶାର ବୌଦ୍ଧ ଐତିହ୍ୟ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ସାଂସ୍କୃତିକ ସମ୍ପଦ ଓ ଏହାର ପର୍ଯ୍ୟଟନ ସମ୍ଭାବନାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏହି ମିଳିତ ସହଯୋଗ ସାରା ବିଶ୍ୱର ପର୍ଯ୍ୟଟକମାନଙ୍କ ପାଇଁ ପ୍ରକୃତ ଆଧ୍ୟାତ୍ମିକ ଅନୁଭୂତି ସୃଷ୍ଟି କରିବା ସହ ଏହି ଚିରନ୍ତନ ସଂସ୍କୃତିର ସଂରକ୍ଷଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି।

ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ଓଡ଼ିଶାର ବୌଦ୍ଧ ପରମ୍ପରା ଇତିହାସ, ଦର୍ଶନ ଓ ଜୀବନ୍ତ ସଂସ୍କୃତିର ଏକ ଅନନ୍ୟ ସମନ୍ୱୟ। ଏହି ଭାଗିଦାରୀ କେବଳ ମୂଲ୍ୟବାନ ଐତିହ୍ୟର ସଂରକ୍ଷଣ କରିବାରେ ସାହାଯ୍ୟ କରିବ ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଓଡ଼ିଶାର ସମୃଦ୍ଧ ବୌଦ୍ଧ ସଂସ୍କୃତି ସହ ଗବେଷଣା, ସାଂସ୍କୃତିକ ଆଦାନପ୍ରଦାନ ଓ ଜନସାଧାରଣଙ୍କ ଗଭୀର ସମ୍ପୃକ୍ତିକୁ ମଧ୍ୟ ପ୍ରୋତ୍ସାହିତ କରିବ।

## ରାମ ମନ୍ଦିର ହୁଣ୍ଡି ଚୋରି ଘଟଣାରେ କଂଗ୍ରେସର ଉଦ୍‌ବେଗ



**କଟକ,୧୫।୭(ସଂଚାର ବ୍ୟୁରୋ):** ଅଯୋଧ୍ୟାର ପବିତ୍ର ରାମମନ୍ଦିରକୁ ରାଜନୈତିକ ବ୍ୟକ୍ତିବିଶେଷଙ୍କଠାରୁ ଦୂରେଇ ରଖାଯାଉ ବୋଲି ଦାବି କରିଛି କଟକ କଂଗ୍ରେସ। ଏଭଳି ପ୍ରସଙ୍ଗ ଉପରେ କଂଗ୍ରେସ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ କରାଯାଇଛି। କଟକ ନଗର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଯେପରି ଭାବେ ଅଯୋଧ୍ୟାସ୍ଥିତ ରାମ ମନ୍ଦିରରେ ଅର୍ଥ ତୋଷରପାତ ଓ ଦାନ ଟଙ୍କା ହେରଫେର ହେଲା, ତାହା ନିନ୍ଦନୀୟ। ବିଶ୍ୱାସ ନାମରେ ରାଜନୀତି ଓ ରାମ ମନ୍ଦିର ନିର୍ମାଣ ଭେଟି ନାମରେ ଲୁଟ୍ ଯୋଜନା କରାଯାଇଥିଲା। ମନ୍ଦିର କମିଟିରେ ଥିବା ବିଜେପି, ଆର୍‌ଏସ୍‌ଏସ୍, ବିଶ୍ୱ ହିନ୍ଦୁ ପରିଷଦର ମୁଖିଆମାନେ ଟ୍ରଷ୍ଟର ପରିଚାଳନା ଦାୟିତ୍ୱରେ ଅଛନ୍ତି। ସେମାନେ ଏହି ହେରଫେର ଘଟଣାରେ ସମ୍ପୃକ୍ତ ରହି ଧରାପଡ଼ି ଜେଲ ଯାଇଛନ୍ତି। ଏତେ ବଡ଼ ଘଟଣା ପରେ ବି ପ୍ରଧାନମନ୍ତ୍ରୀ ଚୁପ କାହିଁକି ବୋଲି ନଗର ସଭାପତି ଶାନ୍ତାୟନ ମିଶ୍ର ପ୍ରଶ୍ନ କରିଛନ୍ତି। ଭକ୍ତଙ୍କ ଶ୍ରଦ୍ଧା ଓ ଭକ୍ତି ପ୍ରତି ଏପରି କୁଠାରାଘାତ କରାଯିବା ବାସ୍ତବରେ ନିନ୍ଦନୀୟ। ତେଣୁ ରାମ ମନ୍ଦିର ଭଳି ପବିତ୍ର ସ୍ଥାନକୁ ଏଭଳି ସଙ୍ଗଠନଠାରୁ ଦୂରରେ ରଖାଯିବା ଉଚିତ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ପ୍ରଭାତଙ୍କୁ ସମ୍ବର୍ଦ୍ଧିତ କଲେ ଇନ୍ଦ୍ରାଣୀପାଟଣା ଗ୍ରାମବାସୀ



**କଟକ,୧୫।୭(ସଂଚାର ବ୍ୟୁରୋ):** ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ତାଙ୍କ ସମର୍ଥକ ବିଜେପିରେ ଯୋଗଦେବା ପରେ ଅଞ୍ଚଳରେ ନୂତନ ଉତ୍ସାହ ଦେଖାଦେଇଛି। ଗତ ୧୨ ତାରିଖରେ ମିଶ୍ରଣ ପରଠାରୁ ଚୌଦ୍ୱାର-କଟକର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟ, ଦଳୀୟ କର୍ମୀ ଓ ସାଧାରଣ ଜନତା ଆସି ଡଃ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ଏହି କ୍ରମରେ ଆଜି ଓଏମପି ଡାକ ବଙ୍ଗଳାଠାରେ ଇନ୍ଦ୍ରାଣୀପାଟଣା ଗ୍ରାମବାସୀ ଡଃ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ବିଜେପିରେ ଯୋଗଦେବା ପରେ ଗ୍ରାମବାସୀ ସେମାନଙ୍କ ଖୁସି ଜାହିର କରିବା ସହ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ଇନ୍ଦ୍ରାଣୀପାଟଣା ଗ୍ରାମ ପଞ୍ଚାୟତ ସରପଞ୍ଚ ନମିତା ମଲ୍ଲିକ, ପୂର୍ବତନ ସରପଞ୍ଚ ସରୋଜ ପ୍ରଧାନ ଓ ସମିତି ସଭ୍ୟ ମୋହନ ସାହୁ, ବରିଷ୍ଠ ନେତୃତ୍ୱ ବିନୟ ମଲ୍ଲିକ, ବାଦଲ ଗୋଚ୍ଛାୟତ, କାଳନ୍ଦୀ ଗୋଚ୍ଛାୟତ, ଦାମୋଦର ଦାସ, ଅଭିମନ୍ୟୁ ପାତ୍ର, ପ୍ରଶାନ୍ତ ରାଉତ, ଶଶିଭୂଷଣ ଜେନା, ଲକ୍ଷ୍ମୀଧର ବାରିକ, କୈଳାସ ରାଉତ ପ୍ରମୁଖ ଯୋଗଦେଇ ଡଃ ବିଶ୍ୱାଳଙ୍କ ଏହି ରାଜନୈତିକ ପଦକ୍ଷେପ ଆଗାମୀ ଦିନରେ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ଆହୁରି ଦୃଢ଼ କରିବ ବୋଲି ଆଶା ପ୍ରକାଶ କରିଛନ୍ତି।

### ● ସିଆଇଆଇ ପକ୍ଷରୁ ଯୁବ ଭାରତୀୟ ସଂସଦ

## ବିଧାନସଭାର ଗାରିମା ବଜାୟ ରଖିବା ଆମ ଦାୟିତ୍ୱ: ବାଚସ୍ପତି



**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଭୁବନେଶ୍ୱର ଶାଖା ପକ୍ଷରୁ ଯୁବ ଭାରତୀୟଙ୍କୁ ଯୁବ ଭାରତୀୟ ସଂସଦ କାର୍ଯ୍ୟକ୍ରମ ଅଧିନରେ ଓଡ଼ିଶା ବିଧାନସଭାର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରିବା ପାଇଁ ଶିକ୍ଷା ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ୮ଟି ବିଦ୍ୟାଳୟର ନବମରୁ ଦ୍ୱାଦଶ ଶ୍ରେଣୀର ପ୍ରାୟ ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଓଡ଼ିଶା ବିଧାନସଭାର ଏକ ଗୌରବମୟ ଐତିହ୍ୟ ଓ ପରମ୍ପରା ରହିଛି। ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର। ଏହାର ଗରିମା ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଛାତ୍ରଛାତ୍ରୀମାନେ ସେମାନଙ୍କର ପାଠ୍ୟକ୍ରମରେ ବିଧାନସଭା ଓ ସଂସଦର କାର୍ଯ୍ୟ, ଧାରା ଓ ପରିସର ସମ୍ପର୍କିତ ଜ୍ଞାନ ଆହରଣ କରୁଥିଲେ ମଧ୍ୟ ଏଭଳି ଶିକ୍ଷାବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନେ ବିଧାନସଭାର କାର୍ଯ୍ୟଧାରା ସମ୍ପର୍କରେ ବିଶଦ ଭାବେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ।

ଆଜିର ଛାତ୍ରଛାତ୍ରୀମାନେ ଆଗାମୀ ଦିନର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାମିଲ ହୋଇ ଦେଶ ଓ ଜାତି ଗଠନରେ ଅବଦାନ ରଖିବା ପାଇଁ ସ୍ୱତସ୍ଫୁର୍ତ୍ତ ଭାବେ ଆଗେଇ ଆସିବା ଉଚିତ। ନିଜକୁ ଜଣେ ଜଣେ ସୁନାଗରିକ ଭାବେ ପରିବର୍ତ୍ତନ କରି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆହୁରି ସମୃଦ୍ଧ ଓ ଗରୀୟାନ କରିବା କ୍ଷେତ୍ରରେ ଯୋଗଦାନ ଦେବା ଉଚିତ। ତା'ହେଲେ ଯାଇ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି ସେ କହିଥିଲେ।

## ଇସ୍ପାତ ମନ୍ତ୍ରଣାଳୟର ପରାମର୍ଶଦାତା କମିଟି ବୈଠକ

### ● ଯାଜପୁର ସାଂସଦଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ

**ଦୁର୍ଗାପୁର,୧୫।୭(ସଂଚାର ବ୍ୟୁରୋ):** ଯାଜପୁର ଲୋକସଭା ନିର୍ବାଚନମଣ୍ଡଳୀର ସାଂସଦ ଓ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟ ଡ. ଆର୍‌ଏନ୍ ବେହେରା ସମ୍ପ୍ରତି ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇସ୍ପାତ ମନ୍ତ୍ରଣାଳୟର ପରାମର୍ଶଦାତା କମିଟି ବୈଠକରେ ଯୋଗଦେଇ ଇସ୍ପାତ ଶିଳ୍ପ ଏବଂ ମାନବ ସମ୍ବଳ ବିକାଶ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଡ. ବେହେରା ସୁକିନ୍ଦାସ୍ଥିତ ବିଜୁ ପଟ୍ଟନାୟକ ନ୍ୟାସନାଲ୍ ସ୍କିଲ୍ ଇନଷ୍ଟିଚ୍ୟୁଟ୍‌କୁ ଉନ୍ନୀତ କରି ଏକ ଜାତୀୟ ଉତ୍କର୍ଷ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଏଥିସହ ଉନ୍ନତ ପ୍ରଶିକ୍ଷଣ, ଗବେଷଣା ଓ ଦକ୍ଷତା ବିକାଶ ବ୍ୟବସ୍ଥା ସହ ଆଧୁନିକ ପ୍ରଯୁକ୍ତି, ବିଶେଷକରି କୃତ୍ରିମ ବୁଦ୍ଧିମତା ଆଧାରିତ ବିଶ୍ୱସ୍ତରୀୟ ମାନବ ସମ୍ବଳ ଭିତ୍ତିଭୂମି ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଡ. ବେହେରା ସୁକିନ୍ଦାସ୍ଥିତ ବିଜୁ ପଟ୍ଟନାୟକ ନ୍ୟାସନାଲ୍ ସ୍କିଲ୍ ଇନଷ୍ଟିଚ୍ୟୁଟକୁ ପୁନଃକାର୍ଯ୍ୟକ୍ଷମ କରିବା ଦିଗରେ ତାଙ୍କର ନିରନ୍ତର ଦାବିକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାରଙ୍କ ସହଯୋଗରେ ପଦକ୍ଷେପ ଗ୍ରହଣ କରିଥିବାରୁ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ଓ କେନ୍ଦ୍ର ଇସ୍ପାତ ସଚିବଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ବୈଠକରେ କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଓ ଭାରତ ସରକାରଙ୍କ ଇସ୍ପାତ ସଚିବ ମଧ୍ୟ ଉପସ୍ଥିତ ଥିଲେ।





### ■ ରାଜ୍ୟସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୬ ପାଳିତ

## ବଡ଼ ସ୍ୱପ୍ନ ଦେଖ, ଦକ୍ଷତା ବଢ଼ାଅ: ଶିଳ୍ପ ମନ୍ତ୍ରୀ

**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଓଡ଼ିଶାକୁ ସାରା ଦେଶରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାର ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ ସମାରୋହ ପାଳନ ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି।

ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଶିଳ୍ପ ମନ୍ତ୍ରୀ ଓଡ଼ିଶାର ସଫଳ ଯୁବପିଢ଼ିକୁ ଶୁଭେଚ୍ଛା ଜଣାଇ କହିଥିଲେ, ଆପଣଙ୍କ ଦକ୍ଷତା ହେଉଛି ଭାରତର ଶକ୍ତି, ଆପଣଙ୍କ ସଫଳତା ହେଉଛି ଭାରତର ଗର୍ବ। ବର୍ତ୍ତମାନ ସମୟରେ ଆଡଭାନ୍ସଡ ମାନୁଫ୍ୟାକ୍ଚରିଂ, ଡିଜିଟାଲ ଟେକ୍ନୋଲୋଜି, ଗ୍ରୀନ ଇକୋନୋମି ଏବଂ ସେବା କ୍ଷେତ୍ରରେ ମିଳୁଥିବା ନୂଆ ନୂଆ ସୁଯୋଗର ଫାଇଦା ନେବା ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଦରକାର। ଏଥିପାଇଁ ସେମାନଙ୍କୁ ସ୍କିଲିଂ, ରି-ସ୍କିଲିଂ ଓ ଅପସ୍କିଲିଂ ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ବଡ଼ ସ୍ୱପ୍ନ ଦେଖ, ଦକ୍ଷତା ବଢାଅ ବୋଲି ସେ ଆହ୍ୱାନ ଦେଇଛନ୍ତି।

### ସମ୍ମାନିତ ହେଲେ ଇଣ୍ଡିଆସ୍କିଲ୍ସ ବିଜେତା

ଇଣ୍ଡିଆସ୍କିଲ୍ସ ପ୍ରତିଯୋଗିତା ୨୦୨୫-୨୬ର ମୋଟ୍ ୬୨ ଜଣ ପଦକ ବିଜେତାଙ୍କୁ 'ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ବାବଦକୁ ସ୍ୱର୍ଣ୍ଣ ପଦକ ପାଇଁ ୨ ଲକ୍ଷ, ରୌପ୍ୟ ପଦକ ପାଇଁ ୧ ଲକ୍ଷ, ବ୍ରୋଞ୍ଜ ପଦକ ପାଇଁ ୫୦ ହଜାର ଓ ମେଡାଲିଅନ୍ ଅଫ୍ ଏକ୍ସିଲେନ୍ସ ପାଇଁ ୨୫ ହଜାର ପ୍ରଦାନ କରାଯାଇଛି। ଦେଶରେ ସବୁଠାରୁ ଅଧିକ ପଦକ ଜିତି ଓଡ଼ିଶା, ଇଣ୍ଡିଆସ୍କିଲ୍ସ ୨୦୨୫-୨୬ ରେ 'ନ୍ୟାସନାଲ ସ୍କିଲ୍ ଚାମ୍ପିଅନ୍' ହୋଇଛି। ଏହା ରାଜ୍ୟର ମଜବୁତ୍ ଦକ୍ଷତା ବିକାଶ ବ୍ୟବସ୍ଥା ଏବଂ ଯୁବପିଢ଼ିଙ୍କ ଉତ୍କୃଷ୍ଟ ପ୍ରତିଭାକୁ ଦର୍ଶାଉଛି।

## ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗର 'ଛାତ୍ରୋଁ କୀ ଗୁଞ୍ଜ' କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଆଜି ରାଜ୍ୟ କଂଗ୍ରେସ ଭବନଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ 'ଛାତ୍ରୋଁ କୀ ଗୁଞ୍ଜ" କାର୍ଯ୍ୟକ୍ରମ ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ଛାତ୍ରଛାତ୍ରୀମାନଙ୍କ ଗହଣରେ ଉପସ୍ଥିତ ରହି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ସମ୍ପ୍ରତି ଦେଶରେ ଯୁବ ଓ ଛାତ୍ର ସମାଜ କିପରି ଭାବେ ସରକାରଙ୍କ ଦ୍ୱାରା ପ୍ରତାରିତ ହେଉଛନ୍ତି, ସେ ଦିଗ ଉପରେ ଆଲୋକପାତ କରିଥିଲେ। ଶ୍ରୀ ଦାସ ଭାରତ ସରକାରଙ୍କୁ ଯୁବ ଛାତ୍ର ବିରୋଧୀ ସରକାର ଭାବେ ଅଭିହିତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଅଖିଳ ଭାରତ କଂଗ୍ରେସ କମିଟିର ଜାତୀୟ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଉଦ୍‌ବୋଧନ ଦେଇଥିଲେ। ଶ୍ରୀ ମଲ୍ଲିକ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାର ଆଗାମୀ ଦିନରେ ତ୍ରୁଟିମୁକ୍ତ ପରୀକ୍ଷା ପ୍ରଣାଳୀ ଅନୁସରଣ କରିବା ଉଚିତ ବୋଲି କହିଥିଲେ। ୨୦୨୧ରୁ ଆଜି ପର୍ଯ୍ୟନ୍ତ ୯୧ ଜଣ ନିଟ୍ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଥିବା ବେଳେ ଏହା ପ୍ରତିବାଦରେ 'ଛାତ୍ରୋଁ କୀ ଗୁଞ୍ଜ' କାର୍ଯ୍ୟକ୍ରମ ଜାରି ରହିଛି।

### ● ବେଦାନ୍ତର ଶିଳ୍ପ-ସଂଯୁକ୍ତ ଦକ୍ଷତା କାର୍ଯ୍ୟକ୍ରମ

## ସଶକ୍ତ ହୋଇଛନ୍ତି ୧୫ ହଜାରରୁ ଅଧିକ ଯୁବକ



**ଝାରସୁଗୁଡ଼ା,୧୫।୭(ସଂଚାର ବ୍ୟୁରୋ):** ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶା ଓ ଛତିଶଗଡ଼ରେ ଶିଳ୍ପ-ସଂଯୁକ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୧୫ ହଜାରରୁ ଅଧିକ ଯୁବକଙ୍କୁ ସଶକ୍ତ କରିଛି। ଝାରସୁଗୁଡ଼ା, ଲାଞ୍ଜିଗଡ଼, ବାଲକୋ ଓ ଏହାର କୋଇଲା ଖଣିରେ ବ୍ୟାପକ ପଦକ୍ଷେପ ମାଧ୍ୟମରେ କମ୍ପାନୀ ଯୁବପିଢ଼ିଙ୍କୁ ବଜାର-ପ୍ରାସଙ୍ଗିକ ଦକ୍ଷତା, ଶିଳ୍ପ ସମ୍ପ୍ରସାରଣ ଓ ସ୍ଥାୟୀ ଜୀବିକା ନିର୍ବାହ ସୁଯୋଗ ଦେଇଛି। କେବଳ ଆର୍ଥିକ ବର୍ଷ ୨୦୨୬ରେ ବେଦାନ୍ତର ଦକ୍ଷତା କାର୍ଯ୍ୟକ୍ରମ ୧୫୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେଇଛି, ଯାହା

### ୧୩୧ ପ୍ରାର୍ଥୀଙ୍କ ପାଇଁ ସୃଷ୍ଟି ହୋଇଛି ନିଯୁକ୍ତି ସୁଯୋଗ

ଦକ୍ଷତା ବଢ଼ାଇବା ସହ ନିଯୁକ୍ତି, ଉଦ୍ୟୋଗ ଓ ଆର୍ଥିକ ସ୍ୱାଧୀନତା ପାଇଁ ପଥ ସୃଷ୍ଟି କରିଛି।

ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୬ର ବିଷୟବସ୍ତୁ 'ଏକ ଅଂଶୀଦାର ଭବିଷ୍ୟତ ପାଇଁ ଦକ୍ଷତା', ଦ୍ରୁତ ପରିବର୍ତ୍ତିତ କାର୍ଯ୍ୟ ଜଗତରେ ଉନ୍ନତି ପାଇଁ ଯୁବକଙ୍କୁ ବୈଷୟିକ, ଡିଜିଟାଲ୍, ଏଆଇ ଏବଂ ଆନ୍ତର୍ଜାତିକ ଦକ୍ଷତାର ମିଶ୍ରଣ ସହ ପ୍ରସ୍ତୁତ କରିବାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଛି। ଶିଳ୍ପଗୁଡ଼ିକ ବର୍ଦ୍ଧିତ ଭାବେ ପ୍ରଯୁକ୍ତିବିଦ୍ୟା ଓ ଉନ୍ନତ ଉତ୍ପାଦନକୁ ଗ୍ରହଣ କରୁଥିବାରୁ ବେଦାନ୍ତ ଆଲୁମିନିୟମର ଦକ୍ଷତା ଇକୋସିଷ୍ଟମ ଶିଳ୍ପ-ମୁଖୀ ବୃତ୍ତିଗତ ତାଲିମ, କ୍ୟାରିଅର ମାର୍ଗଦର୍ଶନ, କର୍ମକ୍ଷେତ୍ର ପ୍ରସ୍ତୁତି ଓ ସ୍ଥାନ ସହାୟତା ପ୍ରଦାନ କରୁଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି ଯେ ଯୁବକମାନେ ଭାରତର ଅଭିବୃଦ୍ଧି କାହାଣୀର କେନ୍ଦ୍ରବିନ୍ଦୁ ଏବଂ ଦକ୍ଷତା ହେଉଛି ଆକାଂକ୍ଷା ଓ ସୁଯୋଗ ମଧ୍ୟରେ ସେତୁ। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ପଦକ୍ଷେପଗୁଡ଼ିକ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ନିର୍ମାଣ କରିବାରେ ସାହାଯ୍ୟ କରୁଛି, ଯାହା ବ୍ୟକ୍ତିଗତ ପ୍ରଗତି ଓ ଜାତୀୟ ବିକାଶରେ ଯୋଗଦାନ ଦେଉଛି।

# ପର୍ଯ୍ୟଟକଙ୍କ ପାଇଁ 'ସୁରକ୍ଷିତ ପର୍ଯ୍ୟଟକ ଅଭିଯାନ'



**ପୁରୀ,୧୫।୭(ସଂଚାର ବ୍ୟୁରୋ):** ଓଡ଼ିଶାରେ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ରାଜ୍ୟକୁ ଏକ ନିରାପଦ ତଥା ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ଦିଗରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ଜାତୀୟ ଜଳକ୍ରୀଡ଼ା ସଂସ୍ଥାନ (ଏନଆଇଡବ୍ଲ୍ୟୁଏସ)ର ମିଳିତ ସହଯୋଗରେ ଆଜି ପୁରୀଠାରେ 'ସୁରକ୍ଷିତ ପର୍ଯ୍ୟଟକ ଅଭିଯାନ'ର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବୃତ୍ତିଗତ ଭାବେ ତାଲିମପ୍ରାପ୍ତ ଲାଇଫ୍‌ଗାର୍ଡମାନଙ୍କୁ ସରକାରୀ ଲାଇସେନ୍ସ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ସଫଳତାର ସହ ଜୀବନରକ୍ଷା ତାଲିମ ସମାପ୍ତ କରିଥିବା ଏହି ଲାଇଫ୍‌ଗାର୍ଡମାନେ ଓଡ଼ିଶାର ସମୁଦ୍ର ଉପକୂଳ ଓ ଆଭ୍ୟନ୍ତରୀଣ ଜଳାଶୟଗୁଡ଼ିକରେ ପର୍ଯ୍ୟଟକ ତଥା ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ନିୟୋଜିତ ହେବେ। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଓ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଆଧୁନିକ ବେଳାଭୂମି ସୁରକ୍ଷା ଓ ଉଦ୍ଧାର ଉପକରଣଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଏଥିରେ ଅଲ୍-ଟେରେନ୍ ଭେହିକିଲ୍, ରେସ୍କ୍ୟୁ ବୋର୍ଡ, ରେସ୍କ୍ୟୁ ଟ୍ୟୁବ୍, ଇନଫ୍ଲେଟେବଲ୍ ରେସ୍କ୍ୟୁ ବୋଟ୍, ଲାଇଫ୍ ଜ୍ୟାକେଟ୍ ଓ ଆଧୁନିକ ଯୋଗାଯୋଗ ଉପକରଣ ସାମିଲ ରହିଛି, ଯାହା ବେଳାଭୂମିରେ ନଜର ରଖିବା ଓ ତୁରନ୍ତ ଉଦ୍ଧାର କାର୍ଯ୍ୟ କରିବାରେ ବେଶ୍ ସହାୟକ ହେବ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ ପର୍ଯ୍ୟଟକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ରାମଚଣ୍ଡୀଠାରେ 'ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନ୍‌ସିପ୍ ଆଣ୍ଡ ଲାଇଫ୍‌ଗାର୍ଡ ଇନଷ୍ଟିଚ୍ୟୁଟ୍'ର ପ୍ରତିଷ୍ଠା ଦ୍ୱାରା ଅନ୍ତର୍ଜାତୀୟ ସ୍ତରର ଜୀବନରକ୍ଷା କାର୍ଯ୍ୟ ପାଇଁ ଏକ ଦକ୍ଷ ଲାଇଫ୍‌ଗାର୍ଡ କ୍ୟାଡର ପ୍ରସ୍ତୁତ କରିବାର ମୂଳଦୁଆ ପଡ଼ିପାରିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦୦ ଲାଇଫ୍‌ଗାର୍ଡଙ୍କୁ ସର୍ଫ ଲାଇଫ୍ ସେଭିଂ, ଓପନ୍ ୱାଟର ରେସ୍କ୍ୟୁ, ଅଣ୍ଡରୱାଟର ରେସ୍କ୍ୟୁ, ସ୍ୱିମିଂ ପୁଲ୍ ରେସ୍କ୍ୟୁ, ସିପିଆର, ପ୍ରାଥମିକ ଚିକିତ୍ସା ଓ ଜରୁରୀକାଳୀନ ମୁକାବିଲା କୌଶଳ ଉପରେ ଉଚ୍ଚତର ତାଲିମ ପ୍ରଦାନ କରାଯାଇଛି।

## ବିଜେପି ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ପ୍ରଭାରୀ ବୈଠକ ଅନୁଷ୍ଠିତ



**ଭୁବନେଶ୍ୱର,୧୫।୭ (ସଂଚାର ବ୍ୟୁରୋ) :** ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ପ୍ରଭାରୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପାର୍ଟିର ସାଙ୍ଗଠନିକ ଦୃଷ୍ଟିକୋଣରୁ ବୁଥ କମିଟିଠାରୁ ଆରମ୍ଭ କରି ମଣ୍ଡଳ କମିଟି ଓ ଜିଲ୍ଲା କମିଟି ସମେତ ସମସ୍ତ ମୋର୍ଚ୍ଚା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ଷେତ୍ରୀୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂସଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ପ୍ରଭାରୀ ଉପସ୍ଥିତ ଥିଲେ। ସଙ୍ଗଠନକୁ ବୁଥ୍ ସ୍ତର ପର୍ଯ୍ୟନ୍ତ ସଶକ୍ତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବୁଥ ସ୍ତରରେ ପହଞ୍ଚାଇବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆଲୋଚନା ହୋଇଛି। ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ପ୍ରସଙ୍ଗରେ ଆଲୋଚନା ହେବା ଆଗାମୀ ଦିନରେ ସମସ୍ତ ମୋର୍ଚ୍ଚାର ଓ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି।

ସେହିପରି ଯାଜପୁର ଲୋକସଭା କ୍ଷେତ୍ରର କୋର କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଯାଜପୁର ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ପ୍ରଭାରୀ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଯାଜପୁର ସାଂସଦ ରବି ନାରାୟଣ ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକ ଓ ବିଧାୟକ ପ୍ରାର୍ଥୀ, ଜିଲ୍ଲା ସଭାପତି ଯୋଗ ଦେଇଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ | ଗୁରୁବାର ୧୬ ଜୁଲାଇ ୨୦୨୬, ଭୁବନେଶ୍ୱର
Thursday 16 July 2026, Bhubaneswar


# ଚିନ୍ତାଜନକ ସ୍ଥିତିରେ ମହିଳାଙ୍କ ସ୍ୱାସ୍ଥ୍ୟ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ମହିଳା ସ୍ୱାସ୍ଥ୍ୟ ପ୍ରତି ଗଭୀର ଉଦ୍ବେଗ ପ୍ରକାଶ କରିଛି। ଏହା କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ବରଂ ମାନବୀୟ ଅଧିକାର, ସମାନତା ଏବଂ ବିକାଶର ମୂଳ ପ୍ରଶ୍ନ। ମାତୃ ମୃତ୍ୟୁ, ଲିଙ୍ଗଗତ ହିଂସା, ପୁନର୍ଜନନ ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ସମସ୍ୟା ମହିଳାଙ୍କ ଜୀବନକୁ ବିପନ୍ନ କରୁଛି। ସମ୍ପ୍ରତି ବିଶ୍ୱରେ ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ଏହାର ପ୍ରତିକାରକୁ ନେଇ ଏକ ରିପୋର୍ଟ ପ୍ରକାଶ କରିଛି।

ହୁ'ର ରିପୋର୍ଟ ଅନୁଯାୟୀ, ପ୍ରତିଦିନ ପ୍ରାୟ ୭୧୨ ମହିଳା ଗର୍ଭାବସ୍ଥା ଏବଂ ପ୍ରସବ ସମୟରେ ପ୍ରତିରୋଧଯୋଗ୍ୟ କାରଣରୁ ମୃତ୍ୟୁବରଣ କରନ୍ତି। ୨୦୨୩ରେ ବିଶ୍ୱବ୍ୟାପୀ ପ୍ରାୟ ୨.୬ ଲକ୍ଷ ମହିଳାଙ୍କ ମୃତ୍ୟୁ ହୋଇଥିଲା, ଯେଉଁଥିରେ ୯୪ ପ୍ରତିଶତ ମହିଳା ନିମ୍ନ ଆୟବର୍ଗ ଦେଶରେ। ସାହାରା ଆଫ୍ରିକା ଏବଂ ଦକ୍ଷିଣ ଏସିଆ ଏହି ବୋଝର ଅଧିକାଂଶ ଭାଗ ବହନ କରୁଛି। ଭାରତରେ ମାତୃମୃତ୍ୟୁ ହାର କମିଥିଲେ ମଧ୍ୟ, ଗ୍ରାମାଞ୍ଚଳ ଏବଂ ଦରିଦ୍ର ସମ୍ପ୍ରଦାୟରେ ଏହା ଏପର୍ଯ୍ୟନ୍ତ ଉଚ୍ଚ ରହିଛି। ରକ୍ତସ୍ରାବ, ଉଚ୍ଚ ରକ୍ତଚାପ, ସଂକ୍ରମଣ ଏବଂ ଅସୁରକ୍ଷିତ ଯତ୍ନ ଏହି ମୃତ୍ୟୁର ମୂଳ କାରଣ ବୋଲି କୁହାଯାଉଛି।

ମହିଳା ସ୍ୱାସ୍ଥ୍ୟର ଆଉ ଏକ ବଡ଼ ଚିନ୍ତା ହେଉଛି ଲିଙ୍ଗଗତ ହିଂସା। ହୁ କହିଛି ଯେ ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ମହିଳା ଜୀବନରେ ଶାରୀରିକ କିମ୍ବା ଯୌନ ହିଂସାର ଶିକାର ହୁଅନ୍ତି। ଏହା କେବଳ ଶାରୀରିକ ଆଘାତ ନୁହେଁ, ମାନସିକ ସ୍ୱାସ୍ଥ୍ୟ, ପ୍ରଜନନ ସମସ୍ୟା ଏବଂ ଦୀର୍ଘକାଳୀନ ରୋଗର କାରଣ ହୋଇଥାଏ। ଭାରତରେ ଘରୋଇ ହିଂସା, ଦହେଜ, ବଳାତ୍କାର ଏବଂ ଯୌନିକ ନିର୍ଯ୍ୟାତନା ମହିଳାଙ୍କ ସ୍ୱାସ୍ଥ୍ୟକୁ ବ୍ୟାପକ ଭାବେ ପ୍ରଭାବିତ କରୁଛି। ସାମାଜିକ କଟକଣା, ଶିକ୍ଷାର ଅଭାବ ଏବଂ ଅର୍ଥନୈତିକ ନିର୍ଭରଶୀଳତା ଏହି ଚକ୍ରକୁ ଜାରି ରଖୁଛି।

ମହିଳା ସ୍ୱାସ୍ଥ୍ୟରେ ଅଣସଂକ୍ରାମକ ରୋଗ ଯେପରି ଡାଇବେଟିସ୍, ଉଚ୍ଚ ରକ୍ତଚାପ, କର୍କଟ ଏବଂ ହୃଦରୋଗର ଭୂମିକା ବଢୁଛି। ଗର୍ଭାବସ୍ଥାରେ ଏହି ସମସ୍ୟା ମା ଏବଂ ଶିଶୁ ଉଭୟଙ୍କ ପାଇଁ ବିପଦ



ସୃଷ୍ଟି କରୁଛି। ଫିମେଲ୍ ଜେନିଟାଲ୍ ମ୍ୟୁଟିଲେସନ୍ (ଏଫଜିଏମ) ପରି କୁପ୍ରଥା ମଧ୍ୟ ଅନେକ ଦେଶରେ ଜାରି ରହିଛି, ଯାହା ମହିଳାଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଛି। ହୁ ଏହି ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଆହ୍ୱାନ ଦେଇଛି।

ଭାରତ ଏବଂ ଓଡ଼ିଶାର ପ୍ରସଙ୍ଗରେ ଏହି ସମସ୍ୟା ଆହୁରି ଗୁରୁତର। ଓଡ଼ିଶାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଅଭାବ, ପୋଷଣହୀନତା ଏବଂ ଜନ୍ମ ନିୟନ୍ତ୍ରଣ ସୁବିଧାର ଅପର୍ଯ୍ୟାପ୍ତତା ମହିଳାଙ୍କୁ ପ୍ରଭାବିତ କରୁଛି। କୋଭିଡ୍ ମହାମାରୀ ପରେ ସେବା ବ୍ୟାହତ ହୋଇଥିଲା, ଯାହାର ପ୍ରଭାବ ଏପର୍ଯ୍ୟନ୍ତ ରହିଛି। ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ ନେତୃତ୍ୱ ପଦରେ ସେମାନଙ୍କର ପ୍ରତିନିଧିତ୍ୱ କମ୍ ରହିଛି।

ହୁ'ର ଆହ୍ୱାନ ହେଉଛି ସାର୍ବଜନୀନ ସ୍ୱାସ୍ଥ୍ୟ ଆବରଣ, ଲିଙ୍ଗ ସମାନତା ଏବଂ ଜୀବନଚକ୍ର ଆଧାରିତ ଯତ୍ନ। ଏଥିପାଇଁ ଆବଶ୍ୟକ ହେଉଛି ଗର୍ଭବତୀ ମହିଳାଙ୍କ ପାଇଁ ଉନ୍ନତ ଯତ୍ନ ଏବଂ ଜରୁରୀ ସେବା। ଏଥିସହିତ ପରିବାର ପରିକଳ୍ପନା, ସୁରକ୍ଷିତ ଗର୍ଭପାତ ଏବଂ ଯୌନିକ ସ୍ୱାସ୍ଥ୍ୟ ସେବାର ପ୍ରସାର କରାଯିବା ଉଚିତ। ହିଂସା ପୀଡ଼ିତାଙ୍କ ପାଇଁ ସମର୍ଥନ ଏବଂ ମାନସିକ ସ୍ୱାସ୍ଥ୍ୟ ସେବା ଏକାନ୍ତ ଜରୁରୀ। ଶିକ୍ଷା ଏବଂ ସଚେତନତା ମାଧ୍ୟମରେ ସାମାଜିକ କଟକଣାର ଉଚ୍ଛେଦ କରାଯାଇପାରିବ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ମହିଳାଙ୍କ ନେତୃତ୍ୱ ବୃଦ୍ଧି ହେବା ମଧ୍ୟ ଏକାନ୍ତ ଜରୁରୀ ହୋଇପଡ଼ିଛି।

ସରକାର, ଏନ୍‌ଜିଓ, ସମାଜ ଏବଂ ବ୍ୟକ୍ତି ସ୍ତରରେ ଏହି ପ୍ରୟାସ କରାଯିବା ଆବଶ୍ୟ। ଓଡ଼ିଶା ସରକାର ମହିଳା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ମଜବୁତ୍ କରିବା ଉଚିତ। ପୋଷଣ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରଶିକ୍ଷଣର ଉନ୍ନତି ଆବଶ୍ୟକ। ପ୍ରତ୍ୟେକ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ହେଲେ ପରିବାର, ସମାଜ ଏବଂ ଦେଶର ବିକାଶ ସମ୍ଭବ। ହୁ'ର ଏହି ଉଦ୍ବେଗ ଆମ ପାଇଁ ଏକ ଜାଗରଣ ଡାକ। ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ବିନିଯୋଗ କରି ଆମେ ଏକ ସ୍ୱାସ୍ଥ୍ୟବାନ୍, ସମାନ ଏବଂ ସମୃଦ୍ଧ ସମାଜ ଗଢ଼ିପାରିବା। ଏହା କେବଳ ନୈତିକ ଦାୟିତ୍ୱ ନୁହେଁ, ବିକାଶର କୌଶଳିକ ଆବଶ୍ୟକତା। ଆଜିଠୁ ଏହି ଦିଗରେ ପଦକ୍ଷେପ ନିଆଯାଇପାରିଲେ ଭବିଷ୍ୟତରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।

# ଆଧ୍ୟାତ୍ମିକତାର ମହାମିଳନ ଓ ଗଣପର୍ବ ଶ୍ରୀଗୁଣ୍ଡିଚା ଯାତ୍ରା

## ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଓଡିଆ ଜାତିର ପ୍ରାଣକେନ୍ଦ୍ର, ସଂସ୍କୃତିର ମୂଳଦୁଆ ଏବଂ ଆଧ୍ୟାତ୍ମିକ ଚେତନାର ସର୍ବୋଚ୍ଚ ଅଭିବ୍ୟକ୍ତି ହେଉଛି ପବିତ୍ର ଘୋଷଯାତ୍ରା ବା ରଥଯାତ୍ରା, ଯାହା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ସାରା ବିଶ୍ୱରେ ଓଡିଆ ଅସ୍ମିତା ଓ ମାନବିକତାର ସବୁଠାରୁ ବଡ ପରିଚୟ ଅଟେ। ଚଳିତ ବର୍ଷ ୨୦୨୬ ମସିହାର ଏହି ମହାପାବନ ଅବସରରେ ଶ୍ରୀକ୍ଷେତ୍ର ପୁରୀଠାରୁ ଆରମ୍ଭ କରି ପୃଥିବୀର ପ୍ରତିଟି କୋଣ ଅନୁକୋଣରେ ଥିବା ଓଡିଆ ଭାଇଭଉଣୀଙ୍କ ହୃଦୟରେ ଜଗନ୍ନାଥ ସଂସ୍କୃତିର ସେହି ଅନାବିଳ ପ୍ରେମ ଓ ଭକ୍ତିର ଜୁଆର ଖେଳିଯାଇଛି, ଯାହା ସମଗ୍ର ମାନବ ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ମହାନ ବାର୍ତ୍ତା ପ୍ରଦାନ କରେ। ରଥଯାତ୍ରା ହେଉଛି ଜାତି, ଧର୍ମ, ବର୍ଣ୍ଣ ଏବଂ ସୀମାର ପ୍ରାଚୀରକୁ ଭାଙ୍ଗି ସମସ୍ତଙ୍କୁ ଆପଣେଇ ନେବାର ଏକ ଅଲୌକିକ ମାଧ୍ୟମ, ଯେଉଁଠାରେ ବଡଦେଉଳର ଅନ୍ଧାରୁଆ ଗର୍ଭଗୃହରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ରତ୍ନବେଦୀ ଛାଡି ପତିତପାବନ ରୂପରେ ଜନସାଧାରଣଙ୍କ ମଧ୍ୟକୁ ଓହ୍ଲାଇ ଆସନ୍ତି। ଏହି ମହାଯାତ୍ରାର ସବୁଠାରୁ ବଡ ବିଶେଷତ୍ୱ ହେଉଛି ଏହାର ଗଣତାନ୍ତ୍ରୀକ ଏବଂ ସାର୍ବଜନୀନ ସ୍ୱରୂପ, କାରଣ ଯେଉଁମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରନ୍ତି ନାହିଁ, ସେହି ଦୀନ, ଦୁଃଖୀ, ନିଷ୍ପେଷିତ ଓ ପତିତ ମାନଙ୍କୁ ଉଦ୍ଧାର କରିବା ପାଇଁ ଜଗତର ନାଥ ନିଜେ ବଡଦାଣ୍ଡକୁ ଆସିଥାନ୍ତି, ଯାହା ଜଗନ୍ନାଥ ସଂସ୍କୃତିର ସମାନତା ଓ ମାନବବାଦର ଶ୍ରେଷ୍ଠ ନିଦର୍ଶନ ଅଟେ। ଓଡ଼ିଶାର ଇତିହାସ, ପରମ୍ପରା, କଳା, ସ୍ଥାପତ୍ୟ ଏବଂ ସଙ୍ଗୀତ ସବୁକିଛି ଏହି ରଥଯାତ୍ରା ଚାରିପାଖରେ ଆବର୍ତ୍ତିତ ହୋଇଥାଏ, ଯାହା ପ୍ରତିଟି ଓଡିଆର ରକ୍ତ କଣିକାରେ ସ୍ପନ୍ଦିତ ହୁଏ। ରଥଯାତ୍ରାର ପ୍ରସ୍ତୁତି ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ରଥ ଅନୁକୂଳ ସହିତ ଆରମ୍ଭ ହୋଇଥାଏ, ଯେଉଁଠାରେ ବଂଶାନୁକ୍ରମିକ ଭାବେ ଶ୍ରୀମନ୍ଦିରର ବିଶ୍ୱକର୍ମା ମହାରଣା, କରତିଆ, ଭୋଇ ଏବଂ ରୂପକାର ସେବକମାନେ କୌଣସି ଆଧୁନିକ ଯନ୍ତ୍ରପାତି କିମ୍ବା ବ୍ଲୁ-ପ୍ରିଂଟ ବିନା କେବଳ ନିଜର ପାରମ୍ପରିକ ପଦ୍ଧତି ଓ ଦୁଇ ହାତର ଯାଦୁରେ ତିନୋଟି ବିଶାଳକାୟ ରଥ-ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ-ନିର୍ମାଣ କରିଥାନ୍ତି, ଯାହା ଓଡିଆ କାରିଗରୀ କଳାର ସର୍ବଶ୍ରେଷ୍ଠ ପ୍ରମାଣ ଏବଂ ଆମର ଯୁବପିଢି ପାଇଁ ଏକ ଅଦ୍ଭୁତ ଶିକ୍ଷଣୀୟ କଳା ଅଟେ। ରଥଯାତ୍ରାର ପୂର୍ବରୁ ଅନୁଷ୍ଠିତ ଦେବସ୍ନାନ ପୂର୍ଣ୍ଣିମା, ଅଣସର ଘରର ରହସ୍ୟମୟ ଉପଚାର ଏବଂ ନବଯୌବନ ଦର୍ଶନ ପରେ ଯେତେବେଳେ ଶ୍ରୀବିଗ୍ରହମାନଙ୍କର ଧାଡି ପହଣ୍ଡି ଆରମ୍ଭ ହୁଏ, ସେତେବେଳେ ଘଣ୍ଟ, କାହାଳୀ, ମର୍ଦ୍ଦଳରେ ତାଳେ ତାଳେ ଓ ହରିବୋଲ ଏବଂ ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ, ଯାହା ଭକ୍ତ ଭଗବାନଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କର ପରିପ୍ରକାଶ କରେ। ଏହା ପରେ ଗଜପତି ମହାରାଜାଙ୍କର ଦ୍ୱାରା ଅନୁଷ୍ଠିତ ହେଉଥିବା 'ଛେରା ପହଁରା' ନୀତି ଏକ ଶ୍ରେଷ୍ଠ ସାମାଜିକ ବାର୍ତ୍ତା ବହନ କରେ, ଯେଉଁଠାରେ ରାଜ୍ୟର ସର୍ବୋଚ୍ଚ ଶାସକ ବା ରାଜା ନିଜକୁ ମହାପ୍ରଭୁଙ୍କର ଆଦ୍ୟ ସେବକ ଭାବରେ ସ୍ୱୀକାର କରି ରଥ ଉପରେ ସୁନା ଝାଡିକାରେ ସମ୍ମାର୍ଜନୀ କରନ୍ତି, ଯାହା ପ୍ରମାଣିତ କରେ ଯେ ଈଶ୍ୱରଙ୍କ ଦରବାରରେ କେହି ବଡ କିମ୍ବା ସାନ ନୁହଁନ୍ତି ଏବଂ ଅହଂକାର ଶୂନ୍ୟ ହେବା ହିଁ ମାନବ ଜୀବନର ପରମ ଲକ୍ଷ୍ୟ ଅଟେ। ଯେତେବେଳେ ଲକ୍ଷ ଲକ୍ଷ ଭକ୍ତଙ୍କ ହାତ ରଥର ଦଉଡିକୁ ସ୍ପର୍ଶ କରେ ଏବଂ ରଥ ବଡଦାଣ୍ଡରେ ଗଡ଼ିବାକୁ ଆରମ୍ଭ କରେ, ସେତେବେଳେ ଜାତିର ସମସ୍ତ ବିଭେଦତା ଧୋଇଯାଏ ଓ କେବଳ ଆଧ୍ୟାତ୍ମିକତାର ଏକ ମହାସ୍ରୋତ ପ୍ରବାହିତ ହୁଏ। ଶ୍ରୀଗୁଣ୍ଡିଚା ମନ୍ଦିର ବା ମାଉସୀ ମା' ମନ୍ଦିରକୁ ଯାତ୍ରା କରି ମହାପ୍ରଭୁ ନଅ ଦିନ ପର୍ଯ୍ୟନ୍ତ ସେଠାରେ ରହନ୍ତି, ଯେଉଁଠାରେ ପୋଡପିଠା ଭୋଗର ପରମ୍ପରା ଆମର ପାରିବାରିକ ସ୍ନେହ ଓ ଅତିଥେୟତାର ପ୍ରତୀକ ଅଟେ। ବର୍ତ୍ତମାନର ଆଧୁନିକ ଯୁଗରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରସାର ଆମ ସାଂସ୍କୃତିକ ପର୍ଯ୍ୟଟନ ଓ ଅର୍ଥନୀତିକୁ ସମୃଦ୍ଧ କରିଛି, ମାତ୍ର ଏହା ସହିତ ଏହାର ମୂଳକ ଭାବଧାରା ଓ ପରମ୍ପରାର ଶୁଦ୍ଧତା ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଅଟେ। ଆଜି ବିଶ୍ୱର ବିଭିନ୍ନ ପ୍ରାନ୍ତରେ, ଆମେରିକାରୁ ଆରମ୍ଭ କରି ୟୁରୋପ, ଅଷ୍ଟ୍ରେଲିଆ ଓ ଏସିଆର ଅନେକ ଦେଶରେ ରଥଯାତ୍ରା ଅତି ଧୁମ୍‌ଧାମରେ ପାଳିତ ହେଉଛି, ଯାହା ଓଡ଼ିଶାର ଗୌରବକୁ ବିଶ୍ୱ ଦରବାରରେ ଶୀର୍ଷରେ ପହଞ୍ଚାଇଛି। ଏହି ଗଣପର୍ବର ଆମକୁ ସାମାଜିକ ସଂହତି, ପରିବେଶ ସୁରକ୍ଷା ଏବଂ ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଗ୍ରହଣ କରିବାର (ବସୁଧୈବ କୁଟୁମ୍ବକମ୍) ଯେଉଁ ପ୍ରେରଣା ମିଳେ ତାହା ଆଜିର ଯୁଦ୍ଧଖୋର ଓ ବିଭାଜିତ ପୃଥିବୀ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ। ଆମେ ଏହା ଦୃଢ ଭାବରେ ଅନୁଭବ କରୁଛୁ ଯେ ରଥଯାତ୍ରା କେବଳ ଦିନକର ଉତ୍ସବ ନୁହେଁ, ବରଂ ଏହା ଓଡିଆ ଜୀବନଶୈଳୀର ଏକ ଚିରନ୍ତନ ଦର୍ଶନ, ଯାହା ଆମକୁ ସମସ୍ତଙ୍କ ସୁଖ ଓ ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ଶିକ୍ଷା ଦିଏ। ଆସନ୍ତୁ ଏହି ମହାଯାତ୍ରାର ପବିତ୍ର ଅବସରରେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ଯେ ସାରା ବିଶ୍ୱରେ ଶାନ୍ତି, ସମୃଦ୍ଧି ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ ଏବଂ ଆମର ଏହି ପ୍ରିୟ ଓଡ଼ିଶା ମହାପ୍ରଭୁଙ୍କ କୃପାରୁ ପ୍ରଗତିର ଏକ ନୂଆ ଶିଖର ଛୁଇଁପାରୁ। ଜୟ ଜଗନ୍ନାଥ! ଏହି ପରିପ୍ରେକ୍ଷୀରେ, ଯଦି ଆମେ ରଥଯାତ୍ରାର ସେହି ପାରମ୍ପରିକ ଓ ବାସ୍ତବବାଦୀ ଦିଗକୁ ଅତିନିଖୁଣ ଭାବରେ ଅନୁଧ୍ୟାନ କରିବା, ତେବେ ଜଣାପଡେ ଯେ ଏହି ମହାପର୍ବ କେବଳ ଭକ୍ତି ଭାବନାରେ ସୀମିତ ନୁହେଁ, ବରଂ ଏହା ଶତାବ୍ଦୀ ଧରି ଚାଲିଆସୁଥିବା ଏକ ଜୀବନ୍ତ ଇତିହାସ, ସମାଜ ବିଜ୍ଞାନ ଓ କଠୋର ନିୟମାନୁବର୍ତ୍ତିତାରେ ବାସ୍ତବ ପ୍ରତିଫଳନ ଅଟେ। ରଥଯାତ୍ରାର ପ୍ରତିଟି ରୀତିନୀତି ପଛରେ ରହିଛି ଓଡ଼ିଶାର ମୂଳ ମାଟିର ବାସ୍ନା ଏବଂ ପ୍ରକୃତି ସହିତ ମାନବର ନିବିଡ ସମ୍ପର୍କ, ଯାହା କୌଣସି କାଳ୍ପନିକ ଆଡମ୍ବର ଉପରେ ଆଧାରିତ ନୁହେଁ। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ, ଶ୍ରୀମନ୍ଦିରର ଛତିଶା ନିଯୋଗ ଓ ସେବାୟତମାନଙ୍କର ଶୃଙ୍ଖଳିତ କାର୍ଯ୍ୟଶୈଳୀ ଏହି ବିଶାଳ ଯାତ୍ରାକୁ ବାସ୍ତବ ରୂପ ଦେଇଥାଏ। ରଥ ନିର୍ମାଣ ପାଇଁ ବ୍ୟବହୃତ ହେଉଥିବା ଧଉଡା, ଫାସୀ, ଅସନ ଓ ଶାଳ ଗଛର କାଠ ଚୟନ ଠାରୁ ଆରମ୍ଭ କରି ଜଙ୍ଗଲ ସୁରକ୍ଷା ପାଇଁ ପ୍ରଣୀତ ହୋଇଥିବା ପାରମ୍ପରିକ ଶ୍ରୀଜଗନ୍ନାଥ ବନପ୍ରକଳ୍ପ ଆମ ପୂର୍ବପୁରୁଷଙ୍କ ପରିବେଶ ସନ୍ତୁଳନ ରକ୍ଷା କରିବାର ବାସ୍ତବ ଦୂରଦୃଷ୍ଟିକୁ ଦର୍ଶାଇଥାଏ।


ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ:୯୪୩୭୯୯୪୩୭୯


# ନିଟ୍ ମୂଳରୁ ହିଁ ସମ୍ବିଧାନର ପରିପନ୍ଥୀ! ନିଟ୍ ହଟିବା ଆବଶ୍ୟକ

## ରଣେନ୍ଦ୍ର ପ୍ରତାପ ସ୍ୱାଇଁ



ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍‌କୁ ନେଇ ସୃଷ୍ଟି ହୋଇଥିବା ବିବାଦ, ଜାତୀୟ ପରୀକ୍ଷା ସଂସ୍ଥାର ଗଭୀର ଗଠନମୂଳକ ବିଫଳତା ଏବଂ ମୂଳରୁ ତ୍ରୁଟିପୂର୍ଣ୍ଣ ଥିବା ଏହି କେନ୍ଦ୍ରୀକୃତ ପରୀକ୍ଷା ବ୍ୟବସ୍ଥାକୁ ପୁଣି ଥରେ ପଦାରେ ପକାଇ ଦେଇଛି

**ସାମ୍ବିଧାନିକ ବାସ୍ତବତା:**ପ୍ରଶାସନିକ ବିଫଳତା ବ୍ୟତୀତ ଏହା ପଛରେ ଏକ ଗଭୀର ସାମ୍ବିଧାନିକ ଉଲ୍ଲଂଘନ ମଧ୍ୟ ରହିଛି। ଏହା ସ୍ପଷ୍ଟ ଭାବରେ କୁହାଯାଇ ପାରେ ଯେ, ନିଟ୍ ଭଳି ଏକ ସାଧାରଣ ପ୍ରବେଶିକା ପରୀକ୍ଷା ଜବରଦସ୍ତ ଲାଗୁ କରିବା ପାଇଁ କେନ୍ଦ୍ର ସରକାର କିମ୍ବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିଙ୍କର କୌଣସି ସାମ୍ବିଧାନିକ କ୍ଷମତା ନାହିଁ। ଏହାକୁ ସ୍ପଷ୍ଟ ଭାବେ ବୁଝିବା ପାଇଁ, ନିମ୍ନଲିଖିତ ସାମ୍ବିଧାନିକ ବାସ୍ତବତା ଗୁଡ଼ିକୁ ସତର୍କତାର ସହ ଅନୁଧ୍ୟାନ କରିବା ଆବଶ୍ୟକ:

**ସମ୍ବିଧାନ ସ୍ପଷ୍ଟ ଭାବେ କ୍ଷମତା ବିଭାଜନ କରିଛି:**ଭାରତର ସମ୍ବିଧାନରେ ତିନୋଟି ବିଧାୟୀ ତାଲିକା ରହିଛି: (କ) କେନ୍ଦ୍ର ତାଲିକା, (ଖ) ରାଜ୍ୟ ତାଲିକା ଓ (ଗ)ଯୁଗ୍ମ ତାଲିକା। କେଉଁ ବିଷୟ ଉପରେ କେଉଁ କର୍ତ୍ତୃପକ୍ଷଙ୍କର ଅଧିକାର ରହିଛି, ତାହା ଏହି ତାଲିକାଗୁଡ଼ିକ ସ୍ପଷ୍ଟ ଭାବେ ନିର୍ଦ୍ଧାରଣ କରିଥାଏ। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ନିୟନ୍ତ୍ରଣ ଏବଂ ଭଙ୍ଗ କରିବାର କ୍ଷମତା କେବଳ ରାଜ୍ୟଗୁଡ଼ିକର ଅଟେ। ସମ୍ବିଧାନ ଏହାକୁ ଅସ୍ପଷ୍ଟ ରଖିନାହିଁ- ବରଂ ଏହାକୁ ସ୍ପଷ୍ଟ ଏବଂ ସନ୍ଦେହହୀନ ଭାବେ ଉଲ୍ଲେଖ କରିଛି।

**ସମ୍ବିଧାନର ସପ୍ତମ ଅନୁସୂଚୀ ଅଧୀନରେ:** କେନ୍ଦ୍ର ତାଲିକାର ଏଣ୍ଟ୍ରି ୪୪ ନିର୍ଦ୍ଦିଷ୍ଟ ଭାବେ ବିଶ୍ୱବିଦ୍ୟାଳୟଗୁଡ଼ିକୁ କେନ୍ଦ୍ର ସରକାରଙ୍କ ବିଧାୟୀ କ୍ଷେତ୍ରରୁ ବାଦ୍ ଦେଇଥାଏ। ରାଜ୍ୟ ତାଲିକାର ଏଣ୍ଟ୍ରି ୩୨ (ଋଭଗ୍ବକ୍ସଛ ୩୨) ରାଜ୍ୟଗୁଡ଼ିକୁ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା, ନିୟନ୍ତ୍ରଣ ଏବଂ ପ୍ରଶାସନ ସହିତ ସେମାନଙ୍କ ଉପରେ ସମ୍ପୂର୍ଣ୍ଣ ଅଧିକାର ପ୍ରଦାନ କରିଥାଏ। ତେଣୁ, ବିଶ୍ୱବିଦ୍ୟାଳୟଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ସାମ୍ବିଧାନିକ କ୍ଷେତ୍ର ଅଧୀନରେ ଆସିଥାଏ।'

ଶିକ୍ଷା, ବିଶେଷ କରି ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା, ନିୟନ୍ତ୍ରଣ ଏବଂ ନାମଲେଖା ପ୍ରକ୍ରିୟା ରାଜ୍ୟ ତାଲିକାର 'ଏଣ୍ଟ୍ରି ୩୨' ଅନ୍ତର୍ଗତ ଆସିଥାଏ। 'ଏଣ୍ଟ୍ରି ୬୬' ଅଧୀନରେ କେନ୍ଦ୍ରର ସୀମିତ ଭୂମିକା କେବଳ ସମନ୍ୱୟ ଏବଂ ମାନଦଣ୍ଡ ନିର୍ଦ୍ଧାରଣ ମଧ୍ୟରେ ସୀମିତ - ଏହା ପ୍ରବେଶିକା ପରୀକ୍ଷା କରିବା କିମ୍ବା ରାଜ୍ୟର ନାମଲେଖା ନୀତିକୁ ଅବମାନନା କରିବା ପର୍ଯ୍ୟନ୍ତ ବିସ୍ତାରିତ ନୁହେଁ।

୨୦୦୬ ମସିହାରେ 'ତାମିଲନାଡୁ ବୃତ୍ତିଗତ ଶିକ୍ଷାନୁଷ୍ଠାନ ନାମଲେଖା ଅଧିନିୟମ' ମାଧ୍ୟମରେ ପ୍ରବେଶିକା ପରୀକ୍ଷାକୁ ଉଚ୍ଛେଦ କରିଥିଲା ଏବଂ 'ତାମିଲନାଡୁ ଡାକ୍ତର ଏମ.ଜି.ଆର. ମେଡିକାଲ ବିଶ୍ୱବିଦ୍ୟାଳୟ ଅଧିନିୟମ' ଅଧୀନରେ ଦ୍ୱାଦଶ ଶ୍ରେଣୀ ମାର୍କ ଆଧାରରେ ନାମଲେଖା ପ୍ରକ୍ରିୟା ପରିଚାଳନା କରିବାକୁ ଦାୟିତ୍ୱ ଦେଇଥିଲା। ଏହି ସମ୍ବନ୍ଧୀୟ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଭିନ୍ନ ଟିପ୍ପଣୀ, ଯେଉଁଥିରେ 'ୟୁନିଅନ ଅଫ୍ ଇଣ୍ଡିଆ ବନାମ ରାଜେନ୍ଦ୍ର ଶାହା (୨୦୨୧)' ମାମଲାରେ ପ୍ରଦତ୍ତ ସିଦ୍ଧାନ୍ତ ସାମିଲ, ଏହାକୁ ସ୍ପଷ୍ଟ କରେ ଯେ ସଂସଦ କେବଳ ରାଜ୍ୟଗୁଡ଼ିକ ପାଇଁ ସଂରକ୍ଷିତ ଥିବା ବିଷୟଗୁଡ଼ିକ ଉପରେ ହସ୍ତକ୍ଷେପ କରିପାରିବ ନାହିଁ।

ଉଚ୍ଚଶିକ୍ଷାରେ କେନ୍ଦ୍ର ସରକାରଙ୍କ ସୀମିତ ଭୂମିକା :ଉଚ୍ଚଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଭୂମିକା କେବଳ ଏତିକି ମଧ୍ୟରେ ସୀମିତ: "ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ମାନଦଣ୍ଡର ସମନ୍ୱୟ ଏବଂ ନିର୍ଦ୍ଧାରଣ।" ଏହି ଅଧିକାର କେନ୍ଦ୍ର ତାଲିକାର ଏଣ୍ଟ୍ରି ୬୬ ଅଧୀନରେ ରହିଛି। ତେବେ, ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ) 'ମଡର୍ଣ୍ଣ ଡେଣ୍ଟାଲ କଲେଜ' ମାମଲାର ରାୟରେ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି ଯେ, ଏହି ସୀମିତ କ୍ଷମତା ପ୍ରବେଶିକା ପରୀକ୍ଷା ପରିଚାଳନା କରିବା କିମ୍ବା ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ନାମଲେଖା (ଆଡମିଶନ) ନିୟନ୍ତ୍ରଣ କରିବା ପର୍ଯ୍ୟନ୍ତ ବିସ୍ତାରିତ ନୁହେଁ।'

୨୦୦୬ ମସିହାରେ ତାମିଲନାଡୁ ପ୍ରବେଶିକା ପରୀକ୍ଷାକୁ ଉଚ୍ଛେଦ କରିଥିଲା। ବିଶେଷଜ୍ଞ କମିଟିର ସୁପାରିଶ ଆଧାରରେ, ରାଜ୍ୟ ସରକାର ନିମ୍ନଲିଖିତ




ଆଇନ ପ୍ରଣୟନ କରିଥିଲେ:'ତାମିଲନାଡୁ ବୃତ୍ତିଗତ ଶିକ୍ଷାନୁଷ୍ଠାନ ନାମଲେଖା ଅଧିନିୟମ, ୨୦୦୬' (୨୦୦୭ର ଅଧିନିୟମ ୩)।

ଏହି ଆଇନ ସ୍ପଷ୍ଟ ଭାବେ ଘୋଷଣା କରିଥିଲା ଯେ ତାମିଲନାଡୁରେ ଆଉ ପ୍ରବେଶିକା ପରୀକ୍ଷା କରାଯିବ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ) ନିଜେ ସ୍ୱୀକାର କରିଛନ୍ତି ଯେ, ସମ୍ବିଧାନ ଅନୁଯାୟୀ ରାଜ୍ୟଗୁଡ଼ିକ ପାଇଁ ସଂରକ୍ଷିତ ଥିବା ଏକ କ୍ଷେତ୍ରରେ କେନ୍ଦ୍ର ସରକାର ଏହି ରାଜ୍ୟ ଆଇନକୁ ଅମାନ୍ୟ କିମ୍ବା ବାତିଲ କରିପାରିବେ ନାହିଁ।'

'ପ୍ରାରମ୍ଭିକ ପର୍ଯ୍ୟାୟରେ ଘଉଉଞ୍ଜର କୌଣସି ଆଇନଗତ ଆଧାର ନଥିଲା ଯେତେବେଳେ ଭାରତୀୟ ମେଡିକାଲ କାଉନ୍‌ସିଲ୍ ୨୧ ଡିସେମ୍ବର ୨୦୧୦ ରେ ପ୍ରଥମ କରି ଘଉଉଞ୍ଜ ଲାଗୁ କରିବା ପାଇଁ ବିଜ୍ଞପ୍ତି ଜାରି କରିଥିଲା, ସେତେବେଳେ ମେଡିକାଲ କାଉନ୍ସିଲ୍ ନିୟମାବଳୀରେ ଏଭଳି ପରୀକ୍ଷା ପାଇଁ କୌଣସି ସହାୟକ ବ୍ୟବସ୍ଥା ନଥିଲା। ଏଥିସହ ଜଡ଼ିତ ପ୍ରାବଧାନ - 'ରେଗୁଲେସନ୍ ୧୦ଡି' କେବଳ ୨୮ ମେ ୨୦୧୬ ରେ କାର୍ଯ୍ୟକାରୀ ହୋଇଥିଲା। ତେଣୁ, ଘଉଉଞ୍ଜର ମୂଳ ବିଜ୍ଞପ୍ତିରେ କୌଣସି ସାମ୍ବିଧାନିକ ବା ଆଇନଗତ ସମର୍ଥନ ନଥିଲା ଏବଂ ଏହା ଆଇନଗତ ଭାବେ ଅସିଦ୍ଧ ଥିଲା।

ଗମ୍ଭୀର ସାମ୍ବିଧାନିକ ପ୍ରଶ୍ନବାଚୀ ଏବେ ବି ରହିଛି ଯଦିଓ ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ) ୨୦୧୩ ର ପୂର୍ବ ରାୟକୁ ପ୍ରତ୍ୟାହାର କରି ୨୦୧୬ରେ ନିଟ୍‌କୁ ପୁନର୍ଜୀବିତ କରିଥିଲେ, ତଥାପି ପରବର୍ତ୍ତୀ ରାୟରେ ବିଧାୟୀ କ୍ଷମତା ଏବଂ ରାଜ୍ୟର ସ୍ୱାୟତ୍ତତା ସମ୍ବନ୍ଧୀୟ ଏହି ସାମ୍ବିଧାନିକ ସୀମାଗୁଡ଼ିକୁ ସଠିକ୍ ଭାବେ ବିଚାର କରାଯାଇ ନ ଥିଲା ଏବଂ ଏହା ସ୍ପଷ୍ଟ କରିଥିଲା ଯେ, କେନ୍ଦ୍ର ତାଲିକାରୁ ସ୍ପଷ୍ଟ ଭାବେ ବାଦ୍ ଦିଆଯାଇଥିବା କ୍ଷମତାଗୁଡ଼ିକୁ ଯୁଗ୍ମ ତାଲିକା ମାଧ୍ୟମରେ ପରୋକ୍ଷରେ ପୁନଃ ହାସଲ କରାଯାଇପାରିବ ନାହିଁ। ତେଣୁ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିୟନ୍ତ୍ରଣ କରିବାର ଅଧିକାର କେବଳ ଏବଂ ସମ୍ପୂର୍ଣ୍ଣ ଭାବେ ରାଜ୍ୟଗୁଡ଼ିକ ପାଖରେ ରହିଛି। ତେଣୁ, ନିଟ୍‌କୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯିବା ଆବଶ୍ୟକ।

କୌଣସି ସାମ୍ବିଧାନିକ ଅଧିକାର ବିନା କେନ୍ଦ୍ର ସରକାର ନିମ୍ନଲିଖିତ ପଦକ୍ଷେପ ନେଇଛନ୍ତି: ନିଟ୍ ପରୀକ୍ଷା ସୃଷ୍ଟି କରିଛନ୍ତି, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଗଠନ କରିଛନ୍ତି, ଏବଂ ସଂଘୀୟ ବ୍ୟବସ୍ଥା ବା ଫେଡେରାଲ୍ ନୀତିକୁ ଉଲ୍ଲଂଘନ କରି ଏଗୁଡ଼ିକୁ ରାଜ୍ୟଗୁଡ଼ିକ ଉପରେ ଲଦି ଦେଇଛନ୍ତି।

ଏହା ଦ୍ୱାରା ରାଜ୍ୟଗୁଡ଼ିକର ଅଧିକାର କ୍ଷୁର୍ଣ୍ଣ ହୋଇଛି, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ସୁଯୋଗରୁ ବଞ୍ଚିତ କରାଯାଇଛି, ସେମାନଙ୍କ ମଧ୍ୟରେ ପ୍ରବଳ ମାନସିକ ଚାପ ସୃଷ୍ଟି ହୋଇଛି, ବାରମ୍ବାର ଅନିୟମିତତା ଏବଂ ଦୁର୍ନୀତି (ସ୍କାଣ୍ଡାଲ୍) କୁ ପ୍ରଶ୍ରୟ ମିଳିଛି, ଚିକିତ୍ସା ଶିକ୍ଷା (ମେଡିକାଲ୍ ଶିକ୍ଷା) ର ଭିତ୍ତିଭୂମି ଦୁର୍ବଳ ହୋଇଛି, ଏବଂ କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିପନ୍ନ ହୋଇଛି।

ତେଣୁ, ଘଉଉଞ୍ଜ ଏବଂ ଏହିଭଳି ଅନ୍ୟାନ୍ୟ କେନ୍ଦ୍ରୀକୃତ ପ୍ରବେଶିକା ପରୀକ୍ଷାଗୁଡ଼ିକୁ ଜୋରଜବରଦସ୍ତ ଲାଗୁ କରିବା ଅସାମ୍ବିଧାନିକ, ଅନ୍ୟାୟପୂର୍ଣ୍ଣ ଏବଂ ବିନାଶକାରୀ ଅଟେ। ଏଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯିବା ଉଚିତ୍ - ଯାହାକି ଅତ୍ୟନ୍ତ ଜରୁରୀ ଏବଂ ଅପରିହାର୍ଯ୍ୟ।' ତେଣୁ, ନିଟ୍ (ଘଉଉଞ୍ଜ) ସାମ୍ବିଧାନିକ ଦୃଷ୍ଟିକୋଣରୁ ଏକ ଦୁର୍ବଳ ଭିତ୍ତିଭୂମି ଉପରେ ଛିଡ଼ା ହୋଇଛି। ଏହା ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରୁଛି, ରାଜ୍ୟର ସ୍ୱାୟତ୍ତତାକୁ କ୍ଷୁର୍ଣ୍ଣ କରୁଛି ଏବଂ ଏକ ତୁଳନାତ୍ମକ ଭାବେ ସମାନତା ଭିତ୍ତିକ ଦ୍ୱାଦଶ (+୨) ଶ୍ରେଣୀ ଆଧାରିତ ବ୍ୟବସ୍ଥା ବଦଳରେ ଏଭଳି ଏକ ବ୍ୟବସ୍ଥା ଲାଗୁ କରୁଛି ଯାହା ଶିକ୍ଷାକୁ ବ୍ୟବସାୟୀକରଣ କରୁଛି ଏବଂ ମହଙ୍ଗା କୋଚିଂ ନେଇପାରୁଥିବା ଲୋକଙ୍କୁ ସୁହାଇବା ଭଳି ବ୍ୟବସ୍ଥାଟିଏ ଠିଆ କରିଛି।

ଗଠନମୂଳକ ପରିବର୍ତ୍ତନର ସମୟ: ବାରମ୍ବାର ପ୍ରଶ୍ନପତ୍ର ଲିକ୍, ସ୍କାଣ୍ଡାଲ, ଉତ୍ତର ସୂଚୀ ତ୍ରୁଟି ଏବଂ ବିଶ୍ୱସନୀୟତା ହ୍ରାସ ପାଇବା କାରଣରୁ ଏନଟିଏ (ଘଞଇ) ଏବଂ ନିଟ୍ (ଘଉଉଞ୍ଜ)ର ନୈତିକ ବୈଧତା ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଇଛି। ଏହି କେନ୍ଦ୍ରୀକୃତ ବ୍ୟବସ୍ଥାକୁ ଜାରି ରଖିବା ଦ୍ୱାରା ଲକ୍ଷ ଲକ୍ଷ ପ୍ରଥମ ପିଢ଼ିର ଶିକ୍ଷାର୍ଥୀ ଏବଂ ସାମାଜିକ ସ୍ତରରେ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଏକ ସମାନ କିନ୍ତୁ ଅସମାନ ବ୍ୟବସ୍ଥାର ବେଦୀରେ ବଳି ଚଢ଼ାଇ ଦିଆଯାଉଛି। ଗଭୀର ସାମାଜିକ ଏବଂ ଅର୍ଥନୈତିକ ଅସମାନତାକୁ ଅଣଦେଖା କରୁଥିବା ଏକ ପରୀକ୍ଷା ଦ୍ୱାରା ପ୍ରକୃତ ମେଧାର ମୂଲ୍ୟାଙ୍କନ କରାଯାଇପାରିବ ନାହିଁ।

ଆଗାମୀ ପନ୍ଥା : ଭାରତ ତୁରନ୍ତ ନିଟ୍ (ଘଉଉଞ୍ଜ) ଏବଂ ଏହିଭଳି ଅନ୍ୟାନ୍ୟ କେନ୍ଦ୍ରୀକୃତ ପ୍ରବେଶିକା ପରୀକ୍ଷାକୁ ରଦ୍ଦ କରିବା ଆବଶ୍ୟକ। ମେଡିକାଲ୍ ଏବଂ ଅନ୍ୟାନ୍ୟ ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖା କ୍ଷମତା ମୁଖ୍ୟତଃ ଦ୍ୱାଦଶ (+୨) ଶ୍ରେଣୀର ମାର୍କ ଆଧାରରେ ରାଜ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଫେରାଇ ଦିଆଯିବା ଉଚିତ, ଯେଉଁଥିରେ ସାମାଜିକ ନ୍ୟାୟ ଉପରେ ଆଧାରିତ ସଂରକ୍ଷଣ ନୀତିକୁ ମଧ୍ୟ ସମ୍ମାନ ଦିଆଯିବ। ଏହା ଦ୍ୱାରା ସଂଘୀୟ ନୀତି ସୁରକ୍ଷିତ ରହିବ, ଶିକ୍ଷାର ବ୍ୟବସାୟୀକରଣ ହ୍ରାସ ପାଇବ, ଛାତ୍ରଛାତ୍ରୀଙ୍କ ଉପରୁ ପ୍ରବଳ ମାନସିକ ଚାପ କମିବ ଏବଂ ଗ୍ରାମାଞ୍ଚଳ ତଥା ବଞ୍ଚିତ ବର୍ଗର ଆଶାୟୀଙ୍କ ପାଇଁ ଏକ ସମାନ ସୁଯୋଗ ସୃଷ୍ଟି ହେବ।

ସଂସଦ, ତାମିଲନାଡୁ ଏବଂ ନ୍ୟାୟପ୍ରିୟ ନାଗରିକମାନଙ୍କ ସ୍ୱର କେବଳ ଏକ ପ୍ରତିବାଦ ନୁହେଁ - ଏହା ଏକ ସାମ୍ବିଧାନିକ ଏବଂ ନୈତିକ ଚେତାବନୀ। ଦେଶ ଏହାକୁ ଗ୍ରହଣ କରିବା ଉଚିତ। 'ନିଟ୍ ଅସାମ୍ବିଧାନିକ। ନିଟ୍ ଅନ୍ୟାୟପୂର୍ଣ୍ଣ। ନିଟ୍ ହଟିବା ଆବଶ୍ୟକ। ମେଡିକାଲ୍ ନାମଲେଖା ଉପରେ ରାଜ୍ୟଗୁଡ଼ିକ ପୁଣି ଥରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବା ଉଚିତ। କେବଳ ସେତିକିବେଳେ ହିଁ ଆମେ ସମାନ ସୁଯୋଗ ଏବଂ ସାମାଜିକ ନ୍ୟାୟର ସାମ୍ବିଧାନିକ ପ୍ରତିଶ୍ରୁତିକୁ ପ୍ରକୃତରେ ବଜାୟ ରଖିପାରିବା।


ବିଧାୟକ, ଆଠଗଡ଼, କଟକ


# ମହାପ୍ରଭୁଙ୍କ ମହାନ୍ ଲୀଳା ପଟିଦିଅଁ ନୀତି

## ଡଃ ଅମୂଲ୍ୟ କୁମାର ପଣ୍ଡା



ଶ୍ରୀକ୍ଷେତ୍ର ପୁରୀରେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପ୍ରଭୁ ସୁଦର୍ଶନଙ୍କ ଚତୁର୍ଦ୍ଧାମୂର୍ତ୍ତି ପାଇଁ କରାଯାଉଥିବା ଦୈନନ୍ଦିନ ସେବା ଏବଂ ରୀତିନୀତି ବିଶ୍ୱରେ ଅନନ୍ୟ। ମନ୍ଦିରରେ ଅନେକ ଦୈନନ୍ଦିନ ରୀତିନୀତି କରାଯାଏ, ଯାହା ଶତାବ୍ଦୀ ଧରି ପ୍ରଚଳିତ ହୋଇଆସୁଛି। ଏହି ରୀତିନୀତି ମଧ୍ୟରୁ "ପଟିଦିଅଁ ନୀତି" ଏକ ବିଶେଷ ଏବଂ ଅତ୍ୟାବଶ୍ୟକ ରୀତିନୀତି। ଏହା ମହାପ୍ରଭୁଙ୍କ ଦିବ୍ୟ ରୀତିନୀତି, ସେବା ଏବଂ ଭକ୍ତିର ଏକ ଜୀବନ୍ତ ଉଦାହରଣ। ପଟିଦିଅଁ ନୀତି କେବଳ ଏକ ଧାର୍ମିକ ରୀତିନୀତି ନୁହେଁ, ବରଂ ମହାପ୍ରଭୁଙ୍କ ମାନବ ସ୍ୱଭାବର ପ୍ରତୀକ। ଏହି ରୀତିନୀତି ମାଧ୍ୟମରେ, ଜଗନ୍ନାଥ ମହାପ୍ରଭୁ ନିଜକୁ ଜଣେ ସାଧାରଣ ମଣିଷ ଭାବରେ ପ୍ରକାଶ କରନ୍ତି ଏବଂ ଭକ୍ତମାନଙ୍କୁ ଜୀବନର ଅନେକ ରହସ୍ୟ ଶିକ୍ଷା ଦିଅନ୍ତି। ପଟିଦିଅଁ ର ଅର୍ଥ ବୁଝିବା, "ପଟି" ଅର୍ଥ କପଡ଼ା କିମ୍ବା ବସ୍ତ୍ର, ଏବଂ "ଦିଅଁ" ଅର୍ଥ ବାନ୍ଧିବା। ତେଣୁ, ପଟିଦିଅଁ ନୀତି ହେଉଛି ମହାପ୍ରଭୁଙ୍କ ଶରୀରରେ ନିର୍ଦ୍ଦିଷ୍ଟ ସ୍ଥାନରେ ପଟି ବାନ୍ଧିବାର ଏକ ବିଶେଷ ରୀତିନୀତି। ଏହା ସାଧାରଣତଃ ସ୍ନାନ ପୂର୍ଣ୍ଣିମା ପରେ ଅଣସର ମାସରେ ପାଳିତ ହୁଏ। ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କୁ ୧୦୮ କଳସ ଜଳରେ ସ୍ନାନ କରାଯାଏ। ଏହି ମହାସ୍ନାନ ପରେ, ମହାପ୍ରଭୁ ଜ୍ୱରରେ ପୀଡିତ ହୁଅନ୍ତି ବୋଲି ବିଶ୍ୱାସ କରାଯାଏ। ତେଣୁ, ସେ ଅଣସର ଘରେ ବିଶ୍ରାମ ନିଅନ୍ତି। ଏହି ସମୟରେ, ବିଭିନ୍ନ ଔଷଧ ଏବଂ ସେବା ସହିତ ଶ୍ରୀମନ୍ଦିର ନିୟମ ଅନୁସାରେ ନୀତି କରାଯାଏ।

ମନ୍ଦିର ରୀତିନୀତିର ପରମ୍ପରା ବହୁତ ପୁରୁଣା। ଏହି ରୀତିନୀତି ଗଜପତି ରାଜାମାନଙ୍କ ସମୟରୁ ଆରମ୍ଭ ହୋଇଛି। ମାଦଳା ପାଞ୍ଜି ଏବଂ ବିଭିନ୍ନ ଧାର୍ମିକ ଗ୍ରନ୍ଥରେ ଅଣସର ଏବଂ ପଟିଦିଅଁ ନୀତି ବିଷୟରେ ସୂଚନା ମିଳେ। ଜଗନ୍ନାଥ ସଂସ୍କୃତିର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଯେ ମହାପ୍ରଭୁଙ୍କୁ ଜଣେ ଜୀବନ୍ତ ମଣିଷ ଭାବରେ ଦେଖାଯାଏ। ସେ ଜନ୍ମ ହୁଅନ୍ତି, ସ୍ନାନ କରନ୍ତି, ଅସୁସ୍ଥ ହୁଅନ୍ତି, ବିଶ୍ରାମ ନିଅନ୍ତି ଏବଂ ସୁସ୍ଥ ହୁଅନ୍ତି। ପଟିଦିଅଁ ନୀତି ଏହି ମାନବ ଭାବନାର ପ୍ରତିଫଳନ। ସ୍ନାନର ପୂର୍ଣ୍ଣିମା ଗୋଟେ ଦିନ ପରେ, ମହାପ୍ରଭୁ ପ୍ରାୟ ପନ୍ଦର ଦିନ ଅଣସର ଘରେ ରୁହନ୍ତି। ଏହି ସମୟରେ, ସାଧାରଣ ଭକ୍ତଙ୍କୁ ଦର୍ଶନ କରିବାକୁ ଅନୁମତି ଦିଆଯାଏ ନାହିଁ। ଅଣସର ସମୟରେ, ମହାପ୍ରଭୁଙ୍କୁ ଔଷଧ ଦିଆଯାଏ। ବିଶେଷ ଆଶୀର୍ବାଦ ପ୍ରଦାନ କରାଯାଏ। ଫୁଲୁରୀ ତେଲ ଲଗାଯାଏ। ଶରୀର ଚାରିପାଖରେ ପଟି ବାନ୍ଧି ଦିଆଯାଏ। ପ୍ରଭୁଙ୍କ ସେବକମାନେ ସେବା କରନ୍ତି। ଏହି ସମସ୍ତ ପୂଜାପାଠ ମଧ୍ୟରେ, ପଟିଦିଅଁ ନୀତି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ପଟିଦିଅଁ ନୀତି ସମୟରେ, ପ୍ରଭୁଙ୍କ ଶରୀର ଚାରିପାଖରେ ଔଷଧୀୟ କପଡ଼ା ବନ୍ଧାଯାଏ। ଏହି କପଡ଼ା ଚନ୍ଦନ, କର୍ପୂର, ଔଷଧୀୟ ଔଷଧ ଏବଂ ସୁଗନ୍ଧିତ ପଦାର୍ଥରେ ତିଆରି ହୁଏ। ଭକ୍ତମାନେ ଏହି ନୀତିକୁ ଅତ୍ୟନ୍ତ ଭକ୍ତି ଏବଂ ଆନ୍ତରିକତାର ସହିତ କରନ୍ତି। କାରଣ ଏହା ଏକ ଗୁପ୍ତ ନୀତି, ସାଧାରଣ ଲୋକଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନାହିଁ। ପ୍ରଭୁଙ୍କ ଆରୋଗ୍ୟତାର ପ୍ରତୀକାତ୍ମକ ଅର୍ଥ ପଟି ମାଧ୍ୟମରେ ପ୍ରକାଶିତ ହୁଏ।

ପଟିଦିଅଁ ନୀତିରେ ଭକ୍ତଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭକ୍ତମାନଙ୍କୁ ପ୍ରଭୁଙ୍କ ଆଧ୍ୟାତ୍ମିକ ରକ୍ଷକ ଭାବରେ ବିବେଚନା କରାଯାଏ। ସେମାନେ ପ୍ରଭୁଙ୍କ ଯତ୍ନ ନିଅନ୍ତି। ସେମାନେ ଔଷଧ ପ୍ରଦାନ କରନ୍ତି, ପଟିଦିଅଁ ନୀତି କରନ୍ତି, ପ୍ରସାଦ ଅର୍ପଣ କରନ୍ତି ଏବଂ ତାଙ୍କର ସାନ୍ତ୍ୱନା ସୁନିଶ୍ଚିତ କରନ୍ତି। ଏହି ସେବାକୁ ଅତ୍ୟନ୍ତ ପବିତ୍ର ଏବଂ ଶୁଭ ବୋଲି ବିବେଚନା କରାଯାଏ। ପଟିଦିଅଁ ନୀତି କେବଳ ଏକ ପୂଜାପାଠ ନୁହେଁ; ଏହାର ଗଭୀର ଆଧ୍ୟାତ୍ମିକ ଗୁରୁତ୍ୱ ଅଛି। ଏହା ଆମକୁ ଶିକ୍ଷା ଦିଏ ଯେ ଭଗବାନ ଭକ୍ତଙ୍କ ସହିତ ଏକତାରେ ବାସ କରନ୍ତି। ସେ ମଣିଷର ସୁଖ ଏବଂ ଦୁଃଖ ଅନୁଭବ କରନ୍ତି। ଏହା ଆମକୁ ଶିକ୍ଷା ଦିଏ ଯେ ରୋଗ ଏବଂ ଦୁଃଖ ଜୀବନର ଏକ ଅଂଶ ଏବଂ ଧୈର୍ଯ୍ୟ, ସେବା ଏବଂ ଭକ୍ତି ମାଧ୍ୟମରେ ଏହାକୁ ଦୂର କରାଯାଇପାରିବ। ପଟିଦିଅଁ ନୀତି ସେବା ଏବଂ ତ୍ୟାଗର ଗୁରୁତ୍ୱକୁ ପ୍ରଦର୍ଶନ କରେ। ପଟିଦିଅଁ ନୀତି ଭକ୍ତମାନଙ୍କ ମଧ୍ୟରେ ଭକ୍ତି, ବିଶ୍ୱାସ ଏବଂ ଆଧ୍ୟାତ୍ମିକ ସଚେତନତା ସୃଷ୍ଟି କରେ। ଅଣସର ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ଥିଲେ ମଧ୍ୟ ଭକ୍ତମାନେ ତାଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତି। ଏହି ସମୟରେ, ଅନେକ ଭକ୍ତ ବ୍ରହ୍ମଗିରିରେ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରନ୍ତି। ଅଣସର ସମୟରେ ଅଲାରନାଥଙ୍କ ଦର୍ଶନ ଜଗନ୍ନାଥଙ୍କ ଦର୍ଶନର ଲାଭ ପ୍ରଦାନ କରେ ବୋଲି ବିଶ୍ୱାସ କରାଯାଏ। ଜଗନ୍ନାଥ ସଂସ୍କୃତିର ମୌଳିକ ଭିତ୍ତିଭୂମି ହେଉଛି ମାନବତା, ସମାନତା ଏବଂ ଭକ୍ତି। ପଟିଦିଅଁ ନୀତି ଏହି ମୂଲ୍ୟବୋଧଗୁଡ଼ିକୁ ସୁଦୃଢ଼ କରେ। ଏହା ଦର୍ଶାଏ ଯେ ଶ୍ରେଷ୍ଠ ଈଶ୍ୱର ହେବା ସତ୍ତ୍ୱେ, ମହାପ୍ରଭୁ ଜଣେ ସାଧାରଣ ମଣିଷ ପରି ଆଚରଣ କରନ୍ତି। ଏହି ଆତ୍ମା ଜଗନ୍ନାଥ ଧର୍ମର ଏକ ପ୍ରମୁଖ ପରିଚୟ। ମହାପ୍ରଭୁଙ୍କ ପଟିଦିଅଁ ନୀତି ଶ୍ରୀ ଜଗନ୍ନାଥ ସଂସ୍କୃତିର ଏକ ପବିତ୍ର, ପ୍ରାଚୀନ ଏବଂ ଆଧ୍ୟାତ୍ମିକ ଭାବରେ ଗୁରୁତ୍ୱପୂର୍ଣ୍ଣ ପରମ୍ପରା। ପ୍ରତ୍ୟେକ ବର୍ଷ ପୂର୍ଣ୍ଣିମା ପରେ ଅଣସର ସମୟରେ ପାଳିତ ଏହି ନୀତି ମହାପ୍ରଭୁଙ୍କ ମାନବ ଲୀଳାର ଏକ ଅନନ୍ୟ ଉଦାହରଣ। ଏହା ଭକ୍ତମାନଙ୍କୁ ସେବା, ଭକ୍ତି, ଧୈର୍ଯ୍ୟ ଏବଂ ନମ୍ରତା ଶିକ୍ଷା ଦିଏ। ପଟିଦିଅଁ ନୀତି କେବଳ ଏକ ଧାର୍ମିକ ଅଭ୍ୟାସ ନୁହେଁ, ବରଂ ଜଗନ୍ନାଥ ଦର୍ଶନର ଏକ ଗଭୀର ଆଧ୍ୟାତ୍ମିକ ପ୍ରକାଶନ। ଶତାବ୍ଦୀ ଶତାବ୍ଦୀ ଧରି, ଏହି ପରମ୍ପରା ଭକ୍ତଙ୍କ ହୃଦୟରେ ବିଶ୍ୱାସ ଏବଂ ଭକ୍ତିର ଜ୍ୱାଳା ପ୍ରଜ୍ଜ୍ୱଳିତ କରିଆସିଛି ଏବଂ ଭବିଷ୍ୟତରେ ମଧ୍ୟ ଏହା ଜଗନ୍ନାଥ ସଂସ୍କୃତିର ଏକ ଗୌରବମୟ ଐତିହ୍ୟ ହୋଇ ରହିବ।


ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ:୮୨୪୯୫୦୨୭୭୬

# ରୁଷଠୁ ତୈଳ କିଣିଲେ ୧୦୦% ଟାରିଫ୍



## ଆମେରିକାର ବଡ଼ ଚେତାବନୀ

## ଟାର୍ଗେଟ୍‌ରେ ଭାରତ, ଚୀନ

ୱାଶିଂଟନ୍,୧୫।୭: ରୁଷରୁ ଅଶୋଧିତ ତେଲ କିଣୁଥିବା ଦେଶମାନଙ୍କ ବିରୋଧରେ ଆମେରିକା ନେଇପାରେ ବଡ଼ କାର୍ଯ୍ୟାନୁଷ୍ଠାନ। କାରଣ ଆମେରିକୀୟ ସିନେଟରେ ଏକ ସଂଶୋଧିତ ବିଲ ଉପସ୍ଥାପନ ହୋଇଛି, ଏଥିରେ ରୁଷରୁ ତେଲ ଓ ଗ୍ୟାସ କିଣୁଥିବା ଦେଶ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି। ଆଉ ଋଷ ଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ତାଲିକାରେ ଭାରତ, ଚୀନ, ହଙ୍ଗେରୀ, ସ୍ଲୋଭାକିଆ ଓ ଆଜରବୈଜାନ ଭଳି ଦେଶ ରହିଛନ୍ତି।

ରୁଷ ଉପରେ ଆର୍ଥିକ ଚାପ ବଢ଼ାଇବାକୁ ଆଉ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି ଆମେରିକା। ଆମେରିକୀୟ ସିନେଟରେ ଉପସ୍ଥାପିତ ସଂଶୋଧିତ ବିଲରେ ରୁଷରୁ ତୈଳ ଓ ପ୍ରାକୃତିକ ଗ୍ୟାସ କିଣୁଥିବା ଦେଶ ଉପରେ ୧୦୦ ପ୍ରତିଶତ ଟାରିଫ ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବରୁ ଏହି ଟାରିଫକୁ ୫୦୦ ପ୍ରତିଶତ କରିବାର ପ୍ରସ୍ତାବ ଥିଲା। ପରେ ଏହାକୁ କମାଇ ୧୦୦ ପ୍ରତିଶତ କରାଯାଇଛି। ଆଉ ଏହି ତାଲିକାରେ ରହିଛନ୍ତି ଭାରତ, ଚୀନ, ସ୍ଲୋଭାକିଆ, ହଙ୍ଗେରୀ ଓ ଆଜରବୈଜାନ। ଏହି ବିଲରେ ମୂଳ ଉଦ୍ଦେଶ୍ୟ ହେଉଛି ରୁଷର ତୈଳ ବିକ୍ରିରୁ ହେଉଥିବା ଆୟକୁ କମାଇବା। ଆମେରିକା ମତରେ ତୈଳ ଓ ଗ୍ୟାସ ବିକ୍ରିରୁ ମିଳୁଥିବା ଅର୍ଥକୁ ରୁଷ ୟୁକ୍ରେନ ବିରୋଧୀ ଯୁଦ୍ଧ ପାଇଁ ବ୍ୟବହାର କରୁଛି। ତେଣୁ ଏହି ଆୟକୁ ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ବିଲରେ ରୁଷର ଉର୍ଜା ପ୍ରକଳ୍ପ, କେନ୍ଦ୍ରୀୟ ବ୍ୟାଙ୍କ, ସରକାରୀ ଅଧିକାରୀ, ଶ୍ୟାଡୋ ଟ୍ୟାଙ୍କର ଓ ପ୍ରତିରକ୍ଷା ଶିଳ୍ପ ଉପରେ ମଧ୍ୟ କଡ଼ା ପ୍ରତିବନ୍ଧ ଲଗାଇବାର ପ୍ରସ୍ତାବ ରହିଛି।

ଭାରତ ପାଇଁ ଏହି ବିଲ୍ ବେଶ ଗୁରୁତ୍ୱପୂର୍ଣ୍ଣ। କାରଣ ଜୁନ୍ ୨୦୨୬ରେ ଭାରତ ରୁଷରୁ ରେକର୍ଡ ୨୬ ଲକ୍ଷ ୧୦ ହଜାର ବ୍ୟାରେଲ ପ୍ରତିଦିନ ଅଶୋଧିତ ତୈଳ ଆମଦାନୀ କରିଥିଲା। ଏହା ଦେଶର ମୋଟ ତୈଳ ଆମଦାନୀର ୫୨ ଦଶମିକ ୪ ପ୍ରତିଶତ। ଅର୍ଥାତ ଭାରତକୁ ଆସୁଥିବା ପ୍ରତି ଦୁଇ ବ୍ୟାରେଲ ତୈଳରୁ ଗୋଟିଏରୁ ଅଧିକ ବ୍ୟାରେଲ ରୁଷରୁ ଆସିଥିଲା। ମେ' ମାସ ତୁଳନାରେ ଜୁନରେ ରୁଷରୁ ତୈଳ ଆମଦାନୀ ପ୍ରାୟ ୩୯ ପ୍ରତିଶତ ବଢ଼ିଥିବା ତଥ୍ୟ ସାମ୍ନାକୁ ଆସିଛି। ଭାରତ ବର୍ତ୍ତମାନ ସର୍ବାଧିକ ପରିମାଣରେ ଋଷ ଠାରୁ ତେଲ ଆମଦାନୀ କରୁଛି। ଜୁନ ମାସରେ ଦେଶର ମୋଟ ୫୨.୪% ଅଶୋଧିତ ତୈଳ ରୁଷରୁ ଆମଦାନୀ ହୋଇଛି। ପ୍ରତିଦିନ ୨୬.୧ ଲକ୍ଷ ବ୍ୟାରେଲ କ୍ରୁଡ୍ ଅଏଲ୍ ଆମଦାନୀ ହେଉଥିବା ବେଳେ ମେ' ତୁଳନାରେ ୩୯% ଅଧିକ ଆମଦାନୀ କରାଯାଇଛି। ରୁଷ ଏବେ ବି ଭାରତର ସବୁଠୁ ବଡ଼ ତୈଳ ଯୋଗାଣକାରୀର ଭୂମିକା ନିର୍ବାହ କରୁଛି। ତେଣୁ ଏତେ ମାତ୍ରାରେ ଋଷ ତୈଳ ଆମାଦନୀ କରୁଥିବା ଭାରତକୁ ଆମେରିକାର ଏହି ଶୁଳ୍କ କ୍ଷତି ପହଞ୍ଚାଇବ।

## ଟିଏମ୍‌ସିରେ ବିଦ୍ରୋହ

# ମମତାଙ୍କ ହାତ ଛାଡ଼ିଲେ ମଦନ ମିତ୍ର



କୋଲକାତା,୧୫।୭: ପଶ୍ଚିମବଙ୍ଗ ରାଜନୀତିରେ ହଲଚଲ୍। ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିଶ୍ୱସ୍ତ ସହଯୋଗୀ ମଦନ ମିତ୍ର, ବିଦ୍ରୋହୀ ନେତା ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ଗୋଷ୍ଠୀରେ ଯୋଗଦେଇ ତାଙ୍କୁ ଏକ ଜବରଦସ୍ତ ଝଟ୍‌କା ଦେଇଛନ୍ତି। କଂଗ୍ରେସ ସହ ସମ୍ପର୍କ ଛିନ୍ନ କରିବା ସମୟରେ ଶ୍ରୀ ମିତ୍ର ମମତାଙ୍କ ସହ ଠିଆ ହୋଇଥିଲେ। କିନ୍ତୁ ସେ ବର୍ତ୍ତମାନ ଟିଏମସିର ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି। କମାରହାଟି ବିଧାୟକ ଶ୍ରୀ ମିତ୍ର କହିଛନ୍ତି ଯେ ସେ ମମତାଙ୍କ ନେତୃତ୍ୱାଧୀନ ଟିଏମସିର ସମସ୍ତ ଜାତୀୟ ଓ ରାଜ୍ୟସ୍ତରୀୟ କମିଟିରୁ ଇସ୍ତଫା ଦେଇଛନ୍ତି। ଏଥିସହ ସେ ତୁରନ୍ତ ପ୍ରଭାବରୁ ଦଳର ମୁଖ୍ୟ ସଚେତକ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ବିଦ୍ରୋହୀ ନେତାଙ୍କୁ ଭେଟିବା ପରେ ସାମ୍ବାଦିକଙ୍କ ସହ କଥାବାର୍ତ୍ତା କରି ଶ୍ରୀ ମିତ୍ର କହିଛନ୍ତି ଯେ ସେ ତାଙ୍କର କୋଠରୀ ବଦଳାଇଛି, ଘର ନୁହେଁ। ଏବେ ବି ସେ ଟିଏମସିର ଏକ ଅଂଶ ବୋଲି ଶ୍ରୀ ମିତ୍ର କହିଛନ୍ତି।

ସେ ଆହୁରି କହିଛନ୍ତି, "ମୁଁ ଅଭିଷେକ ବାନାର୍ଜୀଙ୍କୁ ପରାମର୍ଶ ଦେଇଥିଲି ଯେ ସେ ଛଅ ମାସ କିମ୍ବା ଗୋଟିଏ ବର୍ଷ ପାଇଁ ପଦ ଛାଡିଦିଅନ୍ତୁ। ମୁଁ ତାଙ୍କୁ କହିଥିଲି, ଆସନ୍ତୁ ଆମେ ଦଳକୁ ମଜବୁତ କରିବା, ତା'ପରେ ତୁମେ ଫେରି ଆସି ତୁମର ଆସନ ପୁନର୍ବାର ହାସଲ କରିପାରିବ, କିନ୍ତୁ ସେ ମନା କରିଦେଲେ। ସେ କହିଲେ, ମୁଁ ଦଳ ଛାଡିବି ନାହିଁ। ଦଳ ବୁଡ଼ିଯାଉଥିବା ସମୟରେ ମଧ୍ୟ ଏକ ନିଷ୍ପତ୍ତି ନିଆଯାଇଥିଲା । ଅଭିଷେକଙ୍କୁ ରକ୍ଷା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିତ୍ର କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ଦଳ ସମସ୍ତଙ୍କର, ତଥାପି ଏହା କେବଳ ଅଭିଷେକଙ୍କ ସେବା କରିବାରେ ସୀମିତ ହୋଇଗଲାଣି। ମୁଁ ମମତାଙ୍କୁ ବିନମ୍ରତାର ସହ ଅନୁରୋଧ କରୁଛି ଯେ ଆମେ ଏହାକୁ ଏକ ମାରାଥନ ପରି ଦେଖିବା। ଆମେ ନିଶ୍ଚିତ ଭାବରେ ରାସ୍ତାରେ ପଥ ଅତିକ୍ରମ କରିବୁ। ଦେଖାଯାଉ କେଉଁ ଘୋଡ଼ା ଆଗକୁ ଟାଣୁଛି। ମୁଁ ସମସ୍ତ ପଦବୀରୁ ଇସ୍ତଫା ଦେଇଛି, ଯଦିଓ ମୁଁ ଜଣେ ବିଧାୟକ ରହିବି। ମୁଁ ତୃଣମୂଳ ସହ ସମସ୍ତ ସମ୍ପର୍କ ଛିନ୍ନ କରିଛି। ଏହାର ଅର୍ଥ ହେଉଛି, ସମସ୍ତ ବ୍ୟବହାରିକ ଉଦ୍ଦେଶ୍ୟ ପାଇଁ ମୁଁ ଆଉ ତୃଣମୂଳ ବିଧାୟକ ନୁହେଁ।

# ସର୍ବବୃହତ୍ ପରମାଣୁ ଶକ୍ତି କେନ୍ଦ୍ରର ଡାଟା ଲିକ୍



ଚେନ୍ନାଇ,୧୫।୭: ତାମିଲନାଡୁସ୍ଥିତ ଦେଶର ସବୁଠାରୁ ବଡ଼ କୁଡୁନକୁଲମ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟର ସମ୍ବେଦନଶୀଳ ଡାଟା ଲିକ୍ ହୋଇଛି। 'ୱାର୍ଲ୍ଡ ଲିକ୍ସ' ନାମକ ଦୁଇଟି ହ୍ୟାକର ଗ୍ରୁପ୍ ଏହି ପାୱାର ପ୍ଲାଣ୍ଟର ସୂଚନା ପୋଷ୍ଟ କରିଛି। ଏଥିରେ ପ୍ଲାଣ୍ଟର କିଛି ଅଂଶର ବ୍ଲୁପ୍ରିଣ୍ଟ, ସପ୍ଲାୟର୍ସର ସୂଚନା, ମିଟିଂ ଓ ଇନ୍ସପେକ୍ସନ ରେକର୍ଡ, ଉପକରଣ ରିଭ୍ୟୁ ଓ ଇନସ୍ୟୁରାନ୍ସ ପଲିସି ସମ୍ପର୍କିତ ପ୍ରାୟ ୧୯୦୦ରୁ ଅଧିକ ଜରୁରୀ ଦସ୍ତାବିଜର ଡିଟେଲ୍ସ ରହିଛି। 'ୱାର୍ଲ୍ଡ ଲିକ୍ସ' ହ୍ୟାକର ଗ୍ରୁପ୍ ଦାବି କରିଛି ଯେ ଏହି ଦସ୍ତାବିଜ ଅନିଲ ଅମ୍ବାନୀଙ୍କ 'ରିଲାୟନ୍ସ' ଗ୍ରୁପ୍‌ର ରହିଛି, ଯାହାକି ଏହି ପ୍ଲାଣ୍ଟରେ କଣ୍ଟ୍ରାକ୍ଟର ରୂପରେ କାମ କରେ।

ତାମିଲନାଡୁସ୍ଥିତ କୁଡନକୁଲମ୍ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟ ଭାରତର ୭ ପରମାଣୁ ୟୁନିଟ୍ ଭିତରେ ସବୁଠାରୁ ବଡ଼। ରଏଟର୍ସର ରିପୋର୍ଟ ଅନୁସାରେ, ଅନିଲ ଅମ୍ବାନୀଙ୍କ ରିଲାୟନ୍ସ ଗ୍ରୁପ୍ କହିଛି ଯେ ଏହାର ଡାଟାରେ ଆଂଶିକ ଲିକ୍ ହୋଇଛି। କମ୍ପାନୀ କହିଛି ଯେ ଏହି ଡାଟା ଥାର୍ଡ ପାର୍ଟି ଡାଟା ସେଣ୍ଟର ସର୍ଭିସ ପ୍ରୋଭାଇଡର 'ୟୋଟ୍ଟା'ର ସର୍ଭରରେ ହୋଷ୍ଟ ଥିଲା। ରିଲାୟନ୍ସ ଏହି ଘଟଣାର ସୂଚନା ଭାରତ ସରକାରଙ୍କୁ ଦେଇଛି। ତେବେ କମ୍ପାନୀ ସ୍ପଷ୍ଟ କରିନାହିଁ ଯେ କେଉଁଭଳି ଡାଟା ଚୋରି ହୋଇଛି। ପରମାଣୁ ସୁରକ୍ଷା ସମ୍ପର୍କିତ ମାମଲାରେ ସରକାରଙ୍କୁ ପରାମର୍ଶ ଦେବା ଓ ଦେଶର ପ୍ରସ୍ତୁତିର ଆକଳନ କରୁଥିବା ସଂସ୍ଥା 'ନ୍ୟୁକ୍ଲିଅର ଥ୍ରେଟ୍' ଇନିସିଏଟିଭ ସିନିୟର ଡାଇରେକ୍ଟର ନିକୋଲାସ୍ ରୋଥ୍ କହିଛନ୍ତି ଯେ ଡାଟା ଲିକ୍ ଦ୍ୱାରା ପ୍ଲାଣ୍ଟ୍‌ର ସୁରକ୍ଷା ପ୍ରତି ଗମ୍ଭୀର ବିପଦ ହୋଇପାରେ। ଏଭଳି ଘଟଣା କମ୍ପାନୀ ଉପରେ ସୁରକ୍ଷା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରଏଟର୍ସର ସୂଚନାନୁସାରେ, ସେ ଲିକ୍ ହୋଇଥିବା ଦସ୍ତାବିଜର ଯାଞ୍ଚ କରିଛି, ଯାହାକି ୨୦୧୬ ରୁ ୨୦୨୫ ମଧ୍ୟରେ ରହିଛି। ତେବେ ନ୍ୟୁଜ ଏଜେନ୍ସି ରଏଟର୍ସ ଏହି ଫାଇଲ ଅସଲି କି ନାହିଁ ତାହା ସ୍ପଷ୍ଟ କରିନାହିଁ। ୱାର୍ଲ୍ଡ ଲିକ୍ସ ୱେବସାଇଟ୍‌ରେ ଥିବା ରିଲାୟନ୍ସର ମୋଟ ୮,୫୮,୦୦୦ ଭିତରୁ ୧୯ ହଜାର ଫାଇଲ ସବୁଠାରୁ ସମ୍ବେଦନଶୀଳ ଓ ସିକ୍ରେଟ ଲାଗୁଛି। ରିଲାୟନ୍ସ ଗ୍ରୁପ କମ୍ପାନୀ ରିଲାୟନ୍ସ ଇନଫ୍ରାଷ୍ଟ୍ରକଚରକୁ ୨୦୧୮ରେ କୁଡନକୁଲମ୍ ପ୍ଲାଣ୍ଟର ୟୁନିଟ୍ ୩ ଓ ୟୁନିଟ୍ ୪ର ଡିଜାଇନ୍ ଓ କନଷ୍ଟ୍ରକସନ୍ କନଟ୍ରାକ୍ଟ ମିଳିଥିଲା। ବର୍ତ୍ତମାନ ଏହାର ଦୁଇଟି ୟୁନିଟ୍ ତିଆରି ଚାଲିଛି ଓ ୨୦୨୭ ପର୍ଯ୍ୟନ୍ତ ଏହାକୁ ଚାଲୁ ହେବାର ଆଶା ରହିଛି। ଚାଲୁ ହେବା ପରେ ଏଥିରେ ମୋଟ ୨୦୦୦ ମେଗାୱାଟ ବିଜୁଳି ଉତ୍ପାଦନ ହେବ।

# ଖୋଲିବ ଟିଏମସି ଦୁର୍ନୀତି ଫାଇଲ୍

## ସରକାର ଗଠନ କଲେ ନ୍ୟାୟିକ କମିଶନ

କୋଲକାତା,୧୫।୭: ମମତା ବାନାର୍ଜୀଙ୍କ ୧୫ ବର୍ଷର ଶାସନ କାଳରେ କେତେ ଦୁର୍ନୀତି ହୋଇଛି, ତା'ର ଗୋଟି ଗୋଟି କରି ସବୁ ଦୁର୍ନୀତିକୁ ପଦାକୁ ଆଣିବ ବିଜେପି ସରକାର। ଏଥିପାଇଁ ପଶ୍ଚିମବଙ୍ଗର ଶୁଭେନ୍ଦୁ ସରକାର ନ୍ୟାୟିକ କମିଶନ ଗଠନ କରିଛନ୍ତି। ଏହି କମିଶନ ମମତାଙ୍କ ଶାସନ କାଳରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବ।

ଶୁଭେନ୍ଦୁ ସରକାର ଗଠନ କରିଥିବା ନ୍ୟାୟିକ କମିଶନ ୨୦୧୧ରୁ ୨୦୨୬ ମଧ୍ୟରେ ହୋଇଥିବା ଆର୍ଥିକ ଅନିୟମିତତାର ସ୍ୱତନ୍ତ୍ର ଯାଞ୍ଚ କରିବ। ଭିନ୍ନ ଭିନ୍ନ ବିଭାଗରେ ହୋଇଥିବା ଆର୍ଥିକ ଅନିୟମିତତାର ଖୋଳତାଡ଼ କରାଯିବ। ନ୍ୟାୟିକ କମିଶନର ଅଧ୍ୟକ୍ଷ ଭାବେ କୋଲକାତା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବିଶ୍ୱଜିତ ବସୁଙ୍କୁ ନିଯୁକ୍ତ କରାଯାଇଛି। ପଶ୍ଚିମବଙ୍ଗ ସରକାରର ଜଣେ ଅଧିକାରୀଙ୍କ ଅନୁସାରେ, ଶିକ୍ଷା, ଖାଦ୍ୟ ଓ ଯୋଗାଣ, ଗୃହ, ମତ୍ସ୍ୟପାଳନ, ଗୋରଖାଲାଣ୍ଡ ସମେତ ଅନେକ ବିଭାଗର ତଦନ୍ତ କରିପାରନ୍ତି ନ୍ୟାୟିକ କମିଶନ। ଯଦି ତଦନ୍ତ ସମୟରେ କୌଣସି ମାମଲାରେ ଅପରାଧିକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ପଡ଼େ ତେବେ କମିଶନ ସମ୍ପୃକ୍ତ ପୋଲିସ ଏଜେନ୍ସିକୁ ଏଫଆଇଆର ରୁଜୁ କରିବା ପାଇଁ ସିଧାସଳଖ ସୁପାରିସ କରିପାରିବେ ବୋଲି ଶୁଭେନ୍ଦୁ ସରକାର ନିଷ୍ପତ୍ତି ନେଇଛନ୍ତି। ନ୍ୟାୟିକ କମିଶନ ନିଜର ତଦନ୍ତ ରିପୋର୍ଟ ସମୟ ସମୟରେ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବେ। ରିପୋର୍ଟରେ ଦୋଷୀଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେନେଇ ପରାମର୍ଶ ମଧ୍ୟ ପରାମର୍ଶ ଦେବେ ନ୍ୟାୟିକ କମିଶନ।

# ବିଶ୍ୱ ଚିପ୍ ମାର୍କେଟରେ ଲିଡର ହେବ ଭାରତ

## ୧.୨୭ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ



ନୂଆଦିଲ୍ଲୀ, ୧୫।୭: ଭାରତକୁ ଦୁନିଆର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଏବଂ ହାଇ-ଟେକ୍ ମେନ୍ୟୁଫାକ୍ଚରିଂ ପାୱରହାଉସ୍ କରିବା ଦିଗରେ କେନ୍ଦ୍ର ସରକାର ଏକ ଐତିହାସିକ ପଦକ୍ଷେପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦କୁ ମଞ୍ଜୁରି ଦେଇଛନ୍ତି। ସରକାର ଦେଶ ଭିତରେ ଚିପ୍ ଏବଂ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ସମ୍ପୂର୍ଣ୍ଣ ରୂପେ ବିକଶିତ କରିବା ପାଇଁ ୧.୨୭ ଲକ୍ଷ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରିଛନ୍ତି। ଏହି ନୂଆ ଫେଜ୍ ଭାରତକୁ ସେମକଣ୍ଡକ୍ଟର ମିଶନ ସଫଳତାକୁ ଆଗକୁ ନେଇ ଦେଶକୁ ବୈଶ୍ୱିକ ସ୍ତରରେ ଏକ ଆତ୍ମନିର୍ଭର ଓ ମଜଭୁତ ଚିପ୍ ହବରେ ପରିଣତ କରିବ। ଏହି ପଦକ୍ଷେପ ଦେଶରେ ଏକ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଇକୋସିଷ୍ଟମ୍ ଗଠନ କରିବାରେ ସାହାଯ୍ୟ କରିବ ଏବଂ ବିଶ୍ୱ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳାରେ ଭାରତର ସ୍ଥିତିକୁ ମଜବୁତ କରିବ। କ୍ୟାବିନେଟ୍ ଏବଂ ଆର୍ଥିକ ବ୍ୟାପାର କ୍ୟାବିନେଟ୍ କମିଟିର ବୈଠକ ପରେ ଏହି ନିଷ୍ପତ୍ତିଗୁଡ଼ିକର ଘୋଷଣା କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁମୋଦିତ ସାତଟି ପ୍ରମୁଖ ନିଷ୍ପତ୍ତି ମଧ୍ୟରେ ସେମିକଣ୍ଡକ୍ଟର ପ୍ୟାକେଜ୍ ଅନ୍ତର୍ଭୁକ୍ତ। କ୍ୟାବିନେଟ୍ ବୈଠକେରେ ସାତଟି ପ୍ରମୁଖ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଦୁଇଟି ନିଷ୍ପତ୍ତି ବାରାଣସୀରେ ଏକ ସମ୍ପୂର୍ଣ୍ଣ ନୂତନ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ସହିତ ଜଡିତ। ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ନିଷ୍ପତ୍ତି ସେମିକନ୍ ୨.୦ ମିଶନ ସହିତ ଜଡ଼ିତ, ଯାହା ଆଜି ଅନୁମୋଦିତ ହୋଇଛି। ଏହି ଅନୁମୋଦନଗୁଡ଼ିକ ପ୍ରାୟ ୨.୧୯ ଲକ୍ଷ କୋଟି ଟଙ୍କାର ସାତଟି କ୍ୟାବିନେଟ ନିଷ୍ପତ୍ତିର ଏକ ବୃହତ ପ୍ୟାକେଜ।

## ପ୍ରତିବାଦ କରୁଥିବା ଯୁବବର୍ଗଙ୍କୁ ଶଶି ଥରୁରଙ୍କ ଚିଠି

# ୱାଙ୍ଗଚୁକଙ୍କୁ ଅନଶନ ଭାଙ୍ଗିବାକୁ ଅପିଲ୍




ନୂଆଦିଲ୍ଲୀ, ୧୫।୭: ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର ଜନ୍ତରମନ୍ତରରେ ପ୍ରତିବାଦ କରୁଥିବା ଯୁବବର୍ଗଙ୍କୁ ଏକ ଚିଠି ଲେଖିଛନ୍ତି। ସେ କହିଛନ୍ତି, ଆଜି ମୁଁ ଜଣେ ରାଜନେତା କିମ୍ବା ସଂସଦ ସଦସ୍ୟ ଭାବରେ ନୁହେଁ, ବରଂ ଜଣେ ସାଧାରଣ ବ୍ୟକ୍ତି ଭାବରେ କହୁଛି ଯେ, ଆପଣଙ୍କ ପିଢ଼ିର ଯୁବ ଭାରତୀୟଙ୍କ ସହ ଘଟୁଥିବା ଘଟଣାଗୁଡ଼ିକୁ ନେଇ ମୁଁ ବେଶ ଚିନ୍ତିତ। ଏଥିରେ ସରକାରଙ୍କୁ ହସ୍ତକ୍ଷେପ କରିବାକୁ ଥରୁର ଅନୁରୋଧ କରିଛନ୍ତି। ଏହା ସହ ସେ ସୋନମ ୱାଙ୍ଗଚୁକଙ୍କୁ ତାଙ୍କର ଅନଶନ ଭାଙ୍ଗିବାକୁ ମଧ୍ୟ ଅନୁରୋଧ କରିଛନ୍ତି।

ଥରୁର ଲେଖିଛନ୍ତି, ଏହା ମୋର ବ୍ୟକ୍ତିଗତ ବିଷୟ। ମୁଁ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିଲି। ମୋ ବାପା ଖବରକାଗଜରେ କାମ କରୁଥିଲେ, ମୋ ମାଆ ଜଣେ ଗୃହିଣୀ ଥିଲେ। ଜଣଙ୍କର ରୋଜଗାରରେ ଆମେ ତିନି ପିଲା ପାଠପଢୁଥିଲୁ। ଆମ ପରି ପରିବାର ପାଇଁ ଛାତ୍ରବୃତ୍ତି, ନିରପେକ୍ଷ ପରୀକ୍ଷା ଏବଂ ସଚ୍ଚୋଟ ଫଳାଫଳ ହିଁ ଏକମାତ୍ର ଉପାୟ ଥିଲା ଯାହା ଦ୍ୱାରା ଗୋଟିଏ ଦରମାରେ ତିନି ପିଲାଙ୍କ ସ୍ୱପ୍ନ ପୂରଣ ହୋଇପାରିବ। ମୁଁ ମୁମ୍ବାଇ ଏବଂ କୋଲକାତାରେ ସ୍କୁଲରେ ପଢ଼ିଥିଲି, ଦିଲ୍ଲୀରେ କଲେଜରେ ପଢ଼ିଥିଲି, ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇ ଆଇଆଇଏମରେ ପ୍ରବେଶ ସୁଯୋଗ ଲାଭ କରିଥିଲି। କିନ୍ତୁ ମୁଁ ସ୍କଲାରସିପ୍ ନେଇ ଆମେରିକା ଯାଇ ଆନ୍ତର୍ଜାତୀୟ ବ୍ୟାପାରରେ ପାଠପଢ଼ିବାକୁ ଚୟନ କରିଥିଲି। ମୋତେ ଉତ୍ତରାଧିକାରୀ ଭାବରେ କିଛି ମିଳିନଥିଲା। ମୁଁ କଠିନ ପରିଶ୍ରମ ଏବଂ ପରୀକ୍ଷା ମାଧ୍ୟମରେ ସବୁକିଛି ଅର୍ଜନ କରିଥିଲି। ମୁଁ ଜାଣେ ଯେ ନିମ୍ନ ଏବଂ ମଧ୍ୟମ ଆୟ ପରିବାରର ଯୁବକମାନଙ୍କ ପାଇଁ, ଏକ ନିରପେକ୍ଷ, ଯୋଗ୍ୟତା-ଭିତ୍ତିକ ବ୍ୟବସ୍ଥା ହେଉଛି ଉନ୍ନତିର ଏକମାତ୍ର ସିଡ଼ି। ଯେତେବେଳେ ପ୍ରଶ୍ନପତ୍ର ଲିକ୍ ହୁଏ, ପରୀକ୍ଷା ବାତିଲ ହୁଏ ସେହି ସିଡ଼ି ଭାଙ୍ଗିଯାଏ। ଏହା ସହ ବିଶ୍ୱାସ ଭାଙ୍ଗିଯାଏ। ଏହାଦ୍ୱାରା ଧନୀ ପିଲାମାନେ କ୍ଷତିଗ୍ରସ୍ତ ହୁଅନ୍ତି ନାହିଁ। ସେମାନଙ୍କର ଅନ୍ୟ ସିଡ଼ି ଅଛି। ଏହା ତୁମର ସ୍ୱପ୍ନ ଏବଂ ତୁମର ପରିବାରର ବଳିଦାନ ପ୍ରତି ଏକ ବଡ଼ ବିଶ୍ୱାସଘାତକତା। ଆଶା ହରାଅ ନାହିଁ। ଏହି ସିଡ଼ି ତୁମ ଦ୍ୱାରା ଏବଂ ତୁମ ସହିତ ଛିଡ଼ା ହୋଇଥିବା ପ୍ରତ୍ୟେକ ଭାରତୀୟଙ୍କ ଦ୍ୱାରା ପୁନଃନିର୍ମାଣ କରାଯିବ।

# ଜୋର୍ଡାନ-ବାହାରିନ-କୁଏତରେ ଡ୍ରୋନ୍ ଆଟାକ୍



ୱାଶିଂଟନ୍,୧୫।୭: ଆମେରିକା ଏବଂ ଇରାନ ମଧ୍ୟରେ ଭୟଙ୍କର ଯୁଦ୍ଧ ଜାରି ରହିଛି। କେହି କାହାରିକୁ ଛାଡିବାକୁ ନାରାଜ। ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ମିସାଇଲ ଏବଂ ବୋମା ବର୍ଷା କରୁଛନ୍ତି। ଆମେରିକା ଲଗାତାର ଚାରି ଦିନ ହେଲା ଇରାନର ଅନେକ ସାମରିକ ଘାଟିକୁ ଟାର୍ଗେଟ୍ କରୁଛି। ଇରାନ ମଧ୍ୟ ଏହାର ପାଲଟା ଜବାବ ଦେବା ଆରମ୍ଭ କଲାଣି।

ଇସଲାମିକ ରିଭଲ୍ୟୁସନାରୀ ଗାର୍ଡ ଫୋର୍ସ ଅଫ୍ ଇରାନ କହିଛି ଯେ, ସେମାନେ ଜୋର୍ଡାନ, ବାହାରୀନ ଏବଂ କୁଏତରେ ଥିବା ଆମେରିକାର ସାମରିକ ଘାଟି ଉପରେ ଆକ୍ରମଣ କରିଛନ୍ତି। ଅନ୍ୟ ଦିଗରେ ଆମେରିକା ଇରାନ ମଧ୍ୟରେ ପ୍ରବେଶ କରିବାକୁ ପ୍ଲାନ୍ କରୁଛି। ଏଥିପାଇଁ କମ ମାତ୍ରାରେ ଏୟାର ଷ୍ଟ୍ରାଇକ୍ କରୁଛି। କିନ୍ତୁ ୟୁଏସ ଫୋର୍ସ ଇରାନର କେଉଁ ସ୍ଥାନରେ ଓହ୍ଲାଇବ ତାହା ସ୍ପଷ୍ଟ ହୋଇନାହିଁ। ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ କହିଛି ଯେ, ମଙ୍ଗଳବାର ବିଳମ୍ବିତ ରାତ୍ରରେ ଆମେରିକା ଇରାନର ଅନେକ ସ୍ଥାନରେ ଏୟାରଷ୍ଟ୍ରାଇକ କରିଛି । ହର୍ମୋଜକୁ ତେହେରାନ କବଜା କରିବା ପରେ ଏୟାରଷ୍ଟ୍ରାଇକ୍ ଆରମ୍ଭ ହୋଇଛି । ଇରାନର କିଛି ବନ୍ଦରରେ ମିସାଇଲ ମାଡ଼ ହୋଇଛି। ଆଇଆରଏନଏ ନ୍ୟୁଜ ଏଜେନ୍ସି ଅନୁସାରେ, ହେଗାମ୍ ଦ୍ୱୀପରେ ଆମେରିକାର ଡ୍ରୋନ୍ ପଡିଛି । ବନ୍ଦର ଆବାସ ଆଖପାଖରେ ମଧ୍ୟ ଜୋରଦାର ଶବ୍ଦ ଶୁଣିବାକୁ ମିଳିଛି। ଏହାପୂର୍ବରୁ ଜୁଲାଇ ୧୩ ତାରିଖରେ ବୁସେହର, ଚାବାହାର, ଜାସ୍କ, କୋନାରକ, ଅବୁ ମୁସା ଏବଂ ବନ୍ଦର ଆବାସ ସମେତ ଅନେକ ଜାଗାରେ ଆକ୍ରମଣ ହୋଇଥିଲା। ଇରାନ କହିଛି ଯେ, ସେମାନେ ଜୋର୍ଡାନର ଅଜରାକ ଏୟାରବେସ୍ ସ୍ଥିତ ଆମେରିକାର କିଛି ଘାଟିରେ ଆକ୍ରମଣ କରିଛନ୍ତି। ବାହାରିନ୍ ଏବଂ କୁଏତରେ ମଧ୍ୟ ଆଟାକ୍ କରାଯାଇଛି।

● କମେଡିଆନ୍ ରୈନାଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

# ୧୦ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୫।୭(ସଂଚାର ବ୍ୟୁରୋ): ଜଣାଶୁଣା ଷ୍ଟାଣ୍ଡଅପ୍ କମେଡିଆନ ସମୟ ରୈନା ପୁଣିଥରେ ବିବାଦରେ ଫସିଛନ୍ତି। ତାଙ୍କର ବିବାଦୀୟ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ ଶୋ'କୁ ନେଇ ସୁପ୍ରିମକୋର୍ଟ ପୁଣିଥରେ ସମୟଙ୍କୁ କଡ଼ା ସମାଲୋଚନା କରିଛନ୍ତି। କୋର୍ଟ କହିଛନ୍ତି ଯେ ସମୟ ଭୁଲ୍ ତଥ୍ୟ ଉପସ୍ଥାପନ କରିଛନ୍ତି ଓ ନ୍ୟାୟିକ ପ୍ରକ୍ରିୟାକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ସମୟଙ୍କ ଉପରେ ୧୦ ଲକ୍ଷ ଟଙ୍କାର ଜରିମାନା ମଧ୍ୟ ଲଗାଇଛନ୍ତି। କୋର୍ଟ ସମୟଙ୍କ ଉପରେ ୧୦ ଲକ୍ଷ ଜରିମାନା ଲଗାଇବା ସହ ଏହି ଅର୍ଥ ଦୁଇ ସପ୍ତାହ ମଧ୍ୟରେ ଜମା କରିବାକୁ କହିଛନ୍ତି। ୧୫ ଦିନ ମଧ୍ୟରେ ଏକ ନିୟମ ପାଳନ ସତ୍ୟପାଠ ଦାଖଲ କରିବାକୁ ଶେଷ ସୁଯୋଗ ମଧ୍ୟ ଦିଆଯାଇଛି। ଯଦି ସମୟ ଭିତରେ ଜରିମାନା ରାଶି ପଇଠ କରା ନ ଯାଏ, ତେବେ ସମୟ ରୈନା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୋସିଆଲ ମିଡିଆରେ ନିଜକୁ ୟୁଥ ଆଇକନ କହୁଥିବା ସମୟଙ୍କ ଉପରେ ଲାଗିଛି ସୁପ୍ରିମକୋର୍ଟ ଛାଟ। ବିଳମ୍ବରେ ସମୟଙ୍କ ତରଫରୁ ଉତ୍ତର ମିଳିବା ନେଇ ମଧ୍ୟ ସୁପ୍ରିମକୋର୍ଟ ତାଙ୍କୁ ଭର୍ତ୍ସନା କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ସମୟଙ୍କ ଫାଇଲ ପଢ଼ି ବିରକ୍ତି ଭାବ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତବର୍ଷ ଇଣ୍ଡିଆଜ ଗଟ୍ ଲାଟେଣ୍ଟରେ ସମୟ ଦିବ୍ୟାଙ୍ଗ ଓ ସ୍ପାଇନଲ ମସ୍କୁଲର ଏଟ୍ରୋଫିରେ ପୀଡ଼ିତ ଲୋକଙ୍କୁ ଥଟ୍ଟା ପରିହାସ କରିଥିଲେ। ଏହାକୁ ନେଇ ବିବାଦ ବଢ଼ିଥିଲା। ଏହି ଘଟଣାରେ ସମୟଙ୍କ ସହ ଉପସ୍ଥିତ ଥିବା ଅନ୍ୟ କମେଡିଆନ୍ କ୍ଷମା ମାଗିଥିଲେ।

## ପାସପୋର୍ଟ ନାହିଁ କି ଭିସା ନାହିଁ

# ଦିଲ୍ଲୀରୁ ଧରାପଡ଼ିଲା ବାଂଲାଦେଶୀ ନାଗରିକ

## ରାତିରେ ଟ୍ରାନ୍ସଜେଣ୍ଡର ବେଶରେ ବୁଲୁଥିଲା ସୁକାନ୍ତ

ନୂଆଦିଲ୍ଲୀ,୧୫।୭: ଦେଶରେ ବହୁ ସଂଖ୍ୟକ ବାଂଲାଦେଶୀ ନାଗରିକ ବେଆଇନ ଭାବରେ ରହୁଥିବା ବାରମ୍ବାର ଅଭିଯୋଗ ହେଉଛି। ଆଉ ଏମାନଙ୍କୁ ବାହାର କରିବା ପାଇଁ ଅନେକ ପ୍ରୟାସ କରାଯାଉଛି। ବର୍ତ୍ତମାନ ଏପରି ଜଣେ ବାଂଲାଦେଶୀ ନାଗରିକଙ୍କୁ ଟ୍ରାନ୍ସଜେଣ୍ଡରଙ୍କ ବେଶରେ ରହୁଥିବା ଧରାପଡ଼ିଛି। ତାଙ୍କର ନା କୌଣସି ବୈଧ ପାସପୋର୍ଟ ଥିଲା ନା କୌଣସି ଭିସା, ଏବଂ ତାଙ୍କ ପାଖରେ ଅନ୍ୟ କୌଣସି କାଗଜପତ୍ର ମଧ୍ୟ ନଥିଲା।

ରାଜଧାନୀ ଦିଲ୍ଲୀର ପୋଲିସ ଜଣେ ୪୪ ବର୍ଷୀୟ ବାଂଲାଦେଶୀ ନାଗରିକଙ୍କୁ ଅଟକ ରଖିଛି, ଯିଏ ଦୀର୍ଘ ଦିନ ଧରି ଭାରତରେ ଅବୈଧ ଭାବରେ ରହୁଥିଲେ ବୋଲି ଅଭିଯୋଗ ହୋଇଛି। ସେ ଜଣେ ଟ୍ରାନ୍ସଜେଣ୍ଡରଙ୍କ ବେଶରେ ଦିଲ୍ଲୀର ଜାହାଙ୍ଗୀରପୁରୀ ଅଞ୍ଚଳରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ଉତ୍ତର ପଶ୍ଚିମ ଜିଲ୍ଲାର ବିଦେଶୀ ସେଲ୍ ଦ୍ୱାରା ଅବୈଧ ବିଦେଶୀଙ୍କ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅଭିଯାନ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଦିଲ୍ଲୀ ପୋଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତର ନାମ ସୁକାନ୍ତ ଚନ୍ଦ୍ର ଦାସ ଓରଫ ମାଧୁରୀ। ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ଜୁଲାଇ ୧୦ ତାରିଖରେ ଜାହାଙ୍ଗୀରପୁରୀର ଭାଲସ୍ୱା ଫ୍ଲାଏଓଭର ତଳେ ସୁକାନ୍ତଙ୍କୁ ଗିରଫ କରାଯାଇଥିଲା। ଭାରତରେ ରହିବା ପାଇଁ ଆବଶ୍ୟକୀୟ ବୈଧ ପାସପୋର୍ଟ, ଭିସା କିମ୍ବା ଅନ୍ୟାନ୍ୟ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ। ପଚରାଉଚରା ସମୟରେ, ଅଭିଯୁକ୍ତ ସୁକାନ୍ତ ସ୍ୱୀକାର କରିଛି ଯେ ସେ ରାତିରେ ଟ୍ରାନ୍ସଜେଣ୍ଡର ପୋଷାକ ପିନ୍ଧି ବାହାରକୁ ଯାଉଥିଲେ ଏବଂ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ହେଉଥିଲେ। ତଦନ୍ତ ସମୟରେ, ତାଙ୍କଠାରୁ ଜବତ ହୋଇଥିବା ସ୍ମାର୍ଟଫୋନରେ ନିଷିଦ୍ଧ ଆଇଏମଓ ଆପ୍ଲିକେସନ୍ ଲୋଡ ହୋଇଥିବା ଜଣାପଡ଼ିଥିଲା। ପୋଲିସ ଏହା ମଧ୍ୟ ଦାବି କରିଛି ଯେ ଫୋନର ଗ୍ୟାଲେରୀରେ ବାଂଲାଦେଶୀ ଜାତୀୟ ପରିଚୟ ପତ୍ରର ଅନେକ ଫଟୋ ରହିଛି।

## ମହିଳା ବି ଦେଉଛନ୍ତି ମିଛ ପରିଚୟ

# ୪୦ ଲକ୍ଷ ଟଙ୍କା ଦାବି ପରେ ମହିଳା ଗିରଫ




## ଆଇଏଏସ କହି ବାହା ହୋଇଥିଲେ

ବରେଲି, ୧୫।୭: ଉତ୍ତରପ୍ରଦେଶର ବରେଲିରୁ ଆସିଛି ଏକ ଚାଞ୍ଚଲ୍ୟକର ଠକେଇ ଘଟଣା। ଜଣେ ମହିଳା ନିଜକୁ ଆଇଏଏସ ଅଧିକାରୀ ବୋଲି ପରିଚୟ ଦେଇ ସୋସିଆଲ ମିଡିଆରେ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଥିଲେ। ପରେ ଏହି ପ୍ରେମ ବିବାହରେ ପରିଣତ ହୋଇଥିଲା କିନ୍ତୁ ବିବାହ ପରେ ମହିଳାଙ୍କ ସମସ୍ତ ଦାବି ମିଛ ବୋଲି ସାମ୍ନାକୁ ଆସିଥିବା ସହ ସେ ଟଙ୍କା ଓ ସୁନା ଗହଣା ପାଇଁ ଚାପ ପକାଇଥିବା ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁସାରେ, ଫରିଦପୁର ଅଞ୍ଚଳର ଅଭିଷେକଙ୍କ ସହ ବଦାଉଁ ଜିଲ୍ଲାର ସାଧନାଙ୍କ ପରିଚୟ ଫେସବୁକ ଜରିଆରେ ହୋଇଥିଲା। ଦୁହିଁଙ୍କ ମଧ୍ୟରେ କଥାବାର୍ତ୍ତା ବଢ଼ିବା ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା ଏବଂ ପରେ ଉଭୟ ବିବାହ କରିଥିଲେ। ଅଭିଷେକଙ୍କ ଅଭିଯୋଗ ଅନୁସାରେ, ବିବାହ ପୂର୍ବରୁ ସାଧନା ନିଜକୁ ୟୁପିଏସସି ପରୀକ୍ଷାରେ ସଫଳ ହୋଇଥିବା ଏବଂ ଜଣେ ଆଇଏଏସ ଅଧିକାରୀ ବୋଲି କହିଥିଲେ। ଏପରିକି ଏକ କୋର୍ଟ ମାମଲା କାରଣରୁ ତାଙ୍କ ନିଯୁକ୍ତି ଅଟକି ରହିଥିବା ଏବଂ ମାମଲାର ରାୟ ଆସିଲେ ସେ ଚାକିରିରେ ଯୋଗଦେବେ ବୋଲି ଦାବି କରିଥିଲେ। ମାତ୍ର ବିବାହ ପରେ ସାଧନାଙ୍କ ପ୍ରକୃତ ପରିଚୟ ସାମ୍ନାକୁ ଆସିଥିଲା। ସେ ଆଇଏଏସ ଅଧିକାରୀ ନୁହେଁ ବୋଲି ଜଣାପଡ଼ିବା ସହ ସେ ଅଭିଷେକଙ୍କ ପରିବାରଠାରୁ ୪୦ ଲକ୍ଷ ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଛି। ଏହାଛଡ଼ା ସେ ଲକ୍ଷାଧିକ ଟଙ୍କାର ସୁନା ଗହଣା ନିଜ ଦଖଲକୁ ନେଇଥିବା ମଧ୍ୟ ଅଭିଯୋଗ ରହିଛି। ପୀଡ଼ିତ ପରିବାରର କହିବା ଅନୁସାରେ, ଟଙ୍କା ଦେବାକୁ ମନା କରିବାରୁ ସାଧନା ଘରୋଇ ହିଂସା ଓ ହତ୍ୟା ଭଳି ମିଥ୍ୟା ମାମଲାରେ ଫସାଇଦେବାକୁ ଧମକ ଦେଉଥିଲେ। ଅଭିଯୋଗ ଆଧାରରେ ବରେଲି ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ସରକାରଙ୍କୁ ବଦନାମ କରୁଛନ୍ତି ଷଡ଼ଯନ୍ତ୍ରକାରୀ

- ଘୃଣ୍ୟ ଷଡ଼ଯନ୍ତ୍ର ଅତ୍ୟନ୍ତ ଅକ୍ଷମଣୀୟ
- ତନ୍ନ ତନ୍ନ ଯାଞ୍ଚ କରି ଅପରାଧୀଙ୍କୁ ଖୋଜି ବାହାର କରାଯିବ



**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଗତ ୨୦୨୦ରୁ ଦେଶରେ ନୂତନ ଜାତୀୟ ଶିକ୍ଷା ନୀତି (ଏନଇପି) ଲାଗୁ ହେବା ପରେ ମଧ୍ୟ ତତ୍କାଳୀନ ବିଜେଡି ସରକାର ଏହାକୁ ଓଡ଼ିଶା ରାଜ୍ୟରେ କାର୍ଯ୍ୟକାରୀ କଲେନାହିଁ। ୨୦୨୪ରେ ବିଜେପି ସରକାର ଶାସନକୁ ଆସିବା ପରେ ଏନ୍ଇପି-୨୦୨୦ କାର୍ଯ୍ୟକାରୀ କରିବାର ପ୍ରକ୍ରିୟା ଆରମ୍ଭ କଲେ। ଏନ୍ଇପି-୨୦୨୦ ଆଧାରରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଠ୍ୟକ୍ରମରେ ନୂତନ ପୁସ୍ତକ ପ୍ରଚଳନ କରାଗଲା। ପାଠ୍ୟ ପୁସ୍ତକରେ ତ୍ରୁଟି ପରିଲକ୍ଷିତ ହେଲା, ଯାହା ଜନତାଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ ଆମ ସମସ୍ତଙ୍କୁ ବହୁତ କଷ୍ଟ ଦେଇଛି। ପାଠ୍ୟ ପୁସ୍ତକରେ ଥିବା ତ୍ରୁଟିରେ ଷଡ୍‌ଯନ୍ତ୍ର ଥିବା ସନ୍ଦେହ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ତ୍ରୁଟିବିଚ୍ୟୁତିର କାରଣ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଲେ। ରିପୋର୍ଟ ଅନୁସାରେ ୪ ଜଣଙ୍କୁ ନିଲମ୍ବନ କରାଗଲା। ଏଥିସହ ସରକାରଙ୍କୁ ବଦନାମ କରିବା ପାଇଁ ଷଡ୍‌ଯନ୍ତ୍ରର ଗନ୍ଧ ଘନୀଭୂତ ହେବାରୁ ଏହାର ପର୍ଦ୍ଦାଫାସ ସହ ଷଡ୍‌ଯନ୍ତ୍ରକାରୀଙ୍କ ବିରୋଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କଲେ। ତଦନ୍ତର ପ୍ରଥମ ପର୍ଯ୍ୟାୟରେ ତତ୍କାଳୀନ ଏସସିଇଆରଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଗିରଫ କରାଯାଇଛି। ତେଣୁ ଷଡ୍‌ଯନ୍ତ୍ରକାରୀଙ୍କୁ ଦୃଢ଼ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବ। କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାର କରିବାର ଘୃଣ୍ୟ ଷଡ୍‌ଯନ୍ତ୍ର ଅତ୍ୟନ୍ତ ଅକ୍ଷମଣୀୟ। ତନ୍ନ ତନ୍ନ ଯାଞ୍ଚ କରାଯାଇ ଅପରାଧୀମାନଙ୍କୁ ଖୋଜି ବାହାର କରାଯିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ରାଜ୍ୟ ସରକାରଙ୍କୁ ବଦନାମ କରିବା ପାଇଁ 'ସୁପାରୀ ଜର୍ଣ୍ଣାଲିଜମ' ମାଧ୍ୟମରେ ଷଡ୍‌ଯନ୍ତ୍ର କରାଯାଉଛି ଓ ଏଥିରେ କେତେକ ନିର୍ଦ୍ଦିଷ୍ଟ ସାମ୍ବାଦିକ ଅଂଶବିଶେଷ ସାଜିଛନ୍ତି। ଉମରକୋଟର ସାମ୍ବାଦିକ ଓ ସମ୍ପାଦକ ସୁଧାଂଶୁ ରାଉତଙ୍କ ବାର୍ତ୍ତାଳାପରୁ ସ୍ପଷ୍ଟ ହେଉଛି ଯେ ସାମ୍ବାଦିକତା ଭଳି ଏକ ପବିତ୍ର କାର୍ଯ୍ୟକୁ ସମ୍ପାଦକ ଶ୍ରୀ ରାଉତ କଳଙ୍କିତ ଓ ନିନ୍ଦିତ କରିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ଓ ଶିଳ୍ପ ମନ୍ତ୍ରୀଙ୍କୁ ହତ୍ୟା କରିବା ପାଇଁ ହେଉଥିବା ଷଡ୍‌ଯନ୍ତ୍ରଟି ଉକ୍ତ ଅଡିଓରୁ ସ୍ପଷ୍ଟ ହୋଇଛି। ଓଡ଼ିଶାରେ ଦୀର୍ଘ ସମୟ ଧରି ବିଜେଡି ଶାସନ କ୍ଷମତାରେ ଥାଇ ଜନତାଙ୍କ ଦ୍ୱାରା ପ୍ରତ୍ୟାକ୍ଷିତ ହେବା ପରେ ଏବେ ଅତ୍ୟନ୍ତ ନିମ୍ନ ସ୍ତରକୁ ଖସିଯାଇ ଗଣମାଧ୍ୟମକୁ ଅପବ୍ୟବହାର କରିବାକୁ ପଶ୍ଚାତ୍‌ପଦ ହେଉନାହିଁ। ଆଲୋଚ୍ୟ ଘଟଣାରେ ସରକାରଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ସକାଶେ ବିଜେଡି ସୁପାରୀ ଦେଉଥିବା ଏକ କଳଙ୍କମୟ ଅଧ୍ୟାୟ ସୃଷ୍ଟି କରିଛି। ଏଥିସହ ସୁପାରୀ ସାମ୍ବାଦିକ ଶ୍ରୀ ରାଉତଙ୍କ ନାମରେ ଥାନାରେ ଏଫଆଇଆର ଦିଆଯାଇଛି। ତେଣୁ ଏଭଳି ସୁପାରୀ ସାମ୍ବାଦିକମାନଙ୍କଠାରୁ ଜନସାଧାରଣ ସତର୍କ ରହିବାକୁ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ସେବାରୁ ସେବାୟତ ନିଲମ୍ବିତ

**ପୁରୀ,୧୫।୭(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ନୀତି ସମ୍ପାଦନରେ ଶୃଙ୍ଖଳା ରକ୍ଷା ପ୍ରତି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସର୍ବଦା ସର୍ବୋଚ୍ଚ ଗୁରୁତ୍ୱ ଦେଇଆସିଛି। ଏହି କ୍ରମରେ ବୁଧବାର ଉଭାପର୍ବରେ ନୀତିକାନ୍ତି ପାଳନ ସମୟରେ ଦତ୍ତ ମହାପାତ୍ର ସେବାୟତ ରଶ୍ମିରଞ୍ଜନ ଦତ୍ତ ମହାପାତ୍ର ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବାରୁ ତାଙ୍କୁ ଶ୍ରୀମନ୍ଦିର କମାଣ୍ଡରଙ୍କ ରିପୋର୍ଟ ଆଧାରରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ସେବାରୁ ନିଲମ୍ବନ କରିଛନ୍ତି। ଏଥିସହ ଉଭାପର୍ବରେ ସମସ୍ତ ସେବାୟତଙ୍କ ସହଯୋଗ ଓ ସମନ୍ୱୟ ପାଇଁ ଡ. ପାଢ଼ୀ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେ ଆହୁରି ମଧ୍ୟ ଆଶା ପ୍ରକାଶ କରିଛନ୍ତି ଯେ ଆଗାମୀ ଦିନରେ ମଧ୍ୟ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମୟାନୁବର୍ତ୍ତିତା, ଶୃଙ୍ଖଳା ଓ ଭକ୍ତିଭାବର ସହ ସମ୍ପାଦିତ ହେବ। ଯାହାଫଳରେ ପୁରୀକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭକ୍ତ ଓ ଭଗବାନଙ୍କ...

ନୟନରେ ଅପେକ୍ଷା କରିଛନ୍ତି ଭକ୍ତ। ଆଜି ବିଜେ କାହାଳୀ ବାଜିବା ପରେ ଦିନ ପ୍ରାୟ ଗୋଟାଏ ୧୦ ବେଳକୁ ଶ୍ରୀମନ୍ଦିରରୁ ୩ ରଥ ପାଇଁ ଆଜ୍ଞାମାଳ ଆସିବାର ପର୍ବ ଆରମ୍ଭ ହୋଇଥିଲା। ୩ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଶ୍ରଦ୍ଧାର ସହ ୩ ରଥରେ ବିଜେ କରିଥିଲେ। ପ୍ରଥମେ ବଡ଼ଠାକୁରଙ୍କ ତାଳଧ୍ୱଜ, ପରେ କାଳିଆ ଠାକୁରଙ୍କର ନନ୍ଦିଘୋଷ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥ ଦର୍ପଦଳନ ରଥରେ ଆଜ୍ଞାମାଳ ପ୍ରଦାନ ପରେ ରଥଖଳାରୁ ସିଂହଦ୍ୱାର ସାମ୍ନାକୁ ଗଡ଼ିଥିଲେ ଗୋଟିଏ ପରେ ଗୋଟିଏ ରଥ। ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଓ ଶେଷରେ ତାଳଧ୍ୱଜ ରଥ ସୁରକ୍ଷା ବାହିନୀଙ୍କ ଦ୍ୱାରା ସିଂହଦ୍ୱାର ସାମ୍ନାରେ ଲାଗିଥିଲା। ଆଉ ଏଥିସହ ଆସନ୍ତାକାଲି ଚତୁର୍ଦ୍ଧାମୂରତିଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତ ବୋଲି ତିନି ଠାକୁରଙ୍କୁ ସୂଚାଇ ଦେଇଥିଲେ ତିନି ରଥ। ଆଜି ପୁରୀରେ ଭଲ ବର୍ଷା ସତ୍ତ୍ୱେ ବେଶ୍ ଶୃଙ୍ଖଳିତ ଆଉ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ସମସ୍ତ ନୀତିକାନ୍ତି ସମାପନ ହୋଇଛି। ସକାଳୁ ବର୍ଷା ପରେ ମଧ୍ୟାହ୍ନରେ ଶୁଖିଲା ପାଗ ପାଇଁ ନୀତିକାନ୍ତି କିମ୍ବା ୩ ରଥକୁ ସିଂହଦ୍ୱାର ସାମ୍ନାକୁ ନେବାରେ କୌଣସି ଅସୁବିଧା ହୋଇନି। ଏପଟେ ଆଜି ଉଭା ଅମାବାସ୍ୟା ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିବାରୁ, କାଳିଆ ଦର୍ଶନ ପାଇଁ ଆତୁର ନୟନରେ ଅପେକ୍ଷା କରିଥିବା ଭକ୍ତ ପତିତପାବନଙ୍କ ଦର୍ଶନ କରି ତୃପ୍ତ ହୋଇଥିଲେ। ଆଉ ଏପଟେ କାଲି ପାଇଁ ଆଜିଠୁ ନିଜକୁ ପ୍ରସ୍ତୁତ କରୁଛନ୍ତି ସବୁ ନିଯୋଗର ସେବାୟତ। ଶ୍ରୀମନ୍ଦିର ପ୍ରଶାସନର ନୀତି ନିର୍ଦ୍ଧାରଣ ଅନୁସାରେ ଆସନ୍ତାକାଲି ଅପରାହ୍ଣ ୪ଟାରେ ହେବ ରଥଟଣା। ତା' ପୂର୍ବରୁ ସକାଳ ୯ଟାରେ ରଥ ପ୍ରତିଷ୍ଠା, ସାଢ଼େ ୯ରୁ ସାଢ଼େ ୧୨ଟା ଭିତରେ ପହଣ୍ଡି ଓ ଅପରାହ୍ଣ ୨ଟାରୁ ୩ଟା ଭିତରେ ଛେରାପହଁରା ପାଇଁ ସମୟ ସ୍ଥିର ହୋଇଛି। ଶୃଙ୍ଖଳିତ ଓ ସୁରକ୍ଷିତ ରଥଯାତ୍ରା ପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି। ଲାଗିପଡ଼ିଛି ପୂରା ପ୍ରଶାସନ। ଶ୍ରୀଜିଉଙ୍କ ପହଣ୍ଡିରୁ ରଥ ଶରଧାବାଲିରେ ପହଞ୍ଚିବା ଯାଏଁ, ନୀତିକାନ୍ତି ଓ ଦର୍ଶନରେ ଯେମିତି କାଣିଚାଏ ବି ବିଭ୍ରାଟ ହେବନି, ସେଥିପାଇଁ ତୁହାକୁ ତୁହା ଚାଲିଛି ଅନୁଧ୍ୟାନ। ରଥ ଉପରେ ନୀତି ଓ କର୍ଡନ ଭିତରେ ଯାହାର କାମ ଅଛି, କେବଳ ସେମାନଙ୍କୁ ହିଁ ଅନୁମତି ମିଳିବ। କର୍ଡନ ଭିତରକୁ ଯିବାକୁ ଆଉ କାହାକୁ ବି ଦିଆଯାବନି ପାସ୍। ଗତଥର ଭଳି ଗୁଣ୍ଡିଚା ମନ୍ଦିର ସାମ୍ନାରେ ଯେଭଳି କିଛି ଅବ୍ୟବସ୍ଥା ହେବନି, ସେଥିପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ଲାଗିଛି କ୍ୟାମେରା, ଜଗିଛନ୍ତି ସ୍ୱତନ୍ତ୍ର ଫୋର୍ସ। ରଥଯାତ୍ରା ପାଇଁ କଡ଼ା ସୁରକ୍ଷା ବଳୟରେ ଶ୍ରୀକ୍ଷେତ୍ର। ଜାଗା ଜାଗାରେ ଜଗିଛନ୍ତି ସୁରକ୍ଷା କର୍ମୀ। ତିନି ରଥ ଚାରିପାଖେ ପଇଁତରା ମାରିବା ସହ ଟିକିନିଖି ଯାଞ୍ଚ କରାଯାଉଛି। ଆତଙ୍କବାଦୀ କାର୍ଯ୍ୟକଳାପ ଓ ଅପରାଧ ଉପରେ କଡ଼ା ନଜର ରଖିବେ ସଶସ୍ତ୍ର ଏନଏସଜି କମାଣ୍ଡୋ। ବମ୍ ସ୍କ୍ୱାଡ୍ ବି ପ୍ରସ୍ତୁତ। ବଡ଼ଦାଣ୍ଡରେ ଠିଆ ତିନି ରଥକୁ ତନ୍ନ ତନ୍ନ କରି ଚାଲିଛି ଯାଞ୍ଚ।

### ଶ୍ରୀମନ୍ଦିର ସହ...

ପ୍ଲାଟଫର୍ମକୁ ଶ୍ରୀମନ୍ଦିର ପ୍ରଶାସନର ଅଫିସିଆଲ୍ ପୋର୍ଟାଲ ସହ ସଂଯୁକ୍ତ କରାଯାଇଛି, ଯାହା ଭକ୍ତମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ସ୍ୱଚ୍ଛତାର ସହ ଦାନ କରିବାର ସୁବିଧା ପ୍ରଦାନ କରୁଛି। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ବିଶ୍ୱର ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ସହ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ ଏହି ବ୍ୟବସ୍ଥା କରାଯାଇଛି। ସଂଗୃହୀତ ଦାନ ଅର୍ଥ ଶ୍ରୀମନ୍ଦିରର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ବିନିଯୋଗ ହେବ। ଡିଜିଟାଲ ହୁଣ୍ଡି ସମର୍ପଣ କେବଳ ଏକ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ସଂସ୍କାର ନୁହେଁ, ଏହା ହେଉଛି ସାରା ବିଶ୍ୱରେ ରହୁଥିବା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭକ୍ତି ଓ ସମର୍ପଣ ଭାବକୁ ଶ୍ରୀମନ୍ଦିର ସହ ଯୋଡ଼ିବାର ଏକ ପବିତ୍ର ଡିଜିଟାଲ ସେତୁ। ଆଗାମୀ ଦିନରେ ମହାପ୍ରଭୁଙ୍କ ପରମ୍ପରାର ସୁରକ୍ଷା ଓ ଶ୍ରୀମନ୍ଦିରର ସର୍ବାଙ୍ଗୀନ ବିକାଶରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ବ୍ୟବସ୍ଥା ଅଧିକ ସରଳ, ସ୍ୱଚ୍ଛ ଓ ସମସ୍ତ ଉପଯୋଗୀ ହୋଇଥିବାରୁ ଏହାଦ୍ୱାରା ଦେଶବିଦେଶରେ ଥିବା ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀ ଏବେ ଘରେ ରହି ମଧ୍ୟ ମହାପ୍ରଭୁଙ୍କ ଚରଣରେ ସେବା ଅର୍ପଣ କରିପାରିବେ। ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ସୁଗମ ପ୍ରଣାଳୀ ପ୍ରସ୍ତୁତ କରାଯାଇଛି। ଭକ୍ତମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ୍ ସହ ମୋବାଇଲ୍ ଆପ୍ ମଧ୍ୟ ବିକଶିତ କରାଯାଇଥିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରଦ୍ଧାଳୁମାନେ ନିଜ ମୋବାଇଲ୍ ନମ୍ବର ଓ ଓଟିପି ମାଧ୍ୟମରେ ସହଜରେ ଲଗ୍-ଇନ୍ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିପାରିବେ। ଦାନ ପ୍ରକ୍ରିୟାକୁ ସରଳ କରିବା ପାଇଁ ଏଥିରେ ୟୁପିଆଇ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ଡେବିଟ୍ ଓ କ୍ରେଡିଟ୍ କାର୍ଡ ସମେତ ହ୍ୱାଟସ୍‌ଆପ୍ ମାଧ୍ୟମରେ ମଧ୍ୟ ପେମେଣ୍ଟ କରିବାର ସୁବିଧା ପ୍ରଦାନ କରାଯାଉଛି ଏବଂ ଦାନ ପ୍ରକ୍ରିୟା ସଫଳ ହେବା ପରେ ଭକ୍ତମାନେ ତୁରନ୍ତ ନିଜର ଡିଜିଟାଲ ରସିଦ୍ ମଧ୍ୟ ଡାଉନଲୋଡ୍ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥାରେ ଦାନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଆର୍ଥିକ ସୀମା ରଖାଯାଇନାହିଁ। ଭକ୍ତମାନେ ନିଜ ସାମର୍ଥ୍ୟ ଅନୁଯାୟୀ ମାତ୍ର ୧ ଟଙ୍କାରୁ ଆରମ୍ଭ କରି ଯେତେ ଚାହିଁବେ ସେତେ ଅର୍ଥ ମହାପ୍ରଭୁଙ୍କ ଚରଣରେ ସମର୍ପଣ କରିପାରିବେ। ଏହାଛଡ଼ା, ଶ୍ରୀମନ୍ଦିରର 'ମରାମତି ଓ ନବୀକରଣ' ଏବଂ 'କର୍ପସ' ପାଣ୍ଠିକୁ ଦାନ କରୁଥିବା ଶ୍ରଦ୍ଧାଳୁମାନେ ନିଜର ପ୍ୟାନ୍ ବିବରଣୀ ପ୍ରଦାନ କରି ଆୟକର ରିହାତିର ସୁବିଧା ମଧ୍ୟ ପାଇପାରିବେ। ଏହି ମୋବାଇଲ୍ ଆପ୍ କେବଳ ଦାନ କରିବାରେ ସୀମିତ ନ ରହି ଭକ୍ତମାନଙ୍କ ପାଇଁ ଏକ ସୁନ୍ଦର ଡିଜିଟାଲ ସହଯୋଗୀ ଭାବେ କାର୍ଯ୍ୟ କରିବ। ଏହି ଆପ୍ ମାଧ୍ୟମରେ ଭକ୍ତମାନେ ମନ୍ଦିରର ସାଧାରଣ ସୂଚନା, ଦୈନନ୍ଦିନ ନୀତିକାନ୍ତିର ଘୋଷଣା, ସଦ୍ୟତମ ଅପଡେଟ୍ ସହ ପୁରୀ ଆସୁଥିବା ଯାତ୍ରୀଙ୍କ ରହିବା ପାଇଁ 'ଭକ୍ତ ନିବାସ' ରୁମ୍ ବୁକିଂ ଭଳି ଗୁରୁତ୍ୱପୂର୍ଣ୍ଣ ସୁବିଧା ମଧ୍ୟ ପାଇପାରିବେ।

### ମନୋଜ ଓ ରାଜେଶଙ୍କୁ...

ଅଫିସର ତଥା ପୂର୍ବତନ ଆଇଟି ସଚିବ ମନୋଜ କୁମାର ମିଶ୍ର ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ତତ୍କାଳୀନ ପ୍ରମୁଖ ସଚିବ ରାଜେଶ କୁମାର ବର୍ମାଙ୍କୁ ନୋଟିସ୍ ଜାରି କରାଯାଇଛି। ସର୍ବଭାରତୀୟ ସ୍ତରର ଏହି ଦୁଇ ଅବସରପ୍ରାପ୍ତ ଅଫିସରଙ୍କୁ ଆସନ୍ତା ୨୨ ତାରିଖ ପୂର୍ବାହ୍ନ ୧୧ଟାରେ ତଦନ୍ତକାରୀ ଅଫିସର୍‌ଙ୍କ ପାଖରେ ହାଜର ହୋଇ ପକ୍ଷ ରଖିବାକୁ କୁହାଯାଇଛି। ମିଳିଥିବା ସୂଚନାନୁସାରେ, କମିଶନରେଟ ପୁଲିସ ନିଜର ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ଏହି ମାମଲାର ଖୋଳତାଡ଼ କରିବା ପରେ ଏହି ଦୁଇ ବରିଷ୍ଠ ଅଫିସରଙ୍କୁ ନୋଟିସ୍ ଜାରି କରିଛି। ଶ୍ରୀ ମିଶ୍ର ଆଇଟି ସଚିବ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଏସଡି ଭାବେ କାର୍ଯ୍ୟ କରୁଥିଲେ ଓ ବିଜେଡି ସରକାର କ୍ଷମତାରୁ ଯିବା ପରେ ଚାକିରିରୁ ଇସ୍ତଫା ଦେଇଥିଲେ। ସେହିପରି ୧୯୮୭ ବ୍ୟାଚର ଆଇଏଏସ୍ ଅଧିକାରୀ ରାଜେଶ ବର୍ମା ୨୦୧୭ ଜାନୁଆରୀରୁ ୨୦୨୨ ଅଗଷ୍ଟ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଥିଲେ ଓ ଏବେ ସେ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇଟି ରିପୋର୍ଟ ଗାଏବ ହୋଇଥିବା ନେଇ ଗୃହ ବିଭାଗ ପକ୍ଷରୁ ଗତ ଜୁନ୍‌ରେ ପୁଲିସରେ ଏଫଆଇଆର ହୋଇଥିଲା। ୨୦୨୪ ଜୁନ୍ ୪ ତାରିଖରେ ନିର୍ବାଚନ ପରିଣାମ ବିଜେପି ସପକ୍ଷରେ ଯିବା ପରେ ସିଏମଓରୁ ଗୃହ ବିଭାଗକୁ ସମସ୍ତ ଫାଇଲ ପଠାଯାଇଥିଲେ ମଧ୍ୟ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ଫେରି ନ ଥିଲା ବୋଲି ଏଫଆଇଆରରେ ଉଲ୍ଲେଖ ଥିଲା। ନୂଆ ସରକାର ଗଠନ ପରେ ଖୋଜାଖୋଜି କରାଯାଇଥିଲେ ବି ଏହାର କୌଣସି ପତ୍ତା ମିଳି ନ ଥିଲା। ଗୃହ ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ୍ୟ କେବଳ 'ଫାଇଲ ଖୋଜା ଚାଲିଛି' ବୋଲି ଉତ୍ତର ମିଳିଥିଲା। ବାରମ୍ବାର ଚିଠି ଲେଖିବା ପରେ ମଧ୍ୟ କୌଣସି ସନ୍ତୋଷଜନକ ସୂଚନା ନ ମିଳିବାରୁ ଶେଷରେ ରାଜ୍ୟ ସରକାର ବାଧ୍ୟ ହୋଇ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି।

## ଆଇଏସଏସ ଅଭିମୁଖେ ଭାରତୀୟ ବଂଶୋଦ୍ଭବ ଅନିଲ

**ନୂଆଦିଲ୍ଲୀ,୧୫।୭:** ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ଅନିଲ ମେନନ୍ ମଙ୍ଗଳବାର ମହାକାଶ ଅଭିମୁଖେ ଯାତ୍ରା କରିଛନ୍ତି। ରୁଷ ଦ୍ୱାରା କାଜାଖସ୍ତାନର ବାଇକୋନୁର କସମୋଡ୍ରୋମରୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ) ପାଇଁ ଏକ ୮ ମାସିଆ ମିଶନରେ ଯାତ୍ରା ଆରମ୍ଭ କରିଛନ୍ତି। ରୋସକସମୋସର ସୋୟୁଜ ଏମଏସ-୨୯ ମହାକାଶଯାନରେ କସମୋନଟ୍ ପ୍ୟୋଟ୍ର ଡୁବ୍ରୋଭ ଏବଂ ଆନ୍ନା କିକିନାଙ୍କ ସହ ମେନନ୍ ଯାତ୍ରା କରିଛନ୍ତି। ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ରହଣି ସମୟରେ, ମେନନ୍ ଦୀର୍ଘ ସମୟର ମହାକାଶ ଯାତ୍ରାର ଶାରୀରିକ ପ୍ରଭାବ ଉପରେ ଅଧ୍ୟୟନ କରିବା ପାଇଁ ପରୀକ୍ଷଣ କରିବେ। ଏହା ସହିତ ମହାକାଶଚାରୀଙ୍କ ରକ୍ତ ପ୍ରବାହରେ ମାଇକ୍ରୋଗ୍ରାଭିଟି ପ୍ରଭାବ, ଶିରାର ସଂରଚନା ଏବଂ ରକ୍ତର ସଂରଚନାକୁ କିପରି ପ୍ରଭାବିତ କରେ ତାହା ମଧ୍ୟ ଅଧ୍ୟୟନ କରିବେ। ମେନନ୍‌ଙ୍କ ଜନ୍ମ ମିନେସୋଟାର ମିନିଆପୋଲିସରେ ହୋଇଥିଲା। ଭାରତୀୟ ଏବଂ ୟୁକ୍ରେନୀୟ ପ୍ରବାସୀ ପିତାମାତାଙ୍କ କୋଳରେ ଜନ୍ମଗ୍ରହଣ କରିଥିଲେ। ମେନନ୍‌ଙ୍କ ପତ୍ନୀ ଆନ୍ନା ମେନନ୍ ମଧ୍ୟ ଜଣେ ମହାକାଶଚାରୀ । ମେନନ୍ ୨୦୧୪ରେ ଜଣେ ଫ୍ଲାଇଟ୍ ସର୍ଜନ ଭାବରେ ନାସାରେ ଯୋଗ ଦେଇଥିଲେ। ସେଠାରେ ସେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ କାର୍ଯ୍ୟ କରୁଥିବା ମହାକାଶଚାରୀଙ୍କ ସହ କାମ କରିଥିଲେ। ୨୦୧୮ ମସିହାରେ, ସେ ସ୍ପେସଏକ୍ସରେ ଯୋଗ ଦେଇଥିଲେ। କମ୍ପାନିର ଚିକିତ୍ସା କାର୍ଯ୍ୟକ୍ରମ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଥିଲେ। ଏହାର ପ୍ରଥମ ମାନବ ମହାକାଶ ଯାତ୍ରା ପାଇଁ ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଚନ୍ଦ୍ର, ମଙ୍ଗଳ ଏବଂ ଦୂର ମିଶନ ପାଇଁ ଡିଜାଇନ କରାଯାଇଥିବା ରକେଟ୍ ଓ ମହାକାଶଯାନ 'ଷ୍ଟାରସିପ୍'ର ବିକାଶ ଉପରେ କାର୍ଯ୍ୟ କରିଥିଲେ।



## ୨୦୨୭ରୁ ଗଡ଼ିବ ଦେଶର ପ୍ରଥମ ବୁଲେଟ୍ ଟ୍ରେନ

### ଭଡ଼ାକୁ ନେଇ ବଢ଼ିଲା ଚର୍ଚ୍ଚା




**ମୁମ୍ବାଇ,୧୫।୭:** ଦେଶର ବହୁ ପ୍ରତୀକ୍ଷିତ ମୁମ୍ବାଇ- ଅହମ୍ମଦାବାଦ ବୁଲେଟ୍ ଟ୍ରେନ ପ୍ରକଳ୍ପ ଏବେ ବାସ୍ତବ ରୂପ ନେବାକୁ ଯାଉଛି। ସୂଚନା ଅନୁସାରେ, ଏହି ହାଇସ୍ପିଡ ରେଳ କରିଡୋରର ପ୍ରଥମ ପର୍ଯ୍ୟାୟ ୧୫ ଅଗଷ୍ଟ ୨୦୨୭ରୁ ସେବା ଆରମ୍ଭ କରିବ। ପ୍ରଥମ ପର୍ଯ୍ୟାୟରେ ଟ୍ରେନ ସୁରତରୁ ବିଲିମୋରା ପର୍ଯ୍ୟନ୍ତ ଚଳାଚଳ କରିବ। ବୁଲେଟ୍ ଟ୍ରେନର ଗତି ଓ ସୁବିଧାକୁ ନେଇ ଯେତିକି ଉତ୍ସାହ ରହିଛି, ସେତିକି ଆଗ୍ରହ ଏହାର ଭଡ଼ାକୁ ନେଇ ମଧ୍ୟ ଦେଖାଯାଉଛି। ଯାତ୍ରୀଙ୍କ ମନରେ ପ୍ରଶ୍ନ ଉଠୁଛି ବୁଲେଟ୍ ଟ୍ରେନର ଟିକେଟ ଏସି ଟ୍ରେନଠାରୁ ମହଙ୍ଗା ହେବ କି ଫ୍ଲାଇଟ୍ ଭଡ଼ାଠାରୁ କମ୍। ଯଦିଓ ଚୂଡ଼ାନ୍ତ ଭଡ଼ା ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ, ତଥାପି ସମ୍ଭାବ୍ୟ ଦରକୁ ନେଇ ଚର୍ଚ୍ଚା ଜୋର ଧରିଛି। ରେଳ ମନ୍ତ୍ରାଳୟ ଏବଂ ନ୍ୟାସନାଲ ହାଇ ସ୍ପିଡ୍ ରେଲ କର୍ପୋରେସନ ଲିମିଟେଡ୍ (ଏନଏଚଏସଆରସିଏଲ) ଭଡ଼ା ନିର୍ଦ୍ଧାରଣ ନେଇ କାର୍ଯ୍ୟ କରୁଛନ୍ତି। ପ୍ରାରମ୍ଭିକ ଆକଳନ ଅନୁସାରେ, ମୁମ୍ବାଇରୁ ଅହମ୍ମଦାବାଦ ପର୍ଯ୍ୟନ୍ତ ୫୦୮ କିଲୋମିଟର ଯାତ୍ରା ପାଇଁ ଇକୋନୋମି କ୍ଲାସର ଭଡ଼ା ପ୍ରାୟ ୩,୦୦୦ ଟଙ୍କା ହୋଇପାରେ। ସେହିପରି ବିଜନେସ୍ କ୍ଲାସର ଭଡ଼ା ପ୍ରାୟ ୪,୦୦୦ରୁ ୪,୫୦୦ ଟଙ୍କା ମଧରେ ରହିପାରେ ବୋଲି ଆକଳନ କରାଯାଉଛି। ବିଶେଷଜ୍ଞଙ୍କ ମତରେ, ବୁଲେଟ୍ ଟ୍ରେନର ଭଡ଼ା ଏପରି ରଖାଯିବ ଯେପରି ଏହା ବିମାନ ଓ ପ୍ରିମିୟମ୍ ରେଳ ସେବା ମଧରେ ଏକ ସନ୍ତୁଳିତ ବିକଳ୍ପ ହୋଇପାରିବ । ପ୍ରକଳ୍ପର ବ୍ୟୟ ବୃଦ୍ଧି ପାଇଥିଲେ ମଧ ସାଧାରଣ ଯାତ୍ରୀଙ୍କ ସାମର୍ଥ୍ୟକୁ ଧ୍ୟାନରେ ରଖି ଭଡ଼ା ନିର୍ଦ୍ଧାରଣ କରାଯିବ ବୋଲି ସୂଚନା ମିଳୁଛି।

## ଜାତୀୟ ଯୋଗାସନରେ ସ୍ୱର୍ଣ୍ଣ ଜିତିଲେ ଶ୍ରୀଜିତା

**କୋଲକାତା, ୧୫।୭(ସଂଚାର ବ୍ୟୁରୋ):** ସାଙ୍କ୍ରାଇଲର ଚାପତାଲାର ବାସିନ୍ଦା ଶ୍ରୀଜିତା କାଁଡାର ଜାତୀୟ ଯୋଗାସନ କ୍ରୀଡା ଚାମ୍ପିଅନସିପରେ ସିନିୟର 'ଏ' ବାଳିକା ବର୍ଗରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଯୋଗାସନର ବିଶ୍ୱ ଫିଟନେସ୍ ଫେଡେରେସନ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ସେ ଏହି ପୁରସ୍କାରଗୁଡ଼ିକ ହାସଲ କରିଛନ୍ତି।



ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ରଥଯାତ୍ରାରେ ଯୋଗଦେବା ସକାଶେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନିମନ୍ତ୍ରଣ କରୁଛନ୍ତି।

## ନୈହାଟି ପୌରସଭାର ପୂର୍ବତନ ଅଧ୍ୟକ୍ଷ ଗିରଫ

**କୋଲକାତା,୧୫।୭(ସଂଚାର ବ୍ୟୁରୋ):** ନୈହାଟି ପୌରସଭାର ପୂର୍ବତନ ଅଧ୍ୟକ୍ଷ ଅଶୋକ ଚାଟାର୍ଜୀଙ୍କୁ ଗିରଫ କରାଯାଇଛି। ନୈହାଟି ଥାନାର ପୁଲିସ ଆଜି ତାଙ୍କୁ ଗିରଫ କରିଛି। ତାଙ୍କ ପୁଅ ଅଭିଜିତ ଚାଟାର୍ଜୀଙ୍କୁ ମଧ୍ୟ କିଛି ଦିନ ପୂର୍ବରୁ ଗିରଫ କରାଯାଇଥିଲା। ସ୍ଥାନୀୟ ଲୋକଙ୍କର ଏକ ଗୋଷ୍ଠୀ ଅଭିଯୋଗ କରିଛନ୍ତି ଯେ ଅଭିଜିତଙ୍କ ବିରୋଧରେ ମହିଳାଙ୍କ ସହ ଦୁଷ୍କର୍ମ ଉଦ୍ୟମ, ବିରୋଧୀ ରାଜନୈତିକ କର୍ମୀଙ୍କ ଉପରେ ଆକ୍ରମଣ, ଘର ଭଙ୍ଗାରୁଜା ଏବଂ ଧମକ ଦେବା ଭଳି ଅନେକ ଅଭିଯୋଗ ଆସିଛି। ତେବେ, ସ୍ଥାନୀୟ ଲୋକମାନେ ଏହା ମଧ୍ୟ ଦାବି କରିଛନ୍ତି ଯେ ଅଶୋକ ଚଟ୍ଟୋପାଧ୍ୟାୟଙ୍କ ପୌରସଭା ଅଧ୍ୟକ୍ଷତ୍ୱ ସମୟରେ ଏହି ଅଭିଯୋଗଗୁଡ଼ିକ ଉପରେ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଗିରଫ ହେବା ପରେ, ଅଶୋକ ଚଟ୍ଟୋପାଧ୍ୟାୟ କହିଛନ୍ତି, ମୁଁ ୧୧ ବର୍ଷ ଧରି ଲୋକଙ୍କ ସେବା କରିଛି। କୌଣସି ସ୍ଥାନରେ, ହୁଏତ, କିଛି ଭୁଲ ହୋଇଯାଇଥିଲା। ପୁଲିସ ସୂତ୍ର ଅନୁସାରେ, ନିର୍ଦ୍ଦିଷ୍ଟ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯାଇଛି। ଉଲ୍ଲେଖନୀୟ ଯେ ଅଶୋକ ଚଟ୍ଟୋପାଧ୍ୟାୟ ନୈହାଟି 'ବଡ ମା' ମନ୍ଦିରର ମଧ୍ୟ ଦାୟିତ୍ୱରେ ଥିଲେ। ବଡ ମା ମନ୍ଦିର କମିଟିର ସମ୍ପାଦକ ତାପସ ଭଟ୍ଟାଚାର୍ଯ୍ୟ ମନ୍ଦିରରେ ଆର୍ଥିକ ହେରଫେର ପ୍ରସଙ୍ଗକୁ ଲୋକଲୋଚନକୁ ଆଣିଥିଲେ।

## ଜ୍ୟୋତିର୍ମୟୀଙ୍କୁ 'ସିନେକ୍ରିଟିକ୍ ସମ୍ମାନ'




**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ମର୍ଯ୍ୟାଦାଜନକ ଇଣ୍ଡିଆନ୍ ଆଇଡଲ ସର୍ବଭାରତୀୟ ସଙ୍ଗୀତ ପ୍ରତିଯୋଗିତାର ଫାଇନାଲ୍ ସ୍ତରକୁ ଉନ୍ନୀତ ହୋଇ ରାଜ୍ୟ ପାଇଁ ସୁଖ୍ୟାତି ଅର୍ଜନ କରିଥିବା ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକଙ୍କୁ 'ସିନେ କ୍ରିଟିକ୍ ସମ୍ମାନ-୨୦୨୬' ପ୍ରଦାନ କରାଯାଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ 'ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍', 'ମହାବୋଧି ସୋସାଇଟି ପବ୍ଲିକ୍ ସ୍କୁଲ୍ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ଜ୍ୟୋତିର୍ମୟୀଙ୍କୁ ପୁଷ୍ପଗୁଚ୍ଛ ଓ ଉପାୟନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିନେକ୍ରିଟିକ୍ ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ ହାଲି, ମହାବୋଧି ସୋସାଇଟି ସମ୍ପାଦକ ଡ. ସୌରେନ୍ ମହାପାତ୍ର, ମଣ୍ଟୁ ସିଂହ, ସଙ୍ଗୀତଜ୍ଞ ରୁଦ୍ର ପ୍ରସାଦ ନାୟକ, ଡ. ଅଚ୍ୟୁତ ମିଶ୍ର, ସମାଜସେବୀ ନମିତା ମହାପାତ୍ର, ସୁମିତ୍ରା ଜେନା, ରୁଚି ଫାଉଣ୍ଡେସନର ଅଧ୍ୟକ୍ଷା ସଙ୍ଗୀତା ସାହୁ ଓ ଇଂ. ଉମାକାନ୍ତ ପାଣି ପ୍ରମୁଖ ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରି ଚୂଡ଼ାନ୍ତ ପର୍ଯ୍ୟାୟରେ ତାଙ୍କର ସଫଳତା କାମନା କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜନା ଗୁଲସନ କରିଥିଲେ।

## 'ନୀଳାଦ୍ରି ମହୋଦୟ' ଭକ୍ତି ସଙ୍ଗୀତର ଅଡିଓ ରିଲିଜ୍




**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଦୂରଦର୍ଶିନୀ ଡିଜିଟାଲ ଦ୍ୱାରା ପ୍ରସ୍ତୁତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ 'ନୀଳାଦ୍ରି ମହୋଦୟ'ର ଅଡିଓ ମୁକ୍ତିଲାଭ ଉତ୍ସବ କିସ୍ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଛି। ଏହି ଭକ୍ତି ସଙ୍ଗୀତର ଅଡିଓ ମୁକ୍ତିଲାଭ ଉତ୍ସବରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗୀତିକାର ଡଃ ନିର୍ମଳ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ଗୁଡଲି ରଥ, କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ, ବରିଷ୍ଠ ସିନେମା ନିର୍ଦ୍ଦେଶକ ଅଶୋକ ପତି, ମ୍ୟୁଜିକ ଭିଡିଓ ନିର୍ଦ୍ଦେଶକ ଟୁନା ଯୋଗଦେଇଥିଲେ। ନୀଳାଦ୍ରି ମହୋଦୟ ଭକ୍ତି ସଙ୍ଗୀତକୁ ପ୍ରଜ୍ଞା ଦୂରଦର୍ଶିନୀ ନାୟକ ପ୍ରଯୋଜନା କରିଥିବା ବେଳେ ବହୁ ଅଭିଜ୍ଞ ଗୀତିକାର ଡଃ ନିର୍ମଳ ନାୟକ ଗୀତ ରଚନା କରିଛନ୍ତି ଏବଂ ଅନେକ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବହୁ ଅଭିଜ୍ଞ ସଙ୍ଗୀତ ନିର୍ଦ୍ଦେଶକ ଗୁଡଲି ରଥ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଚ୍ଛଦପଟ ଗାୟକ ସତ୍ୟଜିତ୍ ପ୍ରଧାନ କଣ୍ଠଦାନ କରିଛନ୍ତି। ସେହିପରି ଏହି ଭକ୍ତି ଗୀତର ନିର୍ଦ୍ଦେଶନା ଦେଇଛନ୍ତି ଟୁନା ଚନ୍ଦନ। ଅଭିନେତା ପୁପିନ୍ଦର ସିଂ ଓ ଶ୍ରୀତମ ଦାସ ଅଭିନୟ କରିଛନ୍ତି। ଗୀତଟି ଏବେ ଦୂରଦର୍ଶିନୀ ଡିଜିଟାଲରେ ଉପଲବ୍ଧ ଅଛି।

## ରାୟପୁର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ



**ରାୟପୁର,୧୫।୭(ସଂଚାର ବ୍ୟୁରୋ):** ସ୍ଥାନୀୟ ଗାୟତ୍ରୀ ନଗରସ୍ଥିତ ଛତିଶଗଡ଼ର ସର୍ବବୃହତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ମନ୍ଦିରରେ ବଡ଼ି ଭୋରରୁ ବିଶେଷ ପୂଜାର୍ଚ୍ଚନା କରାଯିବା ପରେ ଦିଅଁମାନଙ୍କୁ ରକ୍ତଚନ୍ଦନ, କେଶର, ଗୋଚରଣ, କସ୍ତୁରୀ ଓ କର୍ପୂରରେ ସ୍ନାନ କରାଯାଇ ଗଜାମୁଗ ଭୋଗ ଅର୍ପଣ କରାଯାଇଥିଲା। ଚଳିତ ବର୍ଷ ଏଠାରେ ରାୟପୁର ଓ ଏହାର ଆଖପାଖ ଅଞ୍ଚଳରୁ ଲକ୍ଷାଧିକ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭିଡ଼ ଲଗାଇଥିଲେ। ହୋମ ଯଜ୍ଞ ପରେ ପୂର୍ବାହ୍ନ ୧୧ଟା ୪୫ ସମୟରେ ମନ୍ଦିର ସାମ୍ନାର ବଡ଼ଦାଣ୍ଡରେ ଦଣ୍ଡାୟମାନ ତିନୋଟି ରଙ୍ଗାରଙ୍ଗ ରଥ ଉପରକୁ ଠାକୁରମାନଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ଶେଷରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ ସାହି ରୋଷଣୀ କରାଯାଇ ରଥ ଉପରକୁ ନିଆଯାଇଥିଲା। ଉପସ୍ଥିତ ସେବାୟତ ଓ ଦର୍ଶକଙ୍କ ଦ୍ୱାରା ଶଙ୍ଖ, ଘଣ୍ଟ, କରତାଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହଗହ ନାଦ, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ଶ୍ରୀ ଜଗନ୍ନାଥ ମନ୍ଦିର ସେବା ସମିତି ସଭାପତି ତଥା ସ୍ଥାନୀୟ ବିଧାୟକ ପୁରନ୍ଦର ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭିଡ଼କୁ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

ଏଠାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛତିଶଗଡ଼ର ରାଜ୍ୟପାଳ ରମେନ ଡେକା ରଥଗୁଡ଼ିକ ସାମ୍ନାରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ ତାଙ୍କୁ ସହଯୋଗ କରିଥିଲେ। ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ମଧ୍ୟରେ ରାଜ୍ୟପାଳଙ୍କ ସହଧର୍ମିଣୀ ରାଣୀ ଡେକା କାକୋତି, ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ କୌଶଲ୍ୟା ସାୟ, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ବ୍ରିଜମୋହନ ଅଗ୍ରୱାଲ, ବିଧାୟକ ଗୁରୁ ଖୁସୱନ୍ତ ସାହେବ, ଧରମଲାଲ କୌଶିକ, ମୋତିଲାଲ ସାହୁ, ବିଜେପିର ଜିଲ୍ଲା ସଭାପତି ରମେଶ ଠାକୁର, ରାଜ୍ୟ ନାଗରିକ ଆପୂର୍ତ୍ତି ନିଗମ ଅଧ୍ୟକ୍ଷ ସଞ୍ଜୟ ଶ୍ରୀବାସ୍ତବ ଓ ରାୟପୁରର ମେୟର ମିନାଲ ଚୋବେ ଉପସ୍ଥିତ ଥିଲେ। ଅପରାହ୍ନ ୩ଟା ସମୟରେ ତିନି ରଥଟଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସୁନ୍ଦର, ସୁଶୋଭିତ ଓ ସୁସଜ୍ଜିତ ରଥଗୁଡ଼ିକୁ ଗାୟତ୍ରୀ ନଗରରୁ ଟଣାଯାଇ ଏକ କିମି ଦୂରବର୍ତ୍ତୀ ବିଟିଆଇ ମୈଦାନକୁ ନିଆଯାଇ ଶଙ୍କର ନଗର ଥାନା ରାସ୍ତା ଦେଇ ପୁଣି ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଉପସ୍ଥିତ ଭକ୍ତମାନେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦିବ୍ୟ ଦର୍ଶନ ଲାଭ କରି କୃତକୃତ୍ୟ ହେଉଥିଲେ। ସନ୍ଧ୍ୟା ୬ଟା ୩୦ ମିନିଟ୍ ସମୟରେ ଠାକୁରମାନଙ୍କୁ ତିନି ରଥ ଉପରୁ ପୁଣି ପହଣ୍ଡି କରାଯାଇ ମନ୍ଦିର ବେସମେଣ୍ଟରେ ଥିବା ମାଉସୀମା' ଘରକୁ ନିଆଯାଇଥିଲା। ସେଠାରେ ଆଡ଼ପ ମଣ୍ଡପରେ ଆସୀନ ହୋଇ ଚାରି ଦିଅଁ ଆସନ୍ତା ୨୪ ତାରିଖ ବାହୁଡ଼ା ପର୍ଯ୍ୟନ୍ତ ସର୍ବସାଧାରଣଙ୍କୁ ଦର୍ଶନ ଦେବେ। ମନ୍ଦିର ପରିଚାଳନା କମିଟି ସଂରକ୍ଷକ ସଭାପତି ପୁରନ୍ଦର ମିଶ୍ର, ସଦସ୍ୟ ମନ୍ମଥ କୁମାର ରାଉତ, ସୁବ୍ରତ ସାହୁ, ପ୍ରମୁଖ ସମସ୍ତ କାର୍ଯ୍ୟ ସମ୍ପାଦନା କରିଛନ୍ତି।

## କଟକ ସଦର ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ

**କଟକ,୧୫।୭(ସଂଚାର ବ୍ୟୁରୋ):** କଟକ ସଦର ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ବୈଠକ ପଞ୍ଚାୟତ ସମିତି ଗୃହରେ ଅନୁଷ୍ଠିତ ହୋଇଛି। ବୈଠକରେ ସଦର ବ୍ଲକ୍‌ରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଛି। ବିଶେଷକରି ପାନୀୟ ଜଳ,ଜଳସେଚନ, ନଦୀବନ୍ଧ ସୁଦୃଢ଼ୀକରଣ, ରାସ୍ତା, ବିଦ୍ୟୁତ ଆଦି ସମସ୍ୟା ଉପରେ ଆଲୋକପାତ କରାଯାଇଛି। ସଦର ବିଧାୟକ ପ୍ରକାଶ ସେଠୀ, ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଉପାଧ୍ୟକ୍ଷ ଅମ୍ବିକା ରାଉତ, ବିଡିଓ ପ୍ରତୀକ ସାହୁ, ଏବିଡିଓ ଗିରିଜା ଶଙ୍କର ବାରିକ ଏହି ବୈଠକରେ ଯୋଗ ଦେଇଥିଲେ। ସଦର ନିର୍ବାଚନମଣ୍ଡଳୀର ୨୩ଟି ପଞ୍ଚାୟତରେ ସରକାରଙ୍କର ବିଭିନ୍ନ ଯୋଜନାରେ ଘରକୁ ଘର ପାନୀୟ ଜଳ, କିଷାନ ଯୋଜନାରେ ଚାଷୀଙ୍କ ସୁବିଧା, ବିକଶିତ ଗାଁ ଯୋଜନାରେ ରାସ୍ତା, ଚାଷ ଜମିକୁ ସଠିକ ଜଳସେଚନ, ନଦୀବନ୍ଧ ସୁଦୃଢ଼ କରିବା ଉପରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଆପତ୍ତି ଉଠାଇଥିଲେ। ଖୁବଶୀଘ୍ର ଏହିସବୁ ସମସ୍ୟା ସମାଧାନ ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁଙ୍କ ସ୍ମୃତିରେ ଆଲୋଚନାଚକ୍ର




**ଭୁବନେଶ୍ୱର,୧୫।୭(ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଂସ୍କୃତି ଅଧ୍ୟୟନ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ସ୍ନାତକୋତ୍ତର ବିଭାଗର ମିଳିତ ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । 'ସତ୍ୟବାଦୀ ଯୁଗର ସାଂସ୍କୃତିକ ବିଚାରଧାରା ଓ ଗୋପବନ୍ଧୁ ଦାସ' ଶୀର୍ଷକ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ ଓଡ଼ିଶାର ସାମାଜିକ ଓ ସଂସ୍କୃତିକ ବିକାଶ ଦିଗରେ ଗୋପବନ୍ଧୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ପଣ୍ଡିତ ଗୋପବନ୍ଧୁ ତାଙ୍କ କାଳଜୟୀ ରଚନା ମାଧ୍ୟମରେ ଓଡ଼ିଶାର ସଂସ୍କୃତି ଓ ଦର୍ଶନର ମହନୀୟତାକୁ ପ୍ରତିବିମ୍ବିତ କରିବାରେ ସଫଳ ହୋଇପାରିଥିଲେ ବୋଲି ସେ କହିଥିଲେ । ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା, ଡ. ଲକ୍ଷ୍ମଣ କୁମାର ସାହୁ ଓ ଡ. ଅଜୟ କୁମାର ବିଶ୍ୱାଳ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଗୋପବନ୍ଧୁଙ୍କ ଜୀବନୀ ଓ ଅବଦାନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସହଯୋଗୀ ପ୍ରଫେସର ଗୁରୁ ଡ. ଧୀରଜ କୁମାର ମହାପାତ୍ର ଗୋପବନ୍ଧୁଙ୍କ ରଚନା 'ଧର୍ମପଦ'ରୁ ପ୍ରାର୍ଥନା କଣ୍ଠ ସଂଗୀତ ପରିବେଷଣ କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ଶୁଣିଲାନି ପ୍ରଶାସନ

# ମିଳିମିଶି ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

ଫୁଲବାଣୀ,୧୫।୭(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ରେ ଏବେବି ଏମିତି ଅନେକ ଗାଁ ରହିଛି ଯଉ ଗାଁ ମାନଙ୍କରେ ବସବାସ କରିଥିବା ଲୋକମାନଙ୍କ ଗମନା ଗମନ ପାଇଁ ଭଲ ରାସ୍ତାଟିଏ ମଧ୍ୟ ନାହିଁ ଓ ଯାହାଫଳରେ ବଣ ପାହାଡ଼ ଘେରା ଏହି ଗ୍ରାମାଞ୍ଚଳ ର ଲୋକମାନଙ୍କୁ ବର୍ଷ ବର୍ଷ ଧରି ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡୁଥିବା ବେଳେ। କୌଣସି ଜରୁରୀ କାମ ପଡ଼ିଲେ ଏହି ବଣ ଜଙ୍ଗଲ ରାସ୍ତାରେ କିଲୋମିଟର କିଲୋମିଟର ଚାଲିବାକୁ ପଡ଼ିଥାଏ। ଜିଶେଷ କରି ବର୍ଷା ଦିନ ଆସିଲେ ଏହି ଅଞ୍ଚଳର ଲୋକମାନଙ୍କ ସମସ୍ୟା ଆହୁରି ଦୁଇ ଗୁଣିତ ହୋଇ ଯାଇଥାଏ । ରାସ୍ତା ନଥିବାରୁ ରୋଗିଟିଏ ମେଡିକାଲ ଯାଇନପାରି ମୃତ୍ୟୁ ବରଣ କରେ ତ ଆଉ କେତେବେଳେ ଜଣେ ପାଠ ପଢ଼ା ଛାତ୍ର କିମ୍ବା ଛାତ୍ରୀ ଅଧାରୁ ପାଠ ପଢିବାକୁ ବାଧ୍ୟ ହୁଏ ଓ ଏହି ସବୁ ପରିସ୍ଥିତି ମଧ୍ୟରେ ବି ଏହି ଅଞ୍ଚଳର ଲୋକେ ନିଜ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ବାରମ୍ବାର ରାସ୍ତା ନିର୍ମାଣ କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ପାଖରେ ଗୁହାରି କରିକରି ଥକି ପଡ଼ିଲେ ବି ଭଲ ରାସ୍ତା ଖଣ୍ଡିଏ ଏମାନଙ୍କ ପାଇଁ ସପ୍ନ ପାଲଟିଛି । ଏଭଳିଆ ଏକ ରାସ୍ତା ନଥିବା ଗାଁ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ଲୁଇସିଂବି ପଞ୍ଚାୟତରେ। ତେବେ ଲୁଇସିଂ ପଞ୍ଚାୟତ ର ଉପାନ୍ତ ଅଞ୍ଚଳରେ ରହିଛି ମାନପଦର, ଶାଗଦହଲା, କଟରସିଲା, ବାଗଦୁହାଲ, ଭାତଖୁରୀ ଭଳି ପାଞ୍ଚ ରୁ ସାତଟି ଗାଁ ଓ ଭାରତ ସ୍ୱାଧୀନ ହେବା ପୂର୍ବରୁ ଏହି ଗାଁ ମାନଙ୍କରେ ଲୋକମାନେ ବସବାସ କରି ଆସୁଥିବା ବେଳେ ସ୍ୱାଧୀନ ହେବା ର ଦୀର୍ଘ ବର୍ଷ ବିତିଯାଇଥିଲେ। ମଧ୍ୟ ଏହି ଗାଁ ମାନଙ୍କୁ ଭଲ ରାସ୍ତାଟିଏ ଆଜିଯାଏ ହୋଇପାରିଲା ନାହିଁ ଓ ଗ୍ରାମବାସୀ ବାରମ୍ବାର ଅଭିଯୋଗ ମଧ୍ୟ କଲେ କିନ୍ତୁ କେହି ଶୁଣିଲେନି ଓ ଶେଷରେ ଏହି ପାଞ୍ଚରୁ ସାତ ଖଣ୍ଡ ଗାଁ ଲୋକ ଏକ ଜୁଟ ହୋଇ ଶ୍ରମଦାନ କରି ନିର୍ମାଣ କଲେ ଜଙ୍ଗଲ ଭିତରେ ରାସ୍ତା ଓ ଗାଁର ଛୋଟ ଛୁଆ ମାନଙ୍କ ସହ ମହିଳା ପୁରୁଷ ସମସ୍ତେ ସାମିଲ ହୋଇଛନ୍ତି। ଏହି ରାସ୍ତା ନିର୍ମାଣ କାମରେ ଓ ପ୍ରଶାସନ କିମ୍ବା ସ୍ଥାନୀୟ ଜନ ପ୍ରତିନିଧି ରାସ୍ତା ଙ୍କ ପାଖରେ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରି ଆସିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ ଗ୍ରାମବାସୀ ନିଜେ ରାସ୍ତା ନିର୍ମାଣ କରି ପ୍ରଶାସନ କୁ ଦେଖେଇ ଦେଇଛନ୍ତି । ଯେ ବିନା କୌଣସି ସରକାରୀ ସହାୟତାରେ ମଧ୍ୟ ରାସ୍ତା ନିର୍ମାଣ କରି ହୁଏ ଓ ସେପଟେ ଗାଁ କୁ ରାସ୍ତା ନିର୍ମାଣ କରି ଅନ୍ୟ ମାନଙ୍କ ପାଇଁ ପାଇଁ ଉଦାହରଣ ସହିଛନ୍ତି ଏହି ଗ୍ରାମବାସୀ ମାନେ ଓ ଅନ୍ୟପଟେ ନିର୍ବାଚନ ଆସିଲେ ଭୋଟ ମାଗିବା ପାଇଁ ବହୁ ନେତା ଗାଁ କୁ ଆସନ୍ତି ଓ ରାସ୍ତା ନିର୍ମାଣ ପାଇଁ ପ୍ରତି ଶ୍ରୁତି ମଧ୍ୟ ଦିଅନ୍ତି କିନ୍ତୁ ନିର୍ବାଚନ ସରିଲେ ନେତାମାନେ ରାସ୍ତା ନିର୍ମାଣ କଥା ଭୁଲି ଯାଆନ୍ତି ବୋଲି କହିଛନ୍ତି।



## କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରବେଶପଥ ପାଲଟିଛି ମରଣଯନ୍ତା

ଯାଜପୁର ରୋଡ୍,୧୫।୭(ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହରର ଡାକବଙ୍ଗଳା ଛକ ଠାରେ ଥିବା କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଏବେ ବର୍ଷା ପାଣି ଜମି ଜନସାଧାରଣ ମାନଙ୍କୁ ଏହି ରାସ୍ତାରେ ଯାତାୟାତ ସମୟରେ ନାନାଦି ପ୍ରକାରର ଅସୁବିଧାରେ ପକାଉଛି। ଦୀର୍ଘ ଦିନ ହେଲା ଏହି ରାସ୍ତାରେ ରେଲୱେ ଗଳି ପୋଲ ରାସ୍ତାର କାର୍ଯ୍ୟ ଚାଲି ସରିଯାଇଥିଲେ ସୁଦ୍ଧା କିଛୁ କଳିଙ୍ଗନଗର ଏଡିଏମଙ୍କ କାର୍ଯ୍ୟାଳୟର ପ୍ରବେଶ ପଥ ପାଖରେ ଖାଲ ରହିଯାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଜନସାଧାରଣ ମାନେ ପନିପରିବା ମାର୍କେଟ, ଡାକଘରଖାନା, ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ ଭଳି ବିଭିନ୍ନ ସ୍ଥାନକୁ ଏହି ରାସ୍ତା ଦେଇ ଯିବାଆସିବା ବେଳେ ନାନାଦି ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ଅନ୍ୟମନସ୍କରେ ଯଦି କାହାର ଏଇ ରାସ୍ତାରେ ଗୋଡ଼ ଖସିଯାଏ ତାହେଲେ ସେଠାରେ ଆଶଙ୍କା ଅଛି। ତେଣୁ ବ୍ୟାସନଗର ପୌର ପରିଷଦର କର୍ତ୍ତୃପକ୍ଷ ଓ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



## ଗୋବରୀ ନଦୀରେ ଜଳ ନିଷ୍କାସନରେ ବାଧକ ସାଜିଛି ବିଲାତି ଦଳ

# ଦଳ ଅଟକି ପଚି ଦୁର୍ଗନ୍ଧରେ ଫାଟୁଛି ଚତୁଃପାର୍ଶ୍ୱ



ମାହାଙ୍ଗା,୧୫।୭(ସଂଚାର ବ୍ୟୁରୋ): ଦୀର୍ଘ ବର୍ଷ ଧରି ଗୋବରୀ ପାଟ ନାଳୀକୁ ନଦୀର ମାନ୍ୟତା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ସ୍ତରରେ ଦାବି ହୋଇ ଆସୁଥିବା ବେଳେ ଏହା କେବଳ ଦାବିରେ ସିମୀତ ରହିଛି। ବର୍ଷା ଦିନେ ଆସିଲେ ପାଟନାଳୀ ବନ୍ୟା ଜଳରେ କରାଳ ରୂପ ଧାରଣ କରି ବିଭିନ୍ନ ଗ୍ରାମ ଓ ଚାଷ ଜମିକୁ ଗ୍ରାସ କରିଥାଏ। ଲଗାଣ ବର୍ଷାରେ ଗୋବରୀରେ ଜଳ ପ୍ରବେଶ କରିବା ଦ୍ୱାରା ଏହା ଏବେ ନଦୀର ରୂପ ଧାରଣ କରିବା ସହ ବନ୍ୟାର ଆଶଙ୍କା ସୃଷ୍ଟି କରିଛି। ଗୋବରୀ ଜଳରେ ଭାସି ଆସୁଥିବା ବିଲାତି ଦଳ, କାଠି କୁଟା ବିଭିନ୍ନ ପୋଲ ଉପର ପାର୍ଶ୍ୱରେ ଦୁଇ ଶହରୁ ତିନି ଶହ ମିଟର ଯାଏ ଲାଗି ରହିଥିବାରୁ ବନ୍ୟା ଜଳ ନିଷ୍କାସନ ହୋଇ ନ ପାରି ଉପର ମୁଣ୍ଡରେ ଚାଷ ଜମିକୁ ଜଳମଗ୍ନ କରିଛି। ବିଶେଷ କରି ପଶୁଲୁଣ୍ଡା ଗୋବରୀ ପୋଲ ଓ ଶୋଠ ପୋଲ ନିକଟରେ ଏହି ଦଳ ଲାଗି ରହିଥିବାରୁ ଜଳ ନିଷ୍କାସନ ହୋଇପାରିନି। ଏହି ଦଳ ଗୁଡିକ ଅଟକି ରହିଥିବାରୁ ଏବେ ପଚି ଦୁର୍ଗନ୍ଧ ହେଉଛି ଏବଂ ଏହି ପାଣି କଳା ପଡ଼ି ମଶା ସୃଷ୍ଟି ହୋଇଛି। ଏହି ପାଣିରେ ଗାଧୋଇବା ଦ୍ୱାରା ଚର୍ମ ରୋଗ ହେଉଥିବା ଅଭିଯୋଗ ହୋଇଛି। ଯାହା ଫଳରେ ଚାଷୀ କ୍ଷେତରେ ପକାଇ ଥିବା ଧାନ ତଳି ପାଣିରେ ବୁଡି ପଚି ଯିବାର ଆଶଙ୍କା ଦେଖା ଦେଇଛି। ଏଠାରେ ସୁଚନା ଥାଉ କି ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଏତେ ପରିମାଣର ବିଲାତି ଦଳ କେଉଁଠି ଆସୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିବାଚୀ ହୋଇଛି। କଟକ ଜଳ ନିକାଶ ବିଭାଜନର ନିର୍ବାହୀ ଯନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଲାଗି ରହିଥିବା ଦଳକୁ ସଫା କରିବାକୁ ଚାଷୀ ମାନେ ଦାବି କରିଛନ୍ତି।

## ବନମହୋତ୍ସବ କାର୍ଯ୍ୟକ୍ରମ



ସୁନ୍ଦରଗଡ଼,୧୫।୭ (ସଂଚାର ବ୍ୟୁରୋ): ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲିରେ ଜୁଲାଇ ୧୧ ତାରିଖ ଦିନ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୧୩ ତାରିଖ ଦିନ ଏକ ସଚେତନତା ରାଲିର ଆୟୋଜନ କରାଯାଇ ପରିବେଶ ସଂରକ୍ଷଣର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଇଥିଲା। ଜୁଲାଇ ୧୫ ତାରିଖ ଦିନ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନର ସଭାପତି ତଥା ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ନାଏକଙ୍କ ସମେତ କୁମୁଦ ଚନ୍ଦ୍ର ପଟେଲ, ସୁନ୍ଦରମଣି ପଟେଲ, ଲିଙ୍ଗରାଜ ପଙ୍ଗା, ପ୍ରହଲ୍ଲାଦ ପଟେଲ, ଅନିଲ ପଟେଲ, ସନ୍ତୋଷ ପଟେଲ, ସୁରେନ ପଟେଲ, ଗୋବିନ୍ଦ କୁମୁରା, ମୁନି ପଟେଲ, ସ୍କୁଲ ପରିଚାଳନା କମିଟିର ସଭ୍ୟ ସଭ୍ୟା, ଅଭିଭାବକ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ବୃକ୍ଷରୋପଣ କରିଥିଲେ।

# କାଗଜରେ ୨୦ ପିଲା, କେନ୍ଦ୍ରରେ ୫

- ଅଙ୍ଗନବାଡିରେ ଚାଲିଛି ଖାଦ୍ୟ ଲୁଟ୍ !
- ନିମ୍ନମାନର ଛତୁଆ, ଅନେକ ସମୟରେ ରହୁନାହାନ୍ତି କର୍ମୀ
- କାକଟପୁର ଆଇସିଡିଏସରେ ଶିଶୁ ବିକାଶ ଦିଗହରା



କାକଟପୁର/ଅସ୍ତରଙ୍ଗ,୧୫।୭ (ସଂଚାର ବ୍ୟୁରୋ): ସରକାରଙ୍କ ଗର୍ବର ଯୋଜନା ସମନ୍ୱିତ ଶିଶୁ ବିକାଶ ଯୋଜନା କାକଟପୁରରେ ଏବେ ସମ୍ପୂର୍ଣ୍ଣ ଦିଗହରା। କାଗଜ ପତ୍ରରେ ଶିଶୁଙ୍କ ସଂଖ୍ୟା ବଢୁଛି, କିନ୍ତୁ ଅଙ୍ଗନବାଡି କେନ୍ଦ୍ରଗୁଡିକ ଶୁନଶାନ। ପୁଷ୍ଟିକର ଖାଦ୍ୟ ନାଁରେ ଚାଲିଛି ଲୁଟ୍। ଆଉ କିଶୋରୀଙ୍କୁ ମିଳୁଥିବା ଅଣ୍ଡା ଓ ଛତୁଆରେ ମଧ୍ୟ ଚାଲିଛି କାଣ୍ଟଛାଣ୍ଟ। ପୁରୀ ଜିଲ୍ଲା କାକଟପୁର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ ୧୮୨ଟି ଅଙ୍ଗନବାଡି କେନ୍ଦ୍ର ରହିଛି। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଅଧିକାଂଶ କେନ୍ଦ୍ରରେ ସମୟରେ କର୍ମୀ ଆସୁନାହାନ୍ତି। ସହାୟିକା ଥାଇ ବି କେମିତି କେନ୍ଦ୍ର ଚଳାଇବେ? ଫଳରେ ଶିଶୁମାନେ କେନ୍ଦ୍ରକୁ ମୁହଁ ଫେରାଇ ଦେଉଛନ୍ତି। ଅଧିକାଂଶ କେନ୍ଦ୍ରର ହାଜିରା ଖାତାରେ ୨୦ ରୁ ଅଧିକ ଶିଶୁଙ୍କ ନାଁ ଥିବା ବେଳେ ବାସ୍ତବରେ ଦେଖାଯାଉଛି ମାତ୍ର ୫ ରୁ ୭ ଜଣ। ବେସରକାରୀ ସ୍କୁଲରେ ପଢୁଥିବା ଶିଶୁଙ୍କ ନାଁ ମଧ୍ୟ ଏଠାରେ ଗଡୁଛି। ଏହି ଅଦୃଶ୍ୟ ଶିଶୁଙ୍କ ନାଁରେ ଆସୁଥିବା ଖାଦ୍ୟ ସାମଗ୍ରୀ କୁଆଡେ ଯାଉଛି ତାହା ସହଜରେ ଅନୁମେୟ। କେନ୍ଦ୍ର ପ୍ରତି ଶିଶୁଙ୍କୁ ଆକୃଷ୍ଟ କରିବା ପାଇଁ ନାଚ, ଗୀତ, ଖେଳ, ଅଭିନୟ ମାଧ୍ୟମରେ ଶିକ୍ଷାଦାନର ନିୟମ ଥିଲେ ମଧ୍ୟ ତାହା କେଉଁଠି ହେଉନାହିଁ। ସଠିକ ସମୟରେ କେନ୍ଦ୍ର ଖୋଲୁନାହିଁ। ପୁଷ୍ଟିକର ଖାଦ୍ୟ ମଧ୍ୟ ଠିକରେ ମିଳୁନାହିଁ। ତେଣୁ ଅଭିଭାବକମାନେ ପିଲାଙ୍କୁ ପଠାଇବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ସବୁଠୁ ଗୁରୁତର ଅଭିଯୋଗ ଆସୁଛି କିଶୋରୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ମିଳୁଥିବା ପୁଷ୍ଟିକର ଖାଦ୍ୟକୁ ନେଇ। କିଶୋରୀଙ୍କୁ ୧୦ଟି ଲେଖାଏଁ ଅଣ୍ଡା ଦେବା ଦେଉଥିବା ବେଳେ ଅବଶିଷ୍ଟ ଅଣ୍ଡା ଟଙ୍କା ଯାଉଛି କାହା ପକେଟ କୁ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କିନ୍ତୁ ଅନେକ କେନ୍ଦ୍ରରେ ତାହା ଠିକରେ ବଣ୍ଟନ ହେଉନାହିଁ। ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବଣ୍ଟନରେ ମଧ୍ୟ କାଣ୍ଟଛାଣ୍ଟ ହେଉଥିବା ଅଭିଭାବକମାନେ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି।

## କଳାକ୍ଷେତ୍ର ସଂଗଠନର କଳାକାର ସମାବେଶ




ସୁନ୍ଦରଗଡ଼,୧୫।୭(ସଂଚାର ବ୍ୟୁରୋ): ସୋମବାର କଳାକ୍ଷେତ୍ର ସଙ୍ଗଠନ ର ଏକ କଳାକାର ସମାବେଶ କୋଇଲିଘୁଘର ଶାନ୍ତିକୁଟୀର ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ କଳାକ୍ଷେତ୍ର ସଂଗଠନ ର ପ୍ରତିଷ୍ଠାତା ସଦସ୍ୟ ସମ୍ପାଦକ ଶ୍ରୀ ବାସୁଦେବ ମଲ୍ ବିଶୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀ ବିଜ୍ଞାନ ମହାନ୍ତି। କନିକା ସରପଞ୍ଚ ଶାନ୍ତ ଧୂଆ ଏବଂ ନଳିନୀ ଦାସ୍ ପ୍ରମୁଖ ଅତିଥି ମାନେ ଯୋଗ ଦେଇ ଥିଲେ। ସୁନ୍ଦରଗଡ଼ ଜିଲ୍ଲା ଓ ଝାରସୁଗୁଡ଼ା ଜିଲ୍ଲା ର କଳାକାର ମାନେ ବିଭିନ୍ନ ପାଶ୍ଚାତ୍ୟ କଳା କୁ ପରିବେଶନଣ କାରି ଅତିଥି ଙ୍କ ମନମୁଗ୍ଧ କରିଥିଲେ। ଓଡିଶା ର କୋଣ ଅନୁକୋଣରେ ଲୁଚି ଯାଉଥିବା ପ୍ରତିଭା କୁ କେମିତି ଆଗକୁ ନେବା, ପୌରଣିକ କଳା କୁ କିପରି ବଞ୍ଚେଇ ରଖିବା ଏବଂ ଗାଁ ର ଲୋକ କଳାକୁ ରାଜ୍ୟ ସ୍ତରୀୟ କୁ କିପରି ପହଞ୍ଚାଇବା ବିଷୟରେ ମୁଖ୍ୟ ଅତିଥି ଆଲୋଚନା କରୀଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ମନବୋଧ ପାଧାନ, ଅନାଦି ଚରଣ ପାଧାନ, ହରିଶ୍ଚନ୍ଦ୍ର କିଶାନ୍, ଯୋଗେଶ୍ୱରି ପଟେଲ୍, ଗୋସ୍ୱାମୀ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ● ଖାଲଖମା ରାସ୍ତା ନେଲା ଦୁଇ ଜୀବନ

## ପ୍ରଶାସନିକ ଅବହେଳା ନା ଦୁର୍ଭାଗ୍ୟ?

ଯୋଡ଼ା,୧୫।୭ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ବଡ଼କାଳିମାଟି ଛକରେ ବୁଧବାର ଘଟିଥିବା ଭୟଙ୍କର ସଡ଼କ ଦୁର୍ଘଟଣା ପୁଣିଥରେ ରାସ୍ତା ସୁରକ୍ଷା ଓ ପ୍ରଶାସନିକ ଅବହେଳାକୁ ନେଇ ପ୍ରଶ୍ନ ଉଠାଇଛି। ଖାଲଖମା ଓ କାଦୁଅପୂର୍ଣ୍ଣ ରାସ୍ତାରେ ବାଇକ୍ ସ୍ଲିପ୍ କରିବା ପରେ ହାଇୱା ଚକା ତଳେ ପଡ଼ି ଦୁଇ ଜଣଙ୍କ ମୃତ୍ୟୁ ଓ ଜଣେ ଗୁରୁତର ଆହତ ହେବା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ସୂଚନା ଅନୁସାରେ, ବଳଦା ଗ୍ରାମର ତିନି ଜଣ ଏକ ବାଇକ୍‌ରେ ଯାଉଥିବା ବେଳେ ବଡ଼କାଳିମାଟି ଛକ ନିକଟରେ ରାସ୍ତାର ଦୁରବସ୍ଥା ଯୋଗୁଁ ବାଇକ୍‌ଟି ଭାରସାମ୍ୟ ହରାଇ ପଡ଼ିଯାଇଥିଲା। ଏହି ସମୟରେ ପଛପଟୁ ଆସୁଥିବା ୧୬ ଚକିଆ ହାଇୱା (ଓଡ଼ି ୦୯ ଏବି ୭୬୯୩) ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣେ ପ୍ରାଣ ହରାଇଥିଲେ। ମୃତକ ହେଲେ ରାମଚନ୍ଦ୍ର ପୂର୍ତ୍ତି (୩୫) ଓ ରଥ ହାଙ୍ଗରାଇ (୪୫)। ଏହି ଦୁର୍ଘଟଣା କେବଳ ଏକ ସଡ଼କ ଦୁର୍ଘଟଣା ନୁହେଁ, ବରଂ ଦୀର୍ଘଦିନ ଧରି ଅବହେଳିତ ରାସ୍ତା ବ୍ୟବସ୍ଥାର ଏକ କରୁଣ ପରିଣତି ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି।

## ବେକରୁ ସୁନା ହାର ଛିଣ୍ଡାଇ ଫେରାର, ଟାଉନ୍ ଥାନାରେ ଅଭିଯୋଗ



ଢେଙ୍କାନାଳ,୧୫।୭ (ସଂଚାର ବ୍ୟୁରୋ): ସହର ମହିଷାପାଟ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଏକ ଚତୁର ଲୁଟ୍ ଘଟଣା ଘଟିଛି। ଗାଁର ପରିଚିତ ବୋଲି ପରିଚୟ ଦେଇ ଘରେ ପ୍ରବେଶ କରିଥିବା ଜଣେ ବ୍ୟକ୍ତି ସୁଯୋଗ ଦେଖି ଘର ମାଲିକଙ୍କ ବେକରୁ ସୁନା ହାର ଛିଣ୍ଡାଇ ଫେରାର ହୋଇଯାଇଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ମହିଷାପାଟ ଅଞ୍ଚଳର ବାସିନ୍ଦା ହିମାଂଶୁ ପରିଜାଙ୍କ ଘରକୁ ଏକ କାର୍‌ରେ ଆସିଥିବା ଜଣେ ବ୍ୟକ୍ତି ନିଜକୁ ତାଙ୍କ ଗାଁର ଲୋକ ବୋଲି ପରିଚୟ ଦେଇଥିଲେ। ପରିଚିତ ବୋଲି ବିଶ୍ୱାସ କରି ପରିବାର ସଦସ୍ୟମାନେ ତାଙ୍କୁ ଘର ଭିତରକୁ ଡାକି ବସାଇଥିଲେ। ଅତିଥି ସତ୍କାର ସ୍ୱରୂପ ତାଙ୍କୁ ଛେନାପୋଡ଼ ମଧ୍ୟ ଖାଇବାକୁ ଦିଆଯାଇଥିଲା। ଏହାପରେ ହିମାଂଶୁ ପରିଜା ଗାଧୋଇବା ପାଇଁ ବାଥରୁମକୁ ଯାଇଥିବା ବେଳେ ଅଭିଯୁକ୍ତ ସୁଯୋଗର ସଦ୍‌ବ୍ୟବହାର କରି ତାଙ୍କ ସ୍ତ୍ରୀ ବେକରୁ ସୁନା ହାର ଛିଣ୍ଡାଇ ଦ୍ରୁତ ଗତିରେ ଘରୁ ବାହାରି କାର୍‌ରେ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ଏନେଇ ହିମାଂଶୁ ପରିଜାଙ୍କ ପରିବାର ପକ୍ଷରୁ ଢେଙ୍କାନାଳ ଟାଉନ୍ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ପୁଲିସ ଅଭିଯୋଗକୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଆସିଥିବା କାର୍, ତାହାର ପଞ୍ଜୀକରଣ ନମ୍ବର ଓ ନିକଟସ୍ଥ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଥିବା ସୂଚନା ମିଳିଛି।

## ଜମି ଆମର, ଅଧିକାର ଆମର: ଆଦିବାସୀଙ୍କ ଦାବିପତ୍ର ପ୍ରଦାନ

ନବରଙ୍ଗପୁର, ତେନ୍ତୁଳୀଖୁଣ୍ଟି, ୧୫।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ଅନ୍ତର୍ଗତ ପୁଜାରୀଗୁଡା ଗ୍ରାମ ପଞ୍ଚାୟତର ଖୁଣ୍ଟିପଦର ଗ୍ରାମର ଆଦିବାସୀମାନେ "ଜମି ଆମର, ଅଧିକାର ଆମର" ସ୍ଲୋଗାନ ଦେଇ ନିଜମାନଙ୍କ ପାରମ୍ପରିକ ଜମି ଅଧିକାରକୁ ସ୍ୱୀକୃତି ଦେବା ପାଇଁ ଦାବି ଉଠାଇଛନ୍ତି। "ଆଦିବାସୀଙ୍କୁ ଜମି ପଟ୍ଟା ଦିଅ, ଶୋଷଣ ବନ୍ଦ କର" ଏବଂ "ପାରମ୍ପରିକ ଅଧିକାରକୁ ସ୍ୱୀକୃତି ଦିଅ" ଭଳି ଦାବି ନେଇ ଶତାଧିକ ଆଦିବାସୀ ଆଜି ତେନ୍ତୁଳୀଖୁଣ୍ଟି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଆଦିବାସୀ ପରିବାରମାନଙ୍କ ଦୀର୍ଘଦିନର ପାରମ୍ପରିକ ଜମି ଅଧିକାରକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା ସହ ଯୋଗ୍ୟ ପରିବାରମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ପାଇଁ ପ୍ରଶାସନଙ୍କୁ ଅନୁରୋଧ କରାଯାଇଛି।

## ପ୍ରତିଶ୍ରୁତିରେ ସୀମିତ ସତ୍ୟବାଦୀ ବିଦ୍ୟାଳୟର ବିକାଶ

# ଫେରିଗଲା ୩୦ ଲକ୍ଷ



ସତ୍ୟବାଦୀ,୧୫।୭ (ସଂଚାର ବ୍ୟୁରୋ): ପଞ୍ଚସଖା ତଥା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୀ ଜିଲ୍ଲାର ଐତିହ୍ୟବାହୀ ସତ୍ୟବାଦୀ ହାଇସ୍କୁଲ ଆଜି ବିକାଶ ଅପେକ୍ଷାରେ ରହିଛି। ଏକଦା 'ମଣିଷ ଗଢ଼ା କାରଖାନା' ଭାବେ ପରିଚିତ ଏହି ବିଦ୍ୟାଳୟ ବର୍ତ୍ତମାନ ଭିତ୍ତିଭୂମି ଅବ୍ୟବସ୍ଥା, ଅସୁରକ୍ଷିତ ଶ୍ରେଣୀଗୃହ ଓ ଅପରିଷ୍କାର ପରିବେଶ ଯୋଗୁଁ ଚର୍ଚ୍ଚାରେ ରହିଛି। ସ୍ୱାଧୀନତା ପରଠାରୁ ଗୋପବନ୍ଧୁଙ୍କ କର୍ମଭୂମିର ଉନ୍ନତି ପାଇଁ ବିଭିନ୍ନ ସରକାରୀ ଯୋଜନା ଓ ଘୋଷଣା ହୋଇଥିଲେ ମଧ୍ୟ ଅଧିକାଂଶ କାର୍ଯ୍ୟ କାଗଜପତ୍ରରେ ସୀମିତ ରହିଯାଇଛି। ୫ଟି, ଐତିହ୍ୟ ବିଦ୍ୟାଳୟ ଓ ପିଏମ୍‌ଶ୍ରୀ ଯୋଜନାରେ ସାମିଲ ହୋଇଥିଲେ ମଧ୍ୟ ବିଦ୍ୟାଳୟରେ ଆଖିଦୃଶିଆ ଉନ୍ନତି ହୋଇନାହିଁ। ପୂର୍ବ ସରକାରଙ୍କ ୫ଟି ଯୋଜନାରେ ପ୍ରାୟ ୬୦ ଲକ୍ଷ ଟଙ୍କା ବ୍ୟୟରେ ସ୍ମାର୍ଟ କ୍ଲାସରୁମ, ସ୍ମାର୍ଟ ଲାଇବ୍ରେରୀ, ବିଜ୍ଞାନାଗାର ଓ ଅନ୍ୟାନ୍ୟ ସୁବିଧା କରାଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁଁ କିଛି ମାସ ମଧ୍ୟରେ ଛାତରୁ ପ୍ଲାଷ୍ଟର ଖସି ଜଣେ କିରାଣୀ ଗୁରୁତର ଆହତ ହେବା ପରେ ସେହି ଶ୍ରେଣୀଗୃହଗୁଡ଼ିକୁ ବନ୍ଦ କରାଯାଇଛି। ଫଳରେ ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ପରିବେଶରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ବିଦ୍ୟାଳୟ ପରିସରରେ ଅନାବନା ଗଛ ଓ ଅପରିଷ୍କାର ପରିବେଶ ଯୋଗୁଁ ବିଷଧର ସାପଙ୍କ ଉପଦ୍ରବ ବଢ଼ିଥିବା ଅଭିଯୋଗ ହେଉଛି। ସମ୍ପ୍ରତି ରଥଯାତ୍ରା ଡ୍ୟୁଟିରେ ଆସିଥିବା କିଛି ପୁଲିସ କର୍ମଚାରୀଙ୍କୁ ଏଠାରେ ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଅସୁସ୍ଥ ହୋଇ ପରେ ମୃତ୍ୟୁବରଣ କରିଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସାପ କାମୁଡ଼ା ସନ୍ଦେହରେ ବିଭିନ୍ନ ଚର୍ଚ୍ଚା ହେଉଛି। ତେବେ ଏହାର ପ୍ରକୃତ କାରଣ ସମ୍ପର୍କରେ କୌଣସି ସରକାରୀ ସ୍ପଷ୍ଟୀକରଣ ମିଳିନାହିଁ। ଘଟଣା ପରେ ସେଠାରୁ ପୁଲିସ କର୍ମଚାରୀମାନଙ୍କୁ ସ୍ଥାନାନ୍ତର କରାଯାଇଛି।

### ● ରାମ ମନ୍ଦିର ଚାନ୍ଦା ପ୍ରସଙ୍ଗ

## 'ଆସ୍ଥା ନାମରେ ରାଜନୀତି, ଭେଟି ନାରେ ଲୁଟ୍' ଅଭିଯୋଗ




**ସର୍ବୋଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନ ତଦନ୍ତ ଦାବି**

ଖୋର୍ଦ୍ଧା,୧୫।୭ (ସଂଚାର ବ୍ୟୁରୋ): ଭଗବାନ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ ଦେଶବ୍ୟାପୀ ଭାବେ ସଂଗ୍ରହ କରାଯାଇଥିବା ଚାନ୍ଦା ଓ ଭେଟିର ପରିଚାଳନାକୁ ନେଇ ଦେଶରେ ଉଠିଥିବା ବିବାଦ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ କେନ୍ଦ୍ର ସରକାର, ବିଜେପି ଓ ଆର.ଏସ.ଏସ କୁ କଡ଼ା ସମାଲୋଚନା କରାଯାଇଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଶ୍ରୀରାମଙ୍କ ନାମରେ ଲୋକଙ୍କଠାରୁ ସଂଗ୍ରହ କରାଯାଇଥିବା ଭେଟି ଓ ଦାନର ସ୍ୱଚ୍ଛତାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଏହା କେବଳ ଏକ ଆର୍ଥିକ ଅନିୟମିତତାର ପ୍ରସଙ୍ଗ ନୁହେଁ, ବରଂ କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସ ସହ ଜଡ଼ିତ ଏକ ସମ୍ବେଦନଶୀଳ ବିଷୟ ବୋଲି କଂଗ୍ରେସ ମତ ପ୍ରକାଶ କରିଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ କହିଥିଲେ ଯେ, ଯଦି ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠନ କରାଯାଇଥିଲା, ତେବେ ବର୍ତ୍ତମାନ ଉଠିଥିବା ଅଭିଯୋଗ ପାଇଁ ଦାୟୀ କିଏ? ସବୁକିଛି ସ୍ୱଚ୍ଛ ଥିଲେ ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା କାହିଁକି ଗ୍ରହଣ କରାଗଲା ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଯଦି କୌଣସି ଅନିୟମିତତା ହୋଇନାହିଁ, ତେବେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାଧୀନ ତଦନ୍ତ କରାଇବାକୁ ସରକାର କାହିଁକି ଏଡ଼ାଇ ଚାଲିଛନ୍ତି ବୋଲି ସେ ପଚାରିଥିଲେ। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଭଗବାନ ଶ୍ରୀରାମ କେବଳ ଏକ ଧାର୍ମିକ ପ୍ରତୀକ ନୁହନ୍ତି; ସେ ନ୍ୟାୟ, ସତ୍ୟ, ନୈତିକତା ଓ ମର୍ଯ୍ୟାଦାର ପ୍ରତୀକ। ତାଙ୍କ ନାମରେ ଦେଶର ଗରିବ ପରିବାର, ଚାଷୀ, ଶ୍ରମିକ, ମହିଳା ଓ ସାଧାରଣ ଭକ୍ତମାନେ ନିଜ କଷ୍ଟାର୍ଜିତ ଅର୍ଥ, ସୁନାଗହଣା ଓ ଅନ୍ୟାନ୍ୟ ଦାନ ସାମଗ୍ରୀ ଅର୍ପଣ କରିଥିଲେ।

## ନୂତନ ପୁଲିସ ଜିଲ୍ଲାରେ ଟ୍ରାଫିକ ୟୁନିଟର ଶୁଭାରମ୍ଭ

ବାରିପଦା,୧୫।୭ (ସଂଚାର ବ୍ୟୁରୋ): ଆଜି ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାରେ ଟ୍ରାଫିକ ୟୁନିଟର କାର୍ଯ୍ୟକ୍ଷମକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଏକ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ନବ ଚରଣ ମାଝୀ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ଜଲେନ ନାଏକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ଉଗ୍ରେସନ ଓରାମ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ମମତା ସାହୁ, ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ଟାଉନ ଥାନା ଆଇ ଆଇ ସି ରଞ୍ଜନ ସେଠୀ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶକୁନ୍ତଳା ହାଁସଦା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ଚିନ୍ମୟୀ ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ପୋଲିସ ବିଭାଗର ପଦାଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଦୁର୍ଗା ମଣ୍ଡପ ଠାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ବୃନ୍ଦ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ।

## ଅଙ୍ଗନବାଡି କର୍ମୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଅଭିଯୋଗ

ଫୁଲବାଣୀ,୧୫।୭ (ସଂଚାର ବ୍ୟୁରୋ): ପୁଣି କନ୍ଧମାଳ ଜିଲ୍ଲାରେ ଲଜ୍ୟା ରାଜ୍ୟ ସରକାର ମହିଳା ମାନଙ୍କ ସୁରକ୍ଷା ପାଇଁ ଅନେକ ସଚେତନତା କରି ଆସୁଥିଲେ ମଧ୍ୟ ଜିଲ୍ଲାରେ ମହିଳା ମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ଥମିବାର ନା ଧରୁନି ତେବେ ଏହି ପରିପେକ୍ଷୀରେ ଏଭଳି ଏକ ନିର୍ଯ୍ୟାତନାର ଶିକାର ହୋଇ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି । ଖୋଦ ଜଣେ ଅଙ୍ଗନବାଡି କର୍ମୀ ପୀଡିତ ଅଙ୍ଗନବାଡ଼ି କର୍ମୀ ଙ୍କ ଅଭିଯୋଗ ଆଧାରରେ ପୋଲିସ ତାଙ୍କର ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣା ଟି ଘଟିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ନୁଆଁପଦର ପଞ୍ଚାୟତ କାଳୀପଙ୍ଗା ଅଞ୍ଚଳରେ ଗିରଫ ଯୁବକ ଜଣକ ଏହି ନୁଆଁପଦର ପଞ୍ଚାୟତ ଅଧୀନରେ ଥିବା କାଳିପଙ୍ଗା ଗାଁ ର ଜିତେନ୍ଦ୍ର ସାହୁ ବୋଲି ସୂଚନା ମିଳିଥିବା ବେଳେ। ସେ ଏହି ନୁଆଁପଦର ଅଞ୍ଚଳର କୃଷକ ସାଥି ଭାବରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ତେବେ ସୂଚନା ଅନୁସାରେ ଫିରିଙ୍ଗିଆ ବ୍ଲକ ନୁଆଁପଦର ପଞ୍ଚାୟତ ଅଧୀନରେ ଥିବା ଲତପାଙ୍ଗିଆ ଅଙ୍ଗନବାଡି କେନ୍ଦ୍ରର ଅଙ୍ଗନବାଡି କର୍ମୀ ଭାବରେ କାର୍ଯ୍ୟରତ ଯଶୋଦା କହଁର ତାଙ୍କ ସହ ଗିରଫ ଯୁବକ ଜଣକ ଦୀର୍ଘ କୋଡିଏ ବର୍ଷ ଧରି ପ୍ରେମ କରିବା ସହ ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଆସିଥିବା ଅଭିଯୋଗ କରିଛନ୍ତି। ଘଟଣା ଟି ଏବେ ସାରା ଫିରିଙ୍ଗିଆ ଅଞ୍ଚଳରେ ଚର୍ଚ୍ଚା ର ବିଷୟ ପାଲଟିଥିବା ବେଳେ ପୀଡିତା ଅଙ୍ଗନ ବାଡ଼ି କର୍ମୀଙ୍କ ଏତେଲା ଆଧାରରେ ଫିରିଙ୍ଗିଆ ଥାନାରେ ୧୩୬/୨୦୨୬ ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କୃଷକ ସାଥି କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି। ଥାନା ଅଧିକାରୀ ମୁରଲୀଧର ସାହୁ ସେପଟେ ପୀଡିତ ଅଙ୍ଗନବାଡି କର୍ମୀ ଜଣକ ଜଣେ ଆଦିବାସୀ ବର୍ଗ ର ହୋଇଥିବା ବେଳେ ଘଟଣା କୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ସୃଷ୍ଟି ହୋଇଛି।

## ଆନନ୍ଦପୁରରେ ସୋଲାର ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ

# ନେଟ୍ ମିଟରିଂରେ ୟୁନିଟ୍ ହିସାବରେ ଗଡ଼ବଡ଼ ଅଭିଯୋଗ



ଆନନ୍ଦପୁର,୧୫।୭(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଅନେକ ଘରୋଇ ସୋଲାର ଉପଭୋକ୍ତା ବିଦ୍ୟୁତ ବିତରଣ କମ୍ପାନୀ ଟିପିଏନ୍‌ଓଡିଏଲ ବିରୋଧରେ ନେଟ୍ ମିଟରିଂ ଓ ବିଦ୍ୟୁତ ୟୁନିଟ୍ ହିସାବକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉପଭୋକ୍ତାଙ୍କ ଅଭିଯୋଗ ଅନୁସାରେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବସିଡି ଏବଂ ବ୍ୟାଙ୍କ ଋଣ ସହାୟତାରେ ସେମାନେ ଘରେ ସୋଲାର ପ୍ଲାଣ୍ଟ ସ୍ଥାପନ କରିଥିଲେ। ଉଦ୍ଦେଶ୍ୟ ଥିଲା ନିଜସ୍ୱ ବିଦ୍ୟୁତ ଉତ୍ପାଦନ କରି ବିଦ୍ୟୁତ ବିଲ୍ କମାଇବା ଏବଂ ଅତିରିକ୍ତ ବିଦ୍ୟୁତକୁ ନେଟ୍ ମିଟରିଂ ମାଧ୍ୟମରେ ସଞ୍ଚୟ କରିବା। କିନ୍ତୁ ଅଭିଯୋଗ ହେଉଛି, ପ୍ରତିଦିନ ପ୍ରାୟ ୧୨ରୁ ୧୪ ୟୁନିଟ୍ ଏବଂ ମାସକୁ ୩୬୦ରୁ ୪୦୦ ୟୁନିଟ୍ ବିଦ୍ୟୁତ ଉତ୍ପାଦନ ହେଉଥିବା ସତ୍ତ୍ୱେ, ନେଟ୍ ମିଟରରେ କେବଳ ୧୦୦ରୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ହିସାବ ଦେଖାଯାଉଛି। ବଳକା ୟୁନିଟ୍ କେଉଁଠି ଯାଉଛି ସେନେଇ ସ୍ପଷ୍ଟ ଉତ୍ତର ମିଳୁନଥିବା ନେଇ ଉପଭୋକ୍ତାମାନେ ଦାବି କରିଛନ୍ତି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଏହି ପ୍ରସଙ୍ଗରେ ବିଭିନ୍ନ ଅଧିକାରୀଙ୍କଠାରୁ ଭିନ୍ନ ଭିନ୍ନ ଉତ୍ତର ମିଳୁଛି। କେହି ଦିନ ଓ ରାତିର ବିଦ୍ୟୁତ ବ୍ୟବହାରକୁ କାରଣ ଦର୍ଶାଉଥିବା ବେଳେ, ଆଉ କେହି ମିଟରର ତ୍ରୁଟି ଥିବା କହୁଛନ୍ତି। ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହେଉନଥିବାରୁ ଉପଭୋକ୍ତାମାନେ ଆର୍ଥିକ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି। ସୋଲାର ଲୋନର କିସ୍ତି ସହ ବିଦ୍ୟୁତ ବିଲ୍ ପରିଶୋଧ କରିବା ସାଧାରଣ ପରିବାର ପାଇଁ କଷ୍ଟସାଧ୍ୟ ହୋଇପଡ଼ିଥିବା ସେମାନେ କହିଛନ୍ତି। ତେଣୁ ସୋଲାର ମାଧ୍ୟମରେ ଉତ୍ପାଦିତ ଅତିରିକ୍ତ ବିଦ୍ୟୁତକୁ ସ୍ୱଚ୍ଛ ଓ ଜବାବଦେହିତାପୂର୍ଣ୍ଣ ଭାବରେ ପ୍ରତିମାସ କ୍ୟାରି ଫରୱାର୍ଡ କରି ବାର୍ଷିକ ସେଟଲମେଣ୍ଟ ବ୍ୟବସ୍ଥା କରିବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି। ଏହି ଅଭିଯୋଗ ଉପରେ ଟିପିଏନ୍‌ଓଡିଏଲ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ହରିଦାସପୁର-ପାରାଦୀପ ପ୍ରକଳ୍ପକୁ କେନ୍ଦ୍ରର ମଞ୍ଜୁରୀ

■ ଲଳିତଗରି ବୌଦ୍ଧ ପରିସର, ଶ୍ରୀ ବଳଦେବଜୀଉ ମନ୍ଦିରକୁ ସହଜ ହେବ ଯୋଗାଯୋଗ

■ ଓଡ଼ିଶା ଓ ଝାଡ଼ଖଣ୍ଡର ୨ଟି ପ୍ରଶସ୍ତିକରଣ ପ୍ରକଳ୍ପକୁ ଅନୁମୋଦନ



ନୂଆଦିଲ୍ଲୀ, ୧୫।୭ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଆଜି ରେଳ ମନ୍ତ୍ରଣାଳୟର ପ୍ରାୟ ୩,୯୦୭ କୋଟି ଟଙ୍କାର ଦୁଇଟି ରେଳ ମାର୍ଗ ପ୍ରଶସ୍ତିକରଣ ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ପାରାଦୀପ-ହରିଦାସପୁର-ଦୋହରୀକରଣ ଓ ରାଜଖରସୱାନ୍-ଡାଙ୍ଗୋପୋସି-ଚତୁର୍ଥ ଲାଇନ୍।

କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ଦୁଇଟି ରେଳ ଲାଇନର ଉନ୍ନତିକରଣ ଦ୍ୱାରା ଟ୍ରେନ ଚଳାଚଳ ଯଥେଷ୍ଟ ଉନ୍ନତ ହେବ। ଏହା ଫଳରେ ଭାରତୀୟ ରେଳବାଇର ପରିଚାଳନାଗତ ଦକ୍ଷତା ଓ ସେବା କ୍ଷମତା ବୃଦ୍ଧି ପାଇବ। ଏହି ମଲ୍ଟି-ଟ୍ରାକିଂ ପ୍ରସ୍ତାବ ଟ୍ରେନ୍ ଚଳାଚଳକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବାରେ ସାହାଯ୍ୟ କରିବ। ଓଡ଼ିଶା ଓ ଝାଡ଼ଖଣ୍ଡର ୪ଟି ଜିଲ୍ଲା ଦେଇ ଯିବାକୁ ଥିବା ଏହି ଦୁଇଟି ରେଳ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱର୍କରେ ପ୍ରାୟ ୧୪୫ କିମିର ନୂଆ ଲାଇନ୍ ଯୋଡ଼ିବ। ପ୍ରସ୍ତାବିତ ପ୍ରଶସ୍ତିକରଣ ପ୍ରକଳ୍ପ ପ୍ରାୟ ୧୪ ଲକ୍ଷ ଜନସଂଖ୍ୟା ସହ ପ୍ରାୟ ୧୫୨୬ ଗ୍ରାମକୁ ଯୋଗାଯୋଗରେ ଉନ୍ନତି ଆଣିବ। ପ୍ରସ୍ତାବିତ କ୍ଷମତା ବୃଦ୍ଧି ଦେଶର ଅନେକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଲଳିତଗିରି ବୌଦ୍ଧ ପରିସର, ଶ୍ରୀ ବଳଦେବଜିଉ ମନ୍ଦିର, ମେଘାହାତୁବୁରୁ ପାହାଡ଼ ଆଦିକୁ ରେଳ ସଂଯୋଗରେ ଉନ୍ନତି ଆଣିବ। କାମ ସରିବା ପରେ ଏହି ପ୍ରକଳ୍ପଗୁଡ଼ିକ ପ୍ରତିବର୍ଷ ୪୪ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ପ୍ରଦାନ କରିବ।

## ଅର୍ଥନୀତି ସୁଦୃଢ଼ ହେବ: ଧର୍ମେନ୍ଦ୍ର

● ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଓଡ଼ିଶାର ୭୪ କିମି ପାରାଦୀପ-ହରିଦାସପୁର ରେଳ ଲାଇନର ଦୋହରୀକରଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ମିଶନ ଅଧୀନରେ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶକୁ ଅଗ୍ରାଧିକାର ଦିଆଯାଉଛି। ଏହି ଦୋହରୀକରଣ ପ୍ରକଳ୍ପ ଦ୍ୱାରା ହରିଦାସପୁର-ପାରାଦୀପ ସେକ୍ସନରେ ରେଳ ଚଳାଚଳ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ। ଫଳରେ ଏହି ରୁଟ୍‌ରେ ଅଧିକ ସଂଖ୍ୟକ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ ଚଳାଚଳ କରିପାରିବ। ପରିବହନ ବ୍ୟବସ୍ଥାରେ ଏହି ସୁଧାର ରାଜ୍ୟର ସାମଗ୍ରିକ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଏହି ପ୍ରକଳ୍ପ ଓଡ଼ିଶାର ବାଣିଜ୍ୟିକ ପ୍ରଗତିର ପ୍ରାଣକେନ୍ଦ୍ର ପାରାଦୀପ ବନ୍ଦର ପାଇଁ ଏକ ଗେମ୍-ଚେଞ୍ଜର ସାବ୍ୟସ୍ତ ହେବ। ବର୍ଦ୍ଧିତ ରେଳ କ୍ଷମତା ଯୋଗୁଁ ପାରାଦୀପ ବନ୍ଦର ଦେଇ ହେଉଥିବା ଆମଦାନୀ-ରପ୍ତାନୀ କାର୍ଗୋ ଓ ଘରୋଇ ଉପକୂଳବର୍ତ୍ତୀ ମାଲ୍ ପରିବହନ ବେଶ୍ ତ୍ୱରାନ୍ୱିତ ହେବ। ଏହା ବନ୍ଦରର ନିର୍ଦ୍ଧାରିତ କାର୍ଗୋ ଲକ୍ଷ୍ୟ ହାସଲ କରିବାରେ ବେଶ୍ ସହାୟକ ହେବା ସହ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସୃଷ୍ଟି କରିବ ବୋଲି ସେ କହିଛନ୍ତି।

## ରଥଯାତ୍ରା ଲାଗି ନିଶା କାରବାରରେ କଟକଣା

# ପୁରୀରେ ୪ ଦିନ ମଦ, ଭାଙ୍ଗ ଦୋକାନ ବନ୍ଦ



ପୁରୀ, ୧୫।୭ (ସଂଚାର ବ୍ୟୁରୋ): ରଥଯାତ୍ରା ପାଇଁ ଚଳଚଞ୍ଚଳ ହେଲାଣି ଶ୍ରୀକ୍ଷେତ୍ର। ଶ୍ରୀଗୁଣ୍ଡିଚାଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ପୁରୀରେ ଲାଗିବ ଖଚାଖଚ୍ ଭିଡ଼। କଡ଼ା ନଜରରେ ରହିବ ସହର। ଏପରିକି ସହର ତଳି ଅଞ୍ଚଳ ବି ସୁରକ୍ଷା ବଳୟ ଭିତରେ ରହିବ। ତେଣୁ ରଥଯାତ୍ରା ଗହଳିକୁ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ମଦ ଦୋକାନ ବନ୍ଦ ଲାଗି ନିର୍ଦ୍ଦେଶ ଜାରି କରାଯାଇଛି। ରଥଯାତ୍ରା ଅବସରରେ ସହରର ସମେତ ସଦର ଉପକଣ୍ଠରେ ସମସ୍ତ ବିଦେଶୀ, ଦେଶୀ ମଦ ଦୋକାନ ଓ ବାର୍ ପାଖାପାଖି ୪ ଦିନ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ। ଅବକାରୀ ଅଧୀକ୍ଷକ ଶ୍ରୀ ସାମଲଙ୍କଠାରୁ ମିଳିଥିବା ସୂଚନାନୁସାରେ, ସହର ଓ ଉପକଣ୍ଠରେ ଥିବା ୨୫ଟି ଓିପି ବନ୍ଦ ଓ ଓିପି ଖୋଲା ଏବଂ ୬ରୁ ଊର୍ଦ୍ଧ୍ୱ ଭାଙ୍ଗ ଦୋକାନ ବନ୍ଦ ରହିବ। ଆଜି ଅପରାହ୍ଣ ୪ଟାରୁ ଆସନ୍ତାକାଲି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ରଥ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତ ଦୋକାନ ବନ୍ଦ ରହିବ। ସେହିଭଳି ବାହୁଡ଼ା ଯାତ୍ରା ପୂର୍ବଦିନ ଅର୍ଥାତ୍ ୨୩ ତାରିଖ ଅପରାହ୍ଣ ୪ଟାରୁ ୨୪ ତାରିଖ ବାହୁଡ଼ା ଯାତ୍ରା ଓ ୨୫ ତାରିଖ ସୁନାବେଶ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସମସ୍ତ ମଦ ଦୋକାନ ଓ ବାର୍ ବନ୍ଦ ରହିବ। ଏହି କଟକଣା ସହର ନିକଟବର୍ତ୍ତୀ ଚନ୍ଦନପୁର, ଜାନକାଦେଇପୁର ଓ ବଳିଆପଣ୍ଡା ରୟାଲ ପ୍ୟାଲେସ ରେସ୍ତୋରାଁ ଓ ତୋଷାଳି ସ୍ୟାଣ୍ଡ ପର୍ଯ୍ୟନ୍ତ ଲାଗୁ ହେବ ବୋଲି ଶ୍ରୀ ସାମଲ ସ୍ପଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ଏହି ୪ ଦିନ ସହ ରଥଯାତ୍ରା ସମୟରେ ମୋଟା ଅଙ୍କର କାରବାର କରିବାକୁ ଚୋରା ବେପାରୀମାନେ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ସହରର ପେଣ୍ଠକଟା, ଅଠରନଳା, ସ୍ୱର୍ଗଦ୍ୱାର, ତାଳବଣିଆ ଓ ବଡ଼ଦାଣ୍ଡ ନିକଟ କିଛି ଗଳିକନ୍ଦିରେ ବିଦେଶୀ ମଦ କାରବାର ଜାରି ରହିଛି। ନିକଟରେ ରହିଥିବା ସରକାରୀ ମଦ ଦୋକାନରୁ ବିପୁଳ ପରିମାଣରୁ ମଦ କିଣି ନିଜ ନିଜର ସୁରକ୍ଷିତ ସ୍ଥାନରେ ଗଚ୍ଛିତ ରଖିଥିବା ନେଇ ବିଶେଷ ସୂତ୍ରର ସୂଚନା ମିଳିଛି। ଏ ସମ୍ପର୍କରେ ଶ୍ରୀ ସାମଲ କହିଛନ୍ତି ଯେ ଏହି ସମୟରେ ପୁଲିସ ଓ ଅବକାରୀ ବିଭାଗର ମିଳିତ ଟିମ୍ ସହର ସମେତ ଉପକଣ୍ଠ ଅଞ୍ଚଳରେ ଚୋରା ମଦ ବ୍ୟବସାୟୀଙ୍କ ଉପରେ କଡ଼ା ନଜର ରଖାଯିବ।

## ବଲାଙ୍ଗୀରରେ ଚାଞ୍ଚଲ୍ୟ

# ମହିଳାଙ୍କୁ ଛୁରି ଭୁସିଲେ, ନିସ୍ତୁକ ମାଡ଼ରେ ମଲେ



ବଲାଙ୍ଗୀର, ୧୫।୭ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନାଞ୍ଚଳରେ ବୁଧବାର ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଜଣେ ଯୁବକ ପ୍ରଥମେ ଜନୈକା ମହିଳାଙ୍କୁ ଧାରୁଆ ଛୁରିରେ ଆକ୍ରମଣ କରିଥିଲେ ହେଁ ପରବର୍ତ୍ତୀ ସମୟରେ ଉକ୍ତ ମହିଳା ଓ ତାଙ୍କ ସମ୍ପର୍କୀୟଙ୍କ ପ୍ରତିଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ଗୁରୁତର ଭାବେ ଆହତ ହୋଇଥିବା ମହିଳାଙ୍କ ଅନ୍ତଃବୁଜୁଳା ବାହାରି ପଡ଼ିବାରୁ ତାଙ୍କୁ ପ୍ରଥମେ ବେଲପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏବେ ମହିଳା ଜଣଙ୍କ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ। ପ୍ରାପ୍ତ ସୂଚନାନୁଯାୟୀ, ମୁରିବାହାଲ ଥାନା ଅନ୍ତର୍ଗତ ଅର୍ନ୍ତଲା ଗାଁର ମୁନ୍ନା ବେହେରା (୩୫) ବେଲପଡ଼ାର ସାଇନଗର ପଡ଼ାରେ ରହୁଥିବା ମହିଳାଙ୍କ ଘରକୁ ଆସିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ମୁନ୍ନା ଏକ ଧାରୁଆ ଛୁରିରେ ମହିଳାଙ୍କ ପେଟକୁ ଆକ୍ରମଣ କରିଥିଲା। ଏହାର ପ୍ରତିବାଦରେ ମହିଳା ଓ ତାଙ୍କ ସମ୍ପର୍କୀୟମାନେ ମୁନ୍ନାଙ୍କୁ ମାଡ଼ ମାରିଥିଲେ। ଉଭୟଙ୍କୁ ପ୍ରଥମେ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୀମଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସା ପାଇଁ ବଲାଙ୍ଗୀର ନେବା ବେଳେ ମୁନ୍ନା ବେହେରାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ସୂଚନାନୁସାରେ, ମହିଳା ଓ ମୁନ୍ନାଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା ଓ ଉଭୟ କିଛି ବର୍ଷ ଧରି ଏକାଠି ରହୁଥିଲେ। ପ୍ରାୟ ମାସକ ପୂର୍ବରୁ ମହିଳା ନିଜ ସମ୍ପର୍କୀୟଙ୍କ ଘରେ ବେଲପଡ଼ାରେ ରହୁଥିଲେ। କିଛିଦିନ ପୂର୍ବରୁ ମହିଳାଙ୍କୁ ମୁନା ବେହେରା ଖୋଜିବା ପାଇଁ ଆସିଥିଲା। କିନ୍ତୁ ମହିଳାଙ୍କୁ ସେଠାରେ ନ ପାଇବାରୁ ତାଙ୍କ ନାବାଳିକା ଝିଅକୁ ଅପହରଣ ଉଦ୍ୟମ କରିଥିଲେ। ନାବାଳିକା ବେକରେ ଛୁରୀ ଲଗାଇ ଅପହରଣ ଉଦ୍ୟମ କରାଯାଇଥିବା ନେଇ ବେଲପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣା ପରଠାରୁ ମୁନ୍ନା ଫେରାର ରହିଥିଲା। ବୁଧବାର ପ୍ରେମିକା ଓ ତାଙ୍କ ଝିଅ ରହୁଥିବା ଘରକୁ ଆସି ମୁନା ପ୍ରେମିକାଙ୍କ ସହ ଗଣ୍ଡଗୋଳ କରିବା ସହ ଛୁରିରେ ଆକ୍ରମଣ କରିଥିଲେ। ଘଟଣାର ପ୍ରକୃତ କାରଣ ଓ ପରିସ୍ଥିତି ଜାଣିବା ପାଇଁ ବେଲପଡ଼ା ପୁଲିସ ତା'ର ତଦନ୍ତ ଜାରି ରଖିଛି।

# ନକଲି ଷ୍ଟେସନ ମାଷ୍ଟର ଗିରଫ



କେନ୍ଦୁଝର, ୧୫।୭ (ସଂଚାର ବ୍ୟୁରୋ): କେନ୍ଦୁଝର ପୁଲିସ ଠକେଇ ମାମଲାରେ ଜଣେ ନକଲି ରେଳ ଅଧିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନାମ ରାଜ କୁମାର ପୂର୍ତ୍ତି (୩୧)। କେନ୍ଦୁଝରର ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ପୁଲିସ କେସ୍ ନମ୍ବର ୫୮୭/୨୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ରାଜ କୁମାର ପୂର୍ବତଟ ରେଳପଥର ଜାଲ ପରିଚୟପତ୍ର ଦେଖାଇ ବସନ୍ତପୁର ରେଳପଥର ଷ୍ଟେସନ ମାଷ୍ଟର ଭାବେ ପରିଚୟ ଦେଉଥିଲେ। ଅଭିଯୋଗକାରୀଙ୍କ ସ୍ୱାମୀ ଜଣେ ରେଳ କର୍ମଚାରୀ ହୋଇଥିବାରୁ ଅଭିଯୁକ୍ତ ତାଙ୍କର ବିଶ୍ୱାସ ଜିତି ରେଳ ବିଭାଗର ଏକ କାମ ବାହାନାରେ ତାଙ୍କ ସ୍ୱାମୀଙ୍କ ହିରୋ ସ୍ପ୍ଲେଣ୍ଡର ମୋଟର ସାଇକେଲ (ନଂ.ଓଆର୍‌୦୯ଏଲ୍ ୬୩୯୮) ନେଇଥିଲେ। ପରେ ଅଭିଯୁକ୍ତ ବାରମ୍ବାର ଅଭିଯୋଗକାରୀଙ୍କ ସହ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ ଓ ପାରିବାରିକ ଜରୁରୀକାଳିନ ପରିସ୍ଥିତିର ମିଥ୍ୟା କଥା କହି ଫୋନ୍ ପେ' ମାଧ୍ୟମରେ ଟଙ୍କା ନେଇଥିଲେ। ମୋଟର ସାଇକେଲ ବ୍ୟତୀତ ସେ ୨୭ ହଜାର ଟଙ୍କା ମଧ୍ୟ ଠକିନେଇଥିଲେ। ତେବେ ଏନେଇ ଅଭିଯୋଗ ପାଇବା ପରେ ପୁଲିସ ଟାଉନ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତଦନ୍ତ ସମୟରେ କେନ୍ଦୁଝର ଟାଉନ ପୁଲିସ ଅନଲାଇନ ଟ୍ରାଞ୍ଜାକ୍ସନ ରେକର୍ଡ, ମୋବାଇଲ ଫୋନ୍ ଡାଟା, ବ୍ୟାଙ୍କ ରେକର୍ଡ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ସାମଗ୍ରୀ ସମେତ ଡକ୍ୟୁମେଣ୍ଟାରୀ ଓ ଡିଜିଟାଲ ପ୍ରମାଣ ସଂଗ୍ରହ କରିଛି।




## ଲଘୁଚାପ ସକ୍ରିୟ

# ପୁରୀ ଓ ଜଗତସିଂହପୁର ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୫।୭ (ସଂଚାର ବ୍ୟୁରୋ): ବଙ୍ଗୋପସାଗରେ ସକ୍ରିୟ ହୋଇଛି ଲଘୁଚାପ। ଏହାର ପ୍ରଭାବରେ ରାଜ୍ୟରେ ଜାରି ରହିଛି ପ୍ରବଳ ବର୍ଷା। ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ପାଖାପାଖି ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଗାମୀ ଦିନଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ଅତ୍ୟଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ପୂର୍ବାନୁମାନ କରିଛନ୍ତି। ଏଥିସକାଶେ ୨ଟି ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଦୁଇ ଜିଲ୍ଲା ହେଲା ପୁରୀ ଓ ଜଗତସିଂହପୁର। ସେହିପରି ୧୩ଟି ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଖୋର୍ଦ୍ଧା, କଟକ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ଗଞ୍ଜାମ ଓ କନ୍ଧମାଳ ଆଦିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହିସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଆହୁରି ବାଲେଶ୍ୱର, ଦେବଗଡ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା ଓ ଗଜପତି ପରି ୧୨ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ଏହିସବୁ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡ଼ା ଆସନ୍ତାକାଲିଠାରୁ ୧୭ ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ଭୀଷଣ ବର୍ଷା ହେବାକୁ ଥିବାରୁ ଏହିସବୁ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ସର୍ବାଧିକ ବର୍ଷା ପୁରୀରେ ୧୪ ସେମି ଓ କେନ୍ଦ୍ରାପଡ଼ାରେ ୧୩ ସେମି ରେକର୍ଡ କରାଯାଇଛି।




# ଛାତ୍ରଙ୍କୁ ମାଡ଼ ମହଙ୍ଗା ପଡ଼ିଲା, ଶିକ୍ଷକ ନିଲମ୍ବିତ



ଝରିଗାଁ, ୧୫।୭ (ସଂଚାର ବ୍ୟୁରୋ): ଜନୈକ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ନେଇ ନବରଙ୍ଗପୁର ଜିଲ୍ଲାର ଝରିଗାଁ ବ୍ଲକ ଶିକ୍ଷାଧିକାରୀ ଉମରସିଂ ନାଏକ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ଗତ ସୋମବାର ଝରିଗାଁ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଏକ୍ସ ବୋର୍ଡ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୋହନ ହରିଜନ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ଜଣେ ଛାତ୍ରଙ୍କୁ ମାଡ ମାରିଥିବା ନେଇ ଛାତ୍ରଙ୍କ ଅଭିଭାବକ ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ। ଏନେଇ ସେ ସ୍ଥାନୀୟ ବିଇଓଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଏବିଇଓ ପୁରୁଷୋତ୍ତମ ମାଝୀ ଅଭିଯୋଗର ତଦନ୍ତ କରି ତଦନ୍ତ ରିପୋର୍ଟ ବିଇଓଙ୍କୁ ପ୍ରଦାନ କରିଥିଲେ। ବିଇଓ ଶ୍ରୀ ନାଏକ ଶିକ୍ଷକ ଶ୍ରୀ ହରିଜନଙ୍କୁ ଆଜି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ତେବେ ଏହି ଘଟଣାଟି ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।




# ଭିଜିଲାନ୍ସ ଜାଲରେ ଆର୍‌ଆଇ

## ୨୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ



କଟକ, ୧୫।୭ (ସଂଚାର ବ୍ୟୁରୋ): ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆର୍‌ଆଇ। ରାୟଗଡ଼ା ଜିଲ୍ଲା ଗୁଣପୁର ତହସିଲ ଅଧୀନ ସିରିଝୁଲି ସର୍କଲର ଆରଆଇ ସୁଶାନ୍ତ ମଲ୍ଲିକ ୨୫ ହଜାର ଲାଞ୍ଚ ନେଉଥିବା ବେଳେ ତାଙ୍କୁ ପ୍ରମାଣ ସହ ଗିରଫ କରିଛି ଭିଜିଲାନ୍ସ। ପୈତୃକ ଜମିର ଜମିପଟ୍ଟା ପାଇଁ ତଦନ୍ତ ରିପୋର୍ଟ ଦାଖଲ ସହ ଜମି ପଟ୍ଟା ଜାରି କରାଇବା ପାଇଁ ଅନଲାଇନରେ ଆବେଦନ କରିଥିଲେ ଆବେଦନକାରୀ। ଏପରିକି ନିର୍ଦ୍ଧାରିତ ଫି' ମଧ୍ୟ ଉକ୍ତ ଆବେଦନକାରୀ ଜଣଙ୍କ ଜମା କରିଥିଲେ। ହେଲେ ଆରଆଇ ସୁଶାନ୍ତ ମଲ୍ଲିକ ବିନା କାରଣରେ ଫାଇଲକୁ ବିଳମ୍ବ କରିଥିଲେ। କାମ କରିଦେବା ପାଇଁ ୨୫ ହଜାର ଲାଞ୍ଚ ଦାବି କରିଥିଲେ ଆରଆଇ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି ଆର୍‌ଆଇ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କଠାରୁ ୨୫ ହଜାର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଏଥିସହ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଶ୍ରୀ ମଲ୍ଲିକଙ୍କ ସହ ଜଡ଼ିତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଇଲିଶି ଲୋଭ



# ମିଳିଲା ଆଉ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ

ଭୋଗରାଇ, ୧୫।୭ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ମା କାଳୀ ନାମକ ଟ୍ରଲର ଦୁର୍ଘଟଣାରେ ନିକଟରେ ୯ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଗତକାଲି ଆଉ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗତ ୧୩ ତାରିଖରେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା କାକଦ୍ୱୀପ ସୁପର ହସ୍ପିଟାଲକୁ ଅଣାଯାଇ ଉକ୍ତ ୯ ଜଣଙ୍କ ମୃତଦେହର ବ୍ୟବଚ୍ଛେଦ କରାଯାଇଥିଲା। ଗତକାଲିଉକ୍ତ ଭଗ୍ନ ଟ୍ରଲରରୁ ଆଉ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ତାଙ୍କର ପରିଚୟ ମିଳିପାରିନାହିଁ। ସ୍ଥାନୀୟ ମତ୍ସ୍ୟଜୀବୀ, ବନ ବିଭାଗ, ଭାରତୀୟ ତଟରକ୍ଷୀ ବାହିନୀ ଓ ପୁଲିସ ସହାୟତାରେ ଉଦ୍ଧାର କରାଯାଇଛି। ଫଳତଃ ଏହି ଟ୍ରଲର୍ ଦୁର୍ଘଟଣା ମାମଲାରେ ଅଦ୍ୟାବଧି ମୋଟ ୧୦ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏବେବି ଆହୁରି ୫ ଜଣ ମତ୍ସ୍ୟଜୀବୀ ନିଖୋଜ ଥିବା ବେଳେ ସମୁଦ୍ରରେ ତଟରକ୍ଷୀ ବାହିନୀ, କାକଦ୍ୱୀପ- ନାମଖାନାର ମତ୍ସ୍ୟଜୀବୀ ସଂଗଠନର ମିଳିତ ତଲାସୀ ଜାରି ରଖିଛନ୍ତି। ମୃତଦେହ ଚିହ୍ନଟ ନିମନ୍ତେ ମତ୍ସ୍ୟଜୀବୀ ପରିବାରର ଡିଏନଏ ରକ୍ତ ନମୁନା ସଂଗ୍ରହ କରାଯାଇଛି। ସୂଚନାନୁଯାୟୀ, ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲ୍ଲା ଶଙ୍କରପୁର ମତ୍ସ୍ୟ ଅବତରଣ କେନ୍ଦ୍ରରୁ ଗତ ୨ ତାରିଖରୁ ୧୫ ଜଣ ମତ୍ସ୍ୟଜୀବୀ ଉକ୍ତ ଟ୍ରଲର ଯୋଗେ ଇଲିସି ସନ୍ଧାନରେ ଗଭୀର ସମୁଦ୍ରକୁ ଯାଇଥିଲା। ତେବେ ଗତ ୫ ତାରିଖରେ ସାମୁଦ୍ରିକ ଝଡ଼ରେ ଉକ୍ତ ଟ୍ରଲରଟି ବକଖାଲିଠାରୁ ପାଖାପାଖି ୩୫ କିମି ଦୂରବର୍ତ୍ତୀ ଅଞ୍ଚଳରେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ସମସ୍ତ ପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ସମୁଦ୍ର ଜୁଆରରେ ଉକ୍ତ ଟ୍ରଲର ଭାସିଆସି ରକ୍ତେଶ୍ୱର ଚଢ଼ାରେ ଲାଗିଥିବା ବେଳେ ଏହାକୁ ଠାବ କରାଯିବା ପରେ ତାହାକୁ କୂଳକୁ ଅଣାଯାଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଗୁରୁବାର ୧୬ ଜୁଲାଇ ୨୦୨୬
BUSINESS

# ଭାରତ-ବ୍ରିଟେନ୍ ମଧ୍ୟରେ ମୁକ୍ତ ବ୍ୟାପାର ଚୁକ୍ତି ଲାଗୁ



ନୂଆଦିଲ୍ଲୀ,୧୫।୭: ଭାରତ ଓ ବ୍ରିଟେନ ମଧ୍ୟରେ ବହୁ ପ୍ରତୀକ୍ଷିତ ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ରାଜିନାମା (ସିଇଟିଏ) ଜୁଲାଇ ୧୫ରୁ କାର୍ଯ୍ୟକାରୀ ହେବ। ଉକ୍ତ ରାଜିନାମା ଅନୁଯାୟୀ, ଭାରତର ୯୯ ପ୍ରତିଶତ ରପ୍ତାନିକୁ ବ୍ରିଟେନରେ ଶୁଳ୍କମୁକ୍ତ ବଜାର ସୁବିଧା ମିଳିଯିବ। ଅନ୍ୟପକ୍ଷରେ ଭାରତ ମଧ୍ୟ ବ୍ରିଟେନର ୮୯.୫ ପ୍ରତିଶତ ସାମଗ୍ରୀ ଉପରୁ ଶୁଳ୍କ ହଟାଇବାକୁ ରାଜି ହୋଇଛି।

ଦୁଇ ଦେଶ ମଧ୍ୟରେ ଉକ୍ତ ରାଜିନାମା ୨୦୨୫ ଜୁଲାଇ ୨୪ରେ ସ୍ୱାକ୍ଷର ହୋଇଥିଲା। ଚୁକ୍ତି ସ୍ୱାକ୍ଷରର ବର୍ଷକ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ମୋଦୀ ସରକାରଙ୍କ ଅମଳରେ ଏହାକୁ ମିଶାଇ ୬ଟି ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) କାର୍ଯ୍ୟକାରୀ ହୋଇଛି। ପୂର୍ବରୁ ମରିସସ୍, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ଅଷ୍ଟ୍ରେଲିଆ, ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ (ଇଏଫ୍‌ଟିଏ) ଓ ଓମାନ ସହିତ ଭାରତ ମୁକ୍ତ ବାଣିଜ୍ୟ ରାଜିନାମା କାର୍ଯ୍ୟକାରୀ କରିଛି।

ପୋଷାକ, ବୟନ ସାମଗ୍ରୀ, ଜୋତା, କାର୍ପେଟ, ପ୍ରକ୍ରିୟାକୃତ ଖାଦ୍ୟ, ଶସ୍ୟ, ପନିପରିବା, ଫଳ, ମସଲା, ମାଂସ ଓ ଅନ୍ୟାନ୍ୟ କେତେକ ଶ୍ରମଭିତ୍ତିକ କ୍ଷେତ୍ରରୁ ପ୍ରସ୍ତୁତ ଉତ୍ପାଦଗୁଡ଼ିକ ବ୍ରିଟେନ ବଜାରରେ ବିନା ଶୁଳ୍କରେ ପ୍ରବେଶ କରିବ। ବର୍ତ୍ତମାନ ଏସବୁ ସାମଗ୍ରୀ ଉପରେ ବ୍ରିଟେନ ୪ରୁ ୧୬ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଆଦାୟ କରୁଛି। ସେହିଭଳି ଅଟୋମୋବାଇଲ, ମୋଟରସାଇକଲ୍, ଯନ୍ତ୍ରାଂଶ, ଇଲେକ୍ଟ୍ରୋନିକ୍ସ, ଫେବ୍ରିକେଟେଡ୍ ମେଟାଲ ପ୍ରଡକ୍ଟ, ସେରାମିକ୍ସ, ଗ୍ଲାସ୍, ଷ୍ଟୋନ ଏବଂ ସିମେଣ୍ଟ କ୍ଷେତ୍ର ମଧ୍ୟ ଏହାଦ୍ୱାରା ଲାଭବାନ ହେବ। ରୁପା ଆମଦାନି ଉପରେ ଭାରତ ୧୦ ବର୍ଷରେ ଶୁଳ୍କ ଶୂନ ପ୍ରତିଶତକୁ ହ୍ରାସ କରିବ। ସେହିଭଳି ବ୍ରିଟେନରୁ ଆମଦାନି ହେଉଥିବା ଅନେକ ସାମଗ୍ରୀ ଯଥା ଚକୋଲେଟ, ମୃଦୁପାନୀୟ, ପ୍ରସାଧନ ସାମଗ୍ରୀ, ସାବୁନ, ପର୍ଫ୍ୟୁମ୍, ସେଭିଂ କ୍ରିମ, ନେଲ୍ ପଲିସ ଆଦି ଉପରୁ ଭାରତ ଶୁଳ୍କ ହ୍ରାସ କରିବା ଦ୍ୱାରା ଏସବୁ ଦାମ ଶସ୍ତା ହେବ। ବ୍ରିଟେନରୁ ଆମଦାନି ହେଉଥିବା ଦାମୀ କାରଗୁଡ଼ିକ ଉପରୁ ଶୁଳ୍କ ବର୍ତ୍ତମାନର ୧୧୦ ପ୍ରତିଶତରୁ ୧୦ ପ୍ରତିଶତ ସ୍ତରକୁ ପର୍ଯ୍ୟାୟକ୍ରମେ ହ୍ରାସ କରାଯିବ।

ସାଇଡର, ମିଡ୍, ସେକ୍, ବ୍ରାଣ୍ଡି, ବର୍ବନ, ରମ୍, ଜିନ୍, ଭୋଡ୍କା, ଲିକର୍ସ ଏବଂ ଟକିଲା ଭଳି ପ୍ରିମିୟମ ପାନୀୟର ଶୁଳ୍କ ହ୍ରାସ ପାଇବ। ଯୋଗ୍ୟ ସାମଗ୍ରୀଗୁଡ଼ିକ ଉପରେ ଶୁଳ୍କ ପ୍ରଥମ ବର୍ଷ ୧୧୦ ପ୍ରତିଶତକୁ ଏବଂ ୧୦ ବର୍ଷ ବେଳକୁ ୭୫ ପ୍ରତିଶତକୁ କମିବ। ସ୍କଚ ହ୍ୱିସ୍କି ଉପରୁ ଭାରତ ପ୍ରଥମ ବର୍ଷରେ ଶୁଳ୍କ ୧୫୦ ପ୍ରତିଶତରୁ ୭୫ ପ୍ରତିଶତକୁ କମାଇବ। ୧୦ ବର୍ଷ ବେଳକୁ ଏହା ୪୦ ପ୍ରତିଶତକୁ କମିବ। କିନ୍ତୁ ସମ୍ବେଦନଶୀଳ କୃଷିଜାତ ଓ ଦୁଗ୍ଧଜାତ ସାମଗ୍ରୀ ସହିତ ସତେଜ ସେଓ, ୱାଲନଟ୍, କେତେକ ନିର୍ଦ୍ଦିଷ୍ଟ ପ୍ରକାର ମଞ୍ଜି, ଗୋଲ୍ଡ ବାର୍ ଏବଂ ସ୍ମାର୍ଟଫୋନ ଉପରେ ଭାରତ କୌଣସି ଶୁଳ୍କ ରିହାତି ଦେବନାହିଁ। ସେହିଭଳି ବ୍ରିଟେନ ମଧ୍ୟ ଭାରତର ମାଂସ ସାମଗ୍ରୀ, ଅଣ୍ଡାରେ ପ୍ରସ୍ତୁତ ସାମଗ୍ରୀ ଆଦି ଉପରେ ଶୁଳ୍କ ରିହାତି ପ୍ରଦାନ କରିବ ନାହିଁ। ପ୍ରଥମ ଥର ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟ ଓ ବିଭାଗଗୁଡ଼ିକରେ ସାମଗ୍ରୀ ସଂଗ୍ରହ ପ୍ରକ୍ରିୟାରେ ବ୍ରିଟେନର ଯୋଗାଣକାରୀମାନଙ୍କୁ ଅନୁମତି ଦିଆଯିବ। ବ୍ରିଟେନରେ କାର୍ଯ୍ୟ କରୁଥିବା ଭାରତୀୟ କମ୍ପାନିଗୁଡ଼ିକରେ କାର୍ଯ୍ୟରତ ଭାରତୀୟ କର୍ମଚାରୀମାନଙ୍କ ସାମାଜିକ ମଙ୍ଗଳ ଯୋଜନା ବାବଦ ଅର୍ଥ ୫ ବର୍ଷ ପାଇଁ ଜମା କରିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ଭାରତୀୟ କମ୍ପାନି ଓ କର୍ମଚାରୀମାନେ ଉପକୃତ ହେବେ। ଭାରତ ଓ ବ୍ରିଟେନ ବାଣିଜ୍ୟ ରାଜିନାମା କାର୍ଯ୍ୟକାରୀ ହେବା ଦ୍ୱାରା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ ନିବେଶ ବୃଦ୍ଧି ପାଇବ। ଏହି ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ରାଜିନାମା କାର୍ଯ୍ୟକାରୀ ହେବା ଫଳରେ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପ୍ରାୟ ୧୨୦ ବିଲିଅନ ଡଲାରରେ ପହଞ୍ଚିବ ବୋଲି ଶିଳ୍ପସଂଘ ଆସୋଚାମ ଆକଳନ କରିଛି। ୨୦୨୫-୨୬ରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପ୍ରାୟ ୫୮ ବିଲିଅନ ଡଲାରରେ ରହିଥିଲା। ଭାରତର ମୁକ୍ତ ବାଣିଜ୍ୟ ରାଜିନାମା ଯାତ୍ରାରେ ଏହା ଏକ ଐତିହାସିକ ମାଇଲଖୁଣ୍ଟ ବୋଲି ଆସୋଚାମ ସଭାପତି ନିର୍ମଳ କେ ମିଣ୍ଡା କହିଛନ୍ତି।

# ଅଧିକ ବ୍ୟାଙ୍କ ଆକାଉଣ୍ଟ ରଖୁଛନ୍ତି କି? ସାବଧାନ!

ନୂଆଦିଲ୍ଲୀ, ୧୫।୭: ଆଜିର ଡିଜିଟାଲ ଯୁଗରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଅତ୍ୟନ୍ତ ସହଜ ହୋଇଯାଇଛି। ବ୍ୟାଙ୍କକୁ ନଯାଇ ଘରେ ବସି ମୋବାଇଲ୍ ସାହାଯ୍ୟରେ ମିନିଟ୍‌କ ମଧ୍ୟରେ ନୂଆ ଆକାଉଣ୍ଟ ଖୋଲିଯାଉଛି। ଏହି ସହଜ ପ୍ରକ୍ରିୟା ଯୋଗୁଁ ଆଜି ପ୍ରାୟ ପ୍ରତ୍ୟେକ ଚାକିରିଆ କିମ୍ବା ସାଧାରଣ ମଣିଷଙ୍କ ପାଖରେ ଏକରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ ରହୁଛି। କିଏ ଦରମା (Salary) ପାଇଁ ଅଲଗା ଆକାଉଣ୍ଟ ରଖୁଛି ତ କିଏ ଘର ଖର୍ଚ୍ଚ ଏବଂ ସଞ୍ଚୟ (Savings) ପାଇଁ ଅଲଗା। କିନ୍ତୁ ଆପଣ କେବେ ଚିନ୍ତା କରିଛନ୍ତି କି ଆଇନଗତ ଭାବେ ଜଣେ ବ୍ୟକ୍ତିଙ୍କ ପାଖରେ କେତେଟା ବ୍ୟାଙ୍କ ଆକାଉଣ୍ଟ ରହିବା ଉଚିତ୍? ଏବଂ ଅନେକ ଗୁଡ଼ିଏ ଆକାଉଣ୍ଟ ରଖିବା ପ୍ରକୃତରେ ବୁଦ୍ଧିମାନର କାମ ନା ଏହା ଆପଣଙ୍କ ପକେଟ୍ ଉପରେ ଭାରି ପଡୁଛି? ଆସନ୍ତୁ ସହଜ ଶବ୍ଦରେ ବୁଝିବା ଯେ ଆର୍ଥିକ ବିଶେଷଜ୍ଞମାନେ (Financial Experts) ଏ ବିଷୟରେ କି ପରାମର୍ଶ ଦିଅନ୍ତି। ସର୍ବପ୍ରଥମେ ଆପଣଙ୍କ ମନରୁ ଏହି ଭୟ ଦୂର କରିଦେଉଛୁ। ଭାରତର ବ୍ୟାଙ୍କିଙ୍ଗ୍ ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି କେତେଟା ବ୍ୟାଙ୍କ ଆକାଉଣ୍ଟ ରଖିପାରିବେ, ତାହାର କୌଣସି ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରାଯାଇ ନାହିଁ। ଆପଣ ନିଜ ଆବଶ୍ୟକତା ଅନୁସାରେ ଯେତେ ଚାହିଁବେ ସେତେ ବ୍ୟାଙ୍କରେ ଖାତା ଖୋଲିପାରିବେ। ଆପଣ ସେଭିଙ୍ଗ୍ସ, କରେଣ୍ଟ, ବିଜନେସ୍ କିମ୍ବା ଇମରଜେନ୍ସି ଫଣ୍ଡ ପାଇଁ ଅଲଗା ଅଲଗା ବ୍ୟାଙ୍କ ଚୟନ କରିବାକୁ ସମ୍ପୂର୍ଣ୍ଣ ସ୍ୱାଧୀନ। ପର୍ସନାଲ ଫାଇନାନ୍ସ ବିଶେଷଜ୍ଞଙ୍କ ଅନୁଯାୟୀ, ଜଣେ ସାଧାରଣ ବ୍ୟକ୍ତିଙ୍କ ପାଇଁ ୨ ରୁ ୩ଟି ବ୍ୟାଙ୍କ ଆକାଉଣ୍ଟ ରଖିବା ସବୁଠାରୁ ଭଲ ଏବଂ ଯଥେଷ୍ଟ। ଏହାକୁ ଆପଣ ଏହିପରି ପରିଚାଳନା କରିପାରିବେ:




ପ୍ରଥମ ଆକାଉଣ୍ଟ ଯେଉଁଥିରେ ଆପଣଙ୍କର ପ୍ରତିମାସର ଦରମା କିମ୍ବା ବ୍ୟବସାୟର ରୋଜଗାର ଆସୁଥିବ ଏବଂ ଯେଉଁଥିରୁ ଆପଣ ନିଜର ଦୈନନ୍ଦିନ ଖର୍ଚ୍ଚ, ୟୁଟିଲିଟି ବିଲ୍ ଏବଂ ଇଏମଆଇ ପରିଶୋଧ କରୁଥିବେ।

ଦ୍ୱିତୀୟ ଆକାଉଣ୍ଟ, ଯାହାକୁ ଆପଣ କେବଳ ସଞ୍ଚୟ ପାଇଁ ରଖିବେ। ଏହି ଆକାଉଣ୍ଟର ଡେବିଟ୍ କାର୍ଡ ବ୍ୟବହାର କରନ୍ତୁ ନାହିଁ, ଯଦ୍ୱାରା ଆପଣଙ୍କ ଟଙ୍କା ସୁରକ୍ଷିତ ରହିବ ଏବଂ ଭବିଷ୍ୟତର ନିବେଶ ପାଇଁ ପାଣ୍ଠି ସଂଗ୍ରହ ହୋଇପାରିବ। ତୃତୀୟ ଆକାଉଣ୍ଟ, କିଛି ଲୋକ ଏକ ତୃତୀୟ ଖାତା ମଧ୍ୟ ରଖନ୍ତି, ଯେଉଁଥିରେ କେବଳ ଜରୁରୀକାଳୀନ ପରିସ୍ଥିତି (ଯେପରିକି ଚାକିରି ଚାଲିଯିବା କିମ୍ବା ମେଡିକାଲ ଇମରଜେନ୍ସି) ପାଇଁ ଟଙ୍କା ସଞ୍ଚୟ କରି ରଖାଯାଏ।

ଅଧିକ ଆକାଉଣ୍ଟ ରଖିବା ଶୁଣିବାକୁ ଭଲ ଲାଗିପାରେ, କିନ୍ତୁ ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ଆକାଉଣ୍ଟ ଖୋଲନ୍ତି, ତେବେ ଆପଣଙ୍କୁ ଏହି ୫ଟି ବଡ଼ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ଆଜିକାଲି ପ୍ରାୟ ସମସ୍ତ ପ୍ରାଇଭେଟ୍ ଏବଂ ସରକାରୀ ବ୍ୟାଙ୍କରେ ପ୍ରତିମାସରେ ଏକ ନିଶ୍ଚିତ ପରିମାଣର ଟଙ୍କା ରଖିବାକୁ ପଡ଼ିଥାଏ। ଯଦି ଆପଣ ଅନେକ ଗୁଡ଼ିଏ ଖାତାରେ ଏହି ବାଲାନ୍ସ ରଖିପାରିବେ ନାହିଁ, ତେବେ ବ୍ୟାଙ୍କ ଆପଣଙ୍କ ଉପରେ ମୋଟା ଅଙ୍କର ଜରିମାନା ଲଗାଇଥାଏ, ଯାହାଦ୍ୱାରା ଆପଣଙ୍କ ଜମା ପୁଞ୍ଜି ଧୀରେ ଧୀରେ କମିବାକୁ ଲାଗେ। ଅନ୍ୟାନ୍ୟ ସର୍ଭିସ୍ ଚାର୍ଜ: ଗୋଟିଏ କିମ୍ବା ଦୁଇଟି ଆକାଉଣ୍ଟରେ ଏହି ଚାର୍ଜ ବହୁତ କମ୍ ଲାଗେ, କିନ୍ତୁ ଯଦି ଆପଣଙ୍କ ପାଖରେ ୫-୬ଟି ଆକାଉଣ୍ଟ ଅଛି, ତେବେ ବର୍ଷସାରା ଏହି ରାଶି ହଜାର ହଜାର ଟଙ୍କାରେ ପହଞ୍ଚିଯାଇପାରେ।

ଯଦି ଆପଣ କୌଣସି ବ୍ୟାଙ୍କ ଖାତାରେ ଦୀର୍ଘ ସମୟ (ସାଧାରଣତଃ ୧ ରୁ ୨ ବର୍ଷ) ପର୍ଯ୍ୟନ୍ତ କୌଣସି ନେଣଦେଣ କରନ୍ତି ନାହିଁ, ତେବେ ବ୍ୟାଙ୍କ ତାହାକୁ ଇନଆକ୍ଟିଭ୍ କିମ୍ବା ଡର୍ମାଣ୍ଟ ବା ନିଷ୍କ୍ରିୟ ବର୍ଗରେ ପକାଇଦିଏ। ପରେ ଏହାକୁ ପୁନର୍ବାର ଚାଲୁ କରିବା ପାଇଁ ଆପଣଙ୍କୁ ପୁଣି କେୱାଇସି କରିବାକୁ ପଡ଼େ ଏବଂ ବ୍ୟାଙ୍କ ଦୌଡ଼ି ଦୌଡ଼ି ହଇରାଣ ହେବାକୁ ପଡ଼ିଥାଏ। ଆପଣଙ୍କ ପାଖରେ ଯେତେ ଅଧିକ ବ୍ୟାଙ୍କ ଆକାଉଣ୍ଟ ଥିବ, ସେଗୁଡ଼ିକର ପାସୱାର୍ଡ, ନେଟ୍ ବ୍ୟାଙ୍କିଙ୍ଗ୍ ଡିଟେଲ୍ସ ଏବଂ ଡେବିଟ୍ କାର୍ଡକୁ ସମ୍ଭାଳିବା ସେତେ କଷ୍ଟକର ହେବ। ଆଜିର ଡିଜିଟାଲ ଠକେଇ ସମୟରେ ସମସ୍ତ ଆକାଉଣ୍ଟ ଉପରେ ନଜର ରଖିବା, ସନ୍ଦେହଜନକ କାରବାରକୁ ଚିହ୍ନଟ କରିବା ଏବଂ ବ୍ୟାଙ୍କର ଜରୁରୀ ନୋଟିଫିକେସନ୍‌କୁ ଟ୍ରାକ୍ କରିବା ବେଶ୍ କଠିନ ହୋଇଯାଏ।

# ମାତ୍ର ୧୦ ମିନିଟ୍‌ରେ ମିଳିବ ଏଲ୍‌ପିଜି ସିଲିଣ୍ଡର

- ଇନଷ୍ଟାମାର୍ଟ ସହ ହାତ ମିଳାଇଲା ଏଚପି
- ବିନା କନେକ୍ସନରେ ଘରେ ପହଞ୍ଚିବ ସିଲିଣ୍ଡର

ନୂଆଦିଲ୍ଲୀ,୧୫।୭: ଏଲପିଜି ସିଲିଣ୍ଡର ସରିଗଲେ ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ। ମୋବାଇଲ୍‌ରେ ଇନଷ୍ଟାମାର୍ଟ ଆପ୍ ଖୋଲନ୍ତୁ କରନ୍ତୁ ଏବଂ ଗ୍ରୋସରୀ ସାମଗ୍ରୀ ଭଳି ଏଲପିଜି ସିଲିଣ୍ଡର ଅର୍ଡର କରିଦିଅନ୍ତୁ। ଆଉ କିଛି ମିନିଟ୍ ମଧ୍ୟରେ ଗ୍ୟାସ୍ ସିଲିଣ୍ଡର ଆପଣଙ୍କ ଘରେ ପହଞ୍ଚିଯିବ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ ହେବାକୁ ଯାଉଛି। ଏହି ଅନ୍-ଡିମାଣ୍ଡ ସର୍ଭିସ୍ ସବୁଠାରୁ ପ୍ରଥମେ ବେଙ୍ଗାଲୁରୁରେ ଲାଇଭ୍ ହେବାକୁ ଯାଉଛି। ଆଗାମୀ ସମୟରେ ଅନ୍ୟ ସହରଗୁଡ଼ିକରେ ମଧ୍ୟ ଏହି ସୁବିଧା ଆରମ୍ଭ ହେବାର ଆଶା ରହିଛି।

କ୍ୱିକ୍-କମର୍ସ ପ୍ଲାଟଫର୍ମ ସ୍ୱିଗି ଇନଷ୍ଟାମାର୍ଟ ସରକାରୀ ତୈଳ ବିପଣନ କମ୍ପାନି ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ସହ ହାତ ମିଳାଇଛି। ଏହା ଅଧୀନରେ ଦେଶରେ ପ୍ରଥମ ଥର ପାଇଁ 'ଅନ୍-ଡିମାଣ୍ଡ ଏଲପିଜି ସିଲିଣ୍ଡର ଡେଲିଭରି' ସେବା ଆରମ୍ଭ କରାଯାଉଛି। ଏଣିକି ଗ୍ରାହକଙ୍କୁ ଗ୍ୟାସ୍ ସିଲିଣ୍ଡର ପାଇଁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ, ବରଂ ସେମାନେ ଘରର ଅନ୍ୟ ଗ୍ରୋସରୀ ସାମଗ୍ରୀ ଭଳି ମାତ୍ର କିଛି ମିନିଟରେ ଏଲପିଜି ସିଲିଣ୍ଡର ଡେଲିଭରି ପାଇପାରିବେ।

ଏଚପିସିଏଲ୍ ଏବଂ ସ୍ୱିଗି ମଧ୍ୟରେ ହୋଇଥିବା ଏହି ଡିଲ୍ କେବଳ ହୋମ୍-ଡେଲିଭରି ମଧ୍ୟରେ ସୀମିତ ନାହିଁ। ଏହି ପାର୍ଟନରଶିପ୍ ଏଚ୍‌ପିସିଏଲର ଏକ ସ୍ୱତନ୍ତ୍ର ଓ ଆଧୁନିକ ପ୍ରଡକ୍ଟର ଲଞ୍ଚିଂର ସାକ୍ଷୀ ମଧ୍ୟ ହୋଇଛି। ଏହି ଟାଇ-ଅପ୍ ଜରିଆରେ ଏଚ୍‌ପିସିଏଲର ନୂଆ ୧୦ କିଲୋଗ୍ରାମ ବିଶିଷ୍ଟ କମ୍ପୋଜିଟ୍ ଏଲପିଜି ସିଲିଣ୍ଡର 'HP Navya' ପ୍ରଥମ ଥର ପାଇଁ ବଜାରରେ ପ୍ରବେଶ କରୁଛି। ଏହି ସିଲିଣ୍ଡର ପାରମ୍ପରିକ ସିଲିଣ୍ଡର ତୁଳନାରେ ଅଧିକ ହାଲୁକା ଏବଂ ସୁରକ୍ଷିତ ହେବ।

ଗ୍ୟାସ୍ ସିଲିଣ୍ଡରର ଅନଲାଇନ୍ ଅର୍ଡର ସେବାକୁ ସାଧାରଣ ଲୋକ ଏବଂ ବିଶେଷ କରି ଯୁବପିଢ଼ିଙ୍କୁ ଧ୍ୟାନରେ ରଖି ଅତ୍ୟନ୍ତ ସହଜ କରାଯାଇଛି। ସ୍ୱିଗି ଇନଷ୍ଟାମାର୍ଟ ଆପରେ ଗ୍ରାହକଙ୍କ ପାଇଁ ୨ଟି ଅପ୍ସନ ରହିବ। ଆପଣ ଇନଷ୍ଟାମାର୍ଟ ଆପକୁ ଯାଇ ନୂଆ ୧୦ କିଲୋଗ୍ରାମ ବିଶିଷ୍ଟ 'ଏଚ୍ପି ନବ୍ୟା' ସିଲିଣ୍ଡର ଅର୍ଡର କରିପାରିବେ। ଏହା ସହିତ ପୂର୍ବରୁ ଚାଲୁ ରହିଥିବା ୫ କିଲୋଗ୍ରାମ ବିଶିଷ୍ଟ ଛୋଟ ସିଲିଣ୍ଡର ମଧ୍ୟ




ଅର୍ଡର କରିପାରିବେ। ସବୁଠୁ ବଡ଼ କଥା ହେଉଛି ଯେ ଇନଷ୍ଟାମାର୍ଟରୁ ଗ୍ୟାସ୍ ସିଲିଣ୍ଡର ଅର୍ଡର କରିବା ପାଇଁ ଗ୍ରାହକଙ୍କ ପାଖରେ ପୂର୍ବରୁ କୌଣସି ଏଲପିଜି ଗ୍ୟାସ୍ କନେକ୍ସନ ଥିବା ବାଧ୍ୟତାମୂଳକ ନୁହେଁ। ଯେକୌଣସି ନୂଆ ୟୁଜର ଆପ୍ ଜରିଆରେ ଏହାକୁ ସହଜରେ ବୁକ୍ କରିପାରିବେ।

# ପୋଷାକ କିଣିବା ପୂର୍ବରୁ ଟ୍ୟାଗ୍‌କୁ ନିଶ୍ଚୟ ଦେଖନ୍ତୁ

ଭୁବନେଶ୍ୱର,୧୫।୭: ଆପଣ ନୂଆ ନୂଆ ପୋଷାକ କିଣିବାର ସଉକ ରଖନ୍ତି କି ? ଯେକୌଣସି ପୋଷାକର ବେକ ପଛରେ ଲାଗିଥିବା ଟ୍ୟାଗ ବିଷୟରେ ଜାଣିଛନ୍ତି କି ? ସେହି ଟ୍ୟାଗରେ ଲୁଚିରହିଛି ବହୁତ ବଡ଼ ସିକ୍ରେଟ ଯାହା ଆପଣଙ୍କୁ ଲୁଚାଇଥାଏ ଦୋକାନୀ । ଆଜ୍ଞା ହଁ ବେକ ପାଖରେ ଥିବା ଏକ ଛୋଟ ଟ୍ୟାଗ୍ ଡ୍ରେସର ପ୍ରକୃତ ଗୁଣବତ୍ତା ପ୍ରକାଶ କରିପାରିବ। ଏହି ରହସ୍ୟ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି ଏବଂ ବଜାରରେ ହଇଚଇ ସୃଷ୍ଟି କରୁଛି। ପୋଷାକ କିଣିବା ସମୟରେ, ଅଧିକାଂଶ ଲୋକ କେବଳ କପଡ଼ାର ରଙ୍ଗ, ଡିଜାଇନ୍ ଏବଂ ଫିଟିଂ ଯାଞ୍ଚ କରନ୍ତି। ଯଦି ସେମାନଙ୍କୁ ଏହା ପସନ୍ଦ ଆସିଯାଏ, ତେବେ ସେମାନେ ତୁରନ୍ତ ଟଙ୍କା ଦେଇ କିଣିନିଅନ୍ତି । କିନ୍ତୁ ପ୍ରକୃତ କଥା ଟ୍ୟାଗର ରଙ୍ଗରେ ରହିଛି। ବିଶେଷଜ୍ଞଙ୍କ ମତରେ ଟ୍ୟାଗର ରଙ୍ଗ ଏବଂ ଏଥିରେ ଥିବା ଅକ୍ଷର କପଡ଼ାର ସ୍ଥାୟୀତ୍ୱ, ଗୁଣବତ୍ତା ଏବଂ ଜୀବନକାଳ ବିଷୟରେ ବହୁତ କିଛି ପ୍ରକାଶ କରେ। ବାସ୍ତବରେ ଯଦି ପୋଷାକରେ ଟ୍ୟାଗଟି



କଳା ଏବଂ ଏଥିରେ ସୁନେଲୀ ରଙ୍ଗର ଲେଖା ଅଛି, ତେବେ ବୁଝିନିଅନ୍ତୁ ଯେ କପଡ଼ାଟି ଉଚ୍ଚମାନର । ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବ, ରଙ୍ଗ ଫିକା ପଡ଼ିବ ନାହିଁ ଏବଂ ବାରମ୍ବାର ଧୋଇବା ପରେ ମଧ୍ୟ ନୂତନ ପରି ରହିବ। ଅନ୍ୟପକ୍ଷରେ ଯଦି କଳା ଟ୍ୟାଗରେ ଧଳା ଲେଖା ଅଛି, ତେବେ କପଡ଼ାଟି ଭଲ ଗୁଣବତ୍ତାର ଏବଂ ପ୍ରତିଦିନ ବ୍ୟବହାର ପାଇଁ ଉପଯୁକ୍ତ। ଯଦି ଧଳା ଟ୍ୟାଗରେ କଳା ଅକ୍ଷର ଅଛି, ତେବେ କପଡ଼ାଟି ଠିକ୍ ଅଛି ଏବଂ ସହଜରେ କିଛି ମାସ ପର୍ଯ୍ୟନ୍ତ ରହିବ। ତଥାପି, ଯଦି ଟ୍ୟାଗଟି ଫିକା ଧଳା କିମ୍ବା ସାମାନ୍ୟ ହଳଦିଆ ରଙ୍ଗର, ତେବେ ବୁଝିନିଅନ୍ତୁ ଯେ କପଡ଼ାଟି ନିମ୍ନମାନର। ଏହା ସହଜରେ ଚିରିଯିବ ବା ରଙ୍ଗ ଛାଡିବ ଏବଂ ଅଳ୍ପ ଧୁଆରେ ଡ୍ରେସଟି ପୁରୁଣା ଭଳି ଲାଗିବ। ତେବେ ଏବେ ବଡ଼ ପ୍ରଶ୍ନ ହେଉଛି କି ଦୋକାନୀମାନେ ଏହି କଥାକୁ କାହିଁକି ଲୁଚାଇ ରଖନ୍ତି ? ଦୋକାନୀ ଏବଂ ବ୍ରାଣ୍ଡଗୁଡ଼ିକ ଏହି କୌଶଳ ବିଷୟରେ ଭଲ ଭାବରେ ଜାଣନ୍ତି। ସେମାନେ ଅଧିକ ଟଙ୍କାରେ ଭଲ ପୋଷାକ ବିକ୍ରୟ କରନ୍ତି, କିନ୍ତୁ କେତେକ ସମୟରେ ଆକର୍ଷଣୀୟ ପ୍ରଦର୍ଶନ ସହିତ ନିମ୍ନମାନର ପୋଷାକ ମଧ୍ୟ ବିକ୍ରୟ କରନ୍ତି। ଯଦି ଗ୍ରାହକମାନେ ଟ୍ୟାଗ୍ ଯାଞ୍ଚ କରିବା ଆରମ୍ଭ କରନ୍ତି, ତେବେ ସେମାନଙ୍କର କୌଶଳ ଧରାପଡ଼ିପାରେ। ତେଣୁ ଅନେକ ଦୋକାନୀ ଟ୍ୟାଗ୍ ଲୁଚାଇବାକୁ ଚେଷ୍ଟା କରନ୍ତି କିମ୍ବା ଶୀଘ୍ର କାଟି ଦିଅନ୍ତି । ବଡ଼ ବ୍ରାଣ୍ଡ ଯଥା ଜାରା ଓ H&M ଭଳି କମ୍ପାନୀରେ ବିଭିନ୍ନ ଲାଇନ୍ ପାଇଁ ଅଲଗା ଲେବଲ୍ ବ୍ୟବହାର କରାଯାଏ। କିନ୍ତୁ ଗ୍ରାହକଙ୍କ ପାଇଁ ସବୁଠାରୁ ଜରୁରୀ ହେଉଛି— କିଣିବା ପୂର୍ବରୁ କପଡ଼ାର ମେଟେରିଆଲ୍, ଧୋଇବା ନିୟମ ଓ ବ୍ରାଣ୍ଡ ସୂଚନା ଯାଞ୍ଚ କରିବା।

ପ୍ରତିଦିନ ସାରା ଦେଶରେ ହଜାର ହଜାର ଗ୍ରାହକ ଟ୍ୟାଗ୍ ଯାଞ୍ଚ ନକରି ପୋଷାକ କିଣନ୍ତି ଏବଂ ପରେ ଅନୁତାପ କରନ୍ତି। ଏକ ସର୍ଭେ ଅନୁଯାୟୀ, ୭୦% ଲୋକ କେବଳ ସାଇଜ୍ ଦେଖିବା ପାଇଁ ଟ୍ୟାଗ୍ ପଢ଼ନ୍ତି, ଗୁଣବତ୍ତା ନୁହେଁ। ଫଳାଫଳ କ'ଣ ? କିଛି ମାସ ମଧ୍ୟରେ, ୱାର୍ଡରୋବ୍ ଖରାପ ପୋଷାକରେ ପରିପୂର୍ଣ୍ଣ ହୋଇଯାଏ। କପଡ଼ା ବିଶେଷଜ୍ଞଙ୍କ ଅନୁଯାୟୀ କିଛି ବ୍ରାଣ୍ଡ ମାର୍କେଟିଂ ପାଇଁ ରଙ୍ଗ ପରିବର୍ତ୍ତନ କରନ୍ତି ତେଣୁ ସତର୍କ ରହିବା ଉଚିତ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୪,୮୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୨,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୪,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୨,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୮୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୨,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୪,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପାଇଁ ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୭୮ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୪୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ଠିକାଦାର ନିଦ୍ରାରେ, ପ୍ରଶାସନ ମୌନ: ଲୋକେ ହନ୍ତସନ୍ତ

## ଭଉଁରୀଆ ସେତୁର ବିକାଶର ଗାଥା

## କାଗଜରେ ସେତୁ ରେଡି, ମାଟିରେ ଅଧାପନ୍ତରିଆ

## ୫ଟି ଗାଁର ଭାଗ୍ୟ କେବେ ଫିଟିବ ?




**କାକଟପୁର /ଅସ୍ତରଙ୍ଗ,୧୫ା୭ (ସଂଚାର ବ୍ୟୁରୋ):** କାଗଜ ଓ ସାଇନି ବୋର୍ଡରେ ସେତୁ ସରିସାରିଛି। ଫାଇଲରେ ବିଲ୍ ପାସ୍ ହୋଇସାରିଛି। କିନ୍ତୁ ମାଟିରେ ଆଜି ବି ସେ ଅଧାପନ୍ତରିଆ ଲାଞ୍ଛନା। ପୁରୀ ଜିଲ୍ଲା ଅସ୍ତରଙ୍ଗ ରୁ ପାଟସୁନ୍ଦରପୁର ସଂଯୋଗକାରୀ ଭଉଁରୀଆ ନାଳ ଉପର ଉଚ୍ଚସ୍ତର ସେତୁର ଏହା ହିଁ ଆଜିର ବିକାଶ ବାସ୍ତବତା। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଧୀନରେ ଏହି ସେତୁ ପାଇଁ ୫୪୪.୩୦ ଲକ୍ଷ ଟଙ୍କା ଅର୍ଥାତ୍ ୫ କୋଟି ୪୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେତୁର ନିର୍ଦ୍ଧାରିତ ଦୈର୍ଘ୍ୟ ୬୧.୨୬୦(୨୦୩୦.୬୩) ମିଟର। କାର୍ଯ୍ୟ ଆରମ୍ଭ ୧୯ ଜାନୁୟାରୀ ୨୦୨୪ ଏବଂ ସମାପ୍ତି ତାରିଖ ୧୮ ଜାନୁୟାରୀ ୨୦୨୫। କାର୍ଯ୍ୟନିର୍ବାହୀ ଅଧିକାରୀ - ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ନିମାପଡା। କିନ୍ତୁ ଆଜି ତାରିଖ ୧୬ ଜୁଲାଇ ୨୦୨୬। ଡେଡଲାଇନ୍ ଶେଷ ହୋଇ ଦେଢ ବର୍ଷରୁ ଅଧିକ ସମୟ ବିତିଗଲାଣି। ତଥାପି ସେତୁର ଦୁଇ ପାର୍ଶ୍ୱର ଉଇଙ୍ଗ ୱାଲ ଅସମ୍ପୂର୍ଣ୍ଣ। ଆପ୍ରୋଚ ରୋଡର ମାତ୍ର ୧୫ ମିଟର ଜମି ବିବାଦ ଯୋଗୁଁ ଆଜି ବି ଅବରୁଦ୍ଧ। ଫଳରେ ସମ୍ପୂର୍ଣ୍ଣ ସେତୁ କାମ ଠପ୍। ଏହି ସେତୁର ଶିଳାନ୍ୟାସ କରିଥିଲେ ତତ୍କାଳୀନ ମନ୍ତ୍ରୀ ତୁଷାରକାନ୍ତି ବେହେରା। ସେ ଏବେ ଅଞ୍ଚଳର ବିଧାୟକ। ନୂଆ ସରକାର ଗଠନ ହୋଇ ୨ ବର୍ଷ ହେଲାଣି। ଏ ମଧ୍ୟରେ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି, ମନ୍ତ୍ରୀ ସମସ୍ତେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପ୍ରତିଶ୍ରୁତିର ପାହାଡ ଭାଙ୍ଗିଛି। କିନ୍ତୁ ଫଳାଫଳ? ଶୂନ। ଠିକା ସଂସ୍ଥାର ମନ୍ଥରତା ଆଉ ବିଭାଗୀୟ ତଦାରଖର ଅଭାବ ଯୋଗୁଁ ଆଜି ପର୍ଯ୍ୟନ୍ତ କାମ ସରିପାରିନାହିଁ। ପ୍ରଶ୍ନ ଉଠୁଛି - ଏହା କ'ଣ ପ୍ରଶାସନିକ ଅବହେଳା, ନା ରାଜନୀତିକ ଇଚ୍ଛାଶକ୍ତିର ଦୁର୍ବଳତା, ନା ଠିକାଦାରର ଇଚ୍ଛାକୃତ ଲୁଟ୍ ? ସେତୁ ନ ହେବାରୁ ନଗର, ଆଳସାହି, ଆଳଙ୍ଗପୁର, ନଈଗୁଆଁ ଓ ତାଳଦା ଆଦି ୫ଟି ଗାଁର ହଜାର ହଜାର ଲୋକ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ ପୁରୁଣା ସେତୁ ଉପରେ ପାଣି ଜମିଯିବାରୁ ଯାତାୟାତ ସମ୍ପୂର୍ଣ୍ଣ ସମସ୍ୟା। ରୋଗୀ ହସ୍ପିଟାଲରେ ସଠିକ ସମୟରେ ପହଞ୍ଚି ପାରୁନାହାନ୍ତି। ଛାତ୍ରଛାତ୍ରୀଙ୍କ ପାଠପଢା ବାଧାପ୍ରାପ୍ତ। ଚାଷୀ ତାଙ୍କ ଉତ୍ପାଦ ଭାରୀଯାନରେ ବଜାରକୁ ଆଣିପାରୁନାହାନ୍ତି। ଭାରିଯାନ ତ ଦୂର କଥା, ଦୁଇ ଚକିଆ କି ଚାରି ଚକିଆ ଯାନ ମଧ୍ୟ ଠିକରେ ଚଳାଚଳ କରିପାରୁନି।

## ପୁଣି ଜଣେ ନାବାଳିକା ଗର୍ଭବତୀ

**ଫିରିଙ୍ଗିଆ,୧୫ା୭ (ସଂଚାର ବ୍ୟୁରୋ):** ଗୋଚ୍ଛାପଡା ଥାନା ଅଞ୍ଚଳରେ ପୁଣି ଜଣେ ନାବାଳିକା ଗର୍ଭବତୀ ହୋଇଛନ୍ତି। ଏ ନେଇ ଥାନାରେ ଏତଲା ପରେ ଅଭିଯୁକ୍ତ ନାବାଳକଙ୍କୁ ବାଳ ନ୍ୟାୟିକ ବୋର୍ଡରେ ହାଜର କରାଯାଇ ସୁଧାର ଗୃହକୁ ପଠାଯାଇଛି। ପୀଡିତା ନାବାଳିକାଙ୍କୁ ଶିଶୁ କଲ୍ୟାଣ ସମିତି ଆଗରେ ହାଜର କରାଯାଇ କାଉନସେଲିଂ କରାଯାଇଛି। ସୂଚନା ଅନୁଯାୟୀ, ଚକାପାଦ ଥାନା ଅଞ୍ଚଳର ନାବାଳିକା ଜଣକ ଗତ କିଛି ମାସ ହେଲା ଗୋଚ୍ଛାପଡା ଥାନା ଅଞ୍ଚଳର ଅଭିଯୁକ୍ତ ନାବାଳକଙ୍କ ଘରେ ରହୁଥିଲେ। ଇତି ମଧ୍ୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସ୍ଥାପିତ ହୋଇଥିଲା। ଗତ ୧୨ ତାରିଖ ଦିନ ଅସୁସ୍ଥତା କାରଣରୁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସେ ସାତ ମାସର ଗର୍ଭବତୀ ଥିବା ଜାଣିବା ପରେ ଥାନାକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଗୋଚ୍ଛାପଡା ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ନାବାଳକଙ୍କୁ ଆଣି ବାଳ ନ୍ୟାୟିକ ବୋର୍ଡରେ ହାଜର କରାଇ ସୁଧାର ଗୃହ ପଠାଇଥିଲା। ପୀଡିତାଙ୍କୁ ଶିଶୁ କଲ୍ୟାଣ ସମିତି ଆଗରେ ହାଜର କରାଯାଇଥିବା ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ସୂଚନା ଦେଇଛନ୍ତି।

● ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଜିଲ୍ଲାସ୍ତରୀୟ ଋଣ ସମ୍ପ୍ରସାରଣ ଶିବିର

## ୫୦.୬୦ କୋଟି ଟଙ୍କାର ଋଣ ବଣ୍ଟନ




**କୋରାପୁଟ,୧୫ା୭ (ସଂଚାର ବ୍ୟୁରୋ):** ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ଜିଲ୍ଲାସ୍ତରୀୟ ଋଣ ସମ୍ପ୍ରସାରଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ମାଛ କହିଥିଲେ ଯେ, ବ୍ୟାଙ୍କିଙ୍ଗ ସେବା ସହିତ ସଂଯୁକ୍ତ ହୋଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସୁଯୋଗ ନେଲେ ବ୍ୟକ୍ତି ଏବଂ ଗୋଷ୍ଠୀମାନେ ଆତ୍ମନିର୍ଭରଶୀଳ ଉଦ୍ୟୋଗୀ ଭାବେ ଗଢ଼ିଉଠିପାରିବେ। ଏହା ସହିତ ନିଜେ ରୋଜଗାର କରିବା ସହ ଅନ୍ୟମାନଙ୍କ ପାଇଁ ମଧ୍ୟ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବେ। ଆଜିର ଶିବିର ମାଧ୍ୟମରେ ଅନେକ ହିତାଧିକାରୀ ସରକାରୀ ଯୋଜନା ଅନ୍ତର୍ଗତ ଋଣ ସହାୟତା ପାଇ ଉପକୃତ ହୋଇଥିବା ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସୂଚନା ଦେଇଥିଲେ ଯେ, ଶିବିରରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ମୋଟ ୫୦ କୋଟି ୬୦ ଲକ୍ଷ ଟଙ୍କାର ଋଣ ବିଭିନ୍ନ ବର୍ଗର ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଛି। ଏହା ଜିଲ୍ଲାରେ କ୍ଷୁଦ୍ର ବ୍ୟବସାୟ, ସ୍ୱରୋଜଗାର ଏବଂ ଆର୍ଥିକ ସଶକ୍ତିକରଣକୁ ଆହୁରି ଗତିଶୀଳ କରିବ ବୋଲି ସେ କହିଥିଲେ।

## ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ବୈଠକ

**ଜୟପୁର,୧୫ା୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିରିଲିଗୁମା ଗ୍ରାମ ପଞ୍ଚାୟତ ଡକରିବେଡା ଗ୍ରାମରେ କଂଗ୍ରେସ ଦଳ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାହୁଲ ଗାନ୍ଧୀଙ୍କ ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଆଗାମୀ ଦିନର ବିକାଶମୂଳକ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ଏହା ସହ ପଞ୍ଚାୟତ ଯୁବ କମିଟିର ନୂତନ କର୍ମକର୍ତ୍ତାଙ୍କୁ ମଧ୍ୟ ଚୟନ କରାଯାଇଛି। ଗିରିଲିଗୁମା ଗ୍ରାମରେ ଅନୁଷ୍ଠିତ ଏହି ସାଙ୍ଗଠନିକ ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ କୁମାର ତୁରୁକ, ବ୍ଲକ କଂଗ୍ରେସ ସଭାପତି ମହାନ କୁମାର ହିଆଲ, ଜିଲ୍ଲା ପରିଷଦ ସଦସ୍ୟା ଲଳିତା ଜାନି, ପୂର୍ବତନ ସାଂସଦ ପ୍ରତିନିଧି ପଙ୍କଜ କୁମାର ବାଘ, ବ୍ଲକ ଯୁବ ସଭାପତି ଅଶୋକ ଖସଲା, ଅଖୟ ବାଘ ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ସଭାର ଆୟୋଜନ କରିଥିଲେ ନିର୍ମଳ ହିଆଲ ଏବଂ ପରିଚାଳନା କରିଥିଲେ ବ୍ଲକ ସଭାପତି ମହାନ କୁମାର ହିଆଲ। ଏହି ଅବସରରେ ପଞ୍ଚାୟତ ଯୁବ କମିଟିର ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ନିର୍ମଳ ହିଆଲଙ୍କୁ ପଞ୍ଚାୟତ ଯୁବ ସଭାପତି, ପ୍ରଶାନ୍ତ ଖସଲାଙ୍କୁ ଉପସଭାପତି, ସୁରେନ୍ଦ୍ର ଖରାଙ୍କୁ କ୍ୟାସିୟର, ଫୁଲମତୀ ମାଣ୍ଡିଗାଁ ଏବଂ ଜୈଲୁମୋ ଗାରଡ଼ାଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥିଲା। ନୂତନ କର୍ମକର୍ତ୍ତାମାନଙ୍କୁ ଉପସ୍ଥିତ ଅତିଥିମାନେ ଅଭିନନ୍ଦନ ଜଣାଇଥିଲେ।

## ମାଣ୍ଡିଆ ଚାଷ ଜମି କ୍ଷେତ୍ର ପରିଦର୍ଶନ ଓ ଚାଷୀଙ୍କ ସହ ଆଲୋଚନା



**ଫୁଲବାଣୀ,୧୫ା୭ (ସଂଚାର ବ୍ୟୁରୋ):** ରାଇକିଆ ବ୍ଲକ୍ ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଙ୍କ ଦ୍ୱାରା ପରିଚାଳିତ ଶ୍ରୀ ଅନ୍ନ ଅଭିଯାନ ରେ ମାଣ୍ଡିଆ ଚାଷ କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଆଜି ଜିଲ୍ଲା ମୁଖ୍ୟ କୃଷି ଅଧିକାରି ପବିତ୍ରମୋହନ ସାହୁ ମାଣ୍ଡିଆ ଚାଷ କ୍ଷେତ୍ର ପରିଦର୍ଶନ କରିଥିଲେ। ମାଣିକେଶ୍ୱର ପଞ୍ଚାୟତ ର ପାଟେଲିପାଙ୍ଗା, କରଡା ପଞ୍ଚାୟତର ଅଁଳାପଟା ଓ କନାଡି ଗ୍ରାମର ଚାଷୀ ମାନଙ୍କର ଜମିରେ ମାଣ୍ଡିଆ ଚାଷ କୁ ବୁଲି ଦେଖିବା ସହିତ ବ୍ୟବହାର କରାଯାଇଥିବା ଜ୍ଞାନ କୌଶଳ ଓ ବୈଶୟିକ ବ୍ୟବାହାରିତା ସନ୍ତୋଷ ଜନକ ଅଛି ବିଲୋ ହୃଦ୍‌ବୋଧ କରିଥିଲେ। ଏହି ପରିଦର୍ଶନ ସମୟରେ ବ୍ଲକ୍ କୃଷି ଅଧିକାରି ସଚିନ୍ଦ୍ର କୁମାର ସେଠୀ ଓ ସହ କୃଷି ଅଧିକାରି ସୁଦିପ୍ତା ପ୍ରଧାନ ଉପସ୍ଥିତ ରହି କୃଷି କ୍ଷେତ୍ର ରେ ସଫଳତା ପାଇବାକୁ ହେଲେ ଚାଷିର ମନୋବଳ ଓ ପରିଶ୍ରମ ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ପରିଦର୍ଶନ ସମୟରେ ଅଧିକାରି ମାନେ ଫସଲର ସମିକ୍ଷା କରିବା ସହିତ ରୋଗ ପୋକ ଜନିତ ସମସ୍ୟା ଏବଂ ଉତ୍ପାଦନ କ୍ଷମତାର ଅନୁଧ୍ୟାନ କରିଥିଲେ। ଏଥିସହିତ କିପରି କମ୍ ପାଣିରେ ଅଧିକ ଅମଳ କରାଯାଇ ପାରିବ ଏବଂ ଜୈବିକ ସାରର ପ୍ରୟୋଗ କିଭଳି ହେବ ସେ ବିଷୟରେ ପରାମର୍ଶ ଦେଇଥିଲେ। ବ୍ଲକ୍ କୃଷି ଅଧିକାରି ସରକାରଙ୍କ ଦ୍ୱାରା ଦିଆଯାଉଥିବା ସବ୍ସିଡ ଓ ଚାଷୀଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଥିଲେ। ମୂଖ୍ୟ ଜିଲ୍ଲା କୃଷି ଅଧିକାରୀ ଆମର ମୂଳ ଲକ୍ଷ୍ୟ ହେଉଛି ପୋଷଣଯୁକ୍ତ ମାଣ୍ଡିଆ ଚାଷକୁ ଅଧିକ ବ୍ୟାପକ କରିବା ଏବଂ ଚାଷୀଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିବା ବୋଲି କହିବା ସହିତ କ୍ଷେତ୍ର ପରିଦର୍ଶନ ଦ୍ୱାରା ଆମେ ଚାଷୀ ମାନଙ୍କ ପ୍ରକୃତ ସମସ୍ୟା ବୁଝିପାରୁଛୁ ଓ ତାର ତୁରନ୍ତ ସମାଧାନ ପାଇଁ କରିପାରୁଛୁ ବୋଲି ମଧ୍ୟ କହିଥିଲେ। ଏହି କ୍ଷେତ୍ର ପରିଦର୍ଶନ ସ୍ଥାନୀୟ ଅଞ୍ଚଳ ଚାଷୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଭରିଦେଇଛି ଏବଂ ସେମାନେ ଆଗାମିଦିନରେ ଅଧିକ ଜମିରେ ମାଣ୍ଡିଆ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

## ମାଉସୀମା ମନ୍ଦିର ଅଭିମୁଖେ ଗଡ଼ିବ ଦୁଇ ରଥ



**ଢେଙ୍କାନାଳ ୧୫ା୭ (ସଂଚାର ବ୍ୟୁରୋ):** ପବିତ୍ର ଶ୍ରୀ ଗୁଣ୍ଡିଚା ଯାତ୍ରା ଅବସରରେ ଆଜି ଢେଙ୍କାନାଳ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଶ୍ରୀ ଶ୍ରୀ ବଳରାମଜୀଉ ମନ୍ଦିରରୁ ମହାପ୍ରଭୁଙ୍କ ଦୁଇଟି ରଥ ବାଜିଚୌକି ସ୍ଥିତ ମାଉସୀମା ମନ୍ଦିର ଅଭିମୁଖେ ଯାତ୍ରା କରିବା ସହ ସାନ ରଥ ଟିକୁ କେବଳ ମହିଳା ଭକ୍ତ ମାନେ ଟାଣିବାର ପରମ୍ପରା ରହି ଆସିଛି । ଏହି ପବିତ୍ର ଯାତ୍ରାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ସକାଳ ପ୍ରାୟ ୧୧ଟାରେ ପହଣ୍ଡି ବିଜେ ଅନୁଷ୍ଠିତ ହେବ। ପାରମ୍ପରିକ ବାଦ୍ୟ, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ମହାପ୍ରଭୁଙ୍କୁ ରଥାରୂଢ଼ କରାଯିବ। ଅପରାହ୍ନ ପ୍ରାୟ ୩ଟାରେ ରଥଟଣା ଆରମ୍ଭ ହେବ ଏବଂ ହଜାର ହଜାର ଭକ୍ତ ରଥ ଦଉଡ଼ି ଧରି ମହାପ୍ରଭୁଙ୍କୁ ମାଉସୀମା ମନ୍ଦିରକୁ ନେବେ। ରଥଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରଥ ମାର୍ଗର ବିଭିନ୍ନ ସ୍ଥାନରେ ପୋଲିସ ବଳ ମୁତୟନ କରାଯାଇଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ, ଜନସମାଗମ ପରିଚାଳନା ଓ ଆଇନ-ଶୃଙ୍ଖଳା ରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତମାନଙ୍କ ସୁବିଧା ପାଇଁ ସ୍ୱେଚ୍ଛାସେବୀ ସଂଗଠନମାନେ ମଧ୍ୟ ବିଭିନ୍ନ ସେବା କାର୍ଯ୍ୟରେ ସହଯୋଗ କରୁଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି ଗୁଣ୍ଡିଚା ଯାତ୍ରାକୁ ନେଇ ଢେଙ୍କାନାଳ ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ମୁଖ୍ୟ ଚିକିତ୍ସାଳୟରେ ଇଣ୍ଡସ୍ କଫ୍ ମେସିନର ଉଦ୍‌ଘାଟିତ

**ଜୟପୁର, ୧୫ା୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ବିଧାୟକ ତାରା ପ୍ରସାଦ ବାହିନିପତି ଇଣ୍ଡସ କଫ ଉଦଘାଟନ କରିଛନ୍ତି। କୋରାପୁଟ ଜିଲ୍ଲାବାସୀଙ୍କର ବହୁ ଦିନର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଆବଶ୍ୟକତା ଆଜି ପୂରଣ ହୋଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ କରକମଳରେ ଓ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଉପସ୍ଥିତିରେ ଉଦଘାଟନ ହୋଇଛି। ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଧୁନିକ ଇଣ୍ଡସ୍ କଫ୍ ମେସିନ୍ର ଶୁଭ ଉଦ୍ଘାଟନ କରାଯାଇଛି। ଏହି ମେସିନ୍ ସ୍ଥାପନ ଫଳରେ କୋରାପୁଟ ଜିଲ୍ଲା ଓ ଆଖପାଖ ଅଞ୍ଚଳର ରୋଗୀମାନେ ବର୍ତ୍ତମାନ ନିଜ ଜିଲ୍ଲାରେ ହିଁ ଆବଶ୍ୟକ ପରୀକ୍ଷା ସୁବିଧା ପାଇପାରିବେ।

## ସାର ଅନୁମତି ପତ୍ର ନିମନ୍ତେ ପ୍ରମାଣପତ୍ର ପାଠ୍ୟକ୍ରମ ଉଦ୍‌ଯାପିତ



**ସତ୍ୟବାଦୀ, ୧୫ା୭ (ସଂଚାର ବ୍ୟୁରୋ):** ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲ୍ଲା ସ୍ତରୀୟ ସାର ଅନୁମତି ପତ୍ର ନିମନ୍ତେ ୧୫ ଦିନିଆ ପ୍ରମାଣପତ୍ର ପାଠ୍ୟକ୍ରମର ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ବ୍ଲକରୁ ଆସିଥିବା ପ୍ରାଥମିକ କୃଷି ସମବାୟ ସମିତିର ୩୦ ଜଣ ସମ୍ପାଦକ ଓ ସମ୍ପାଦିକା ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଉକ୍ତ ପାଠ୍ୟକ୍ରମର ଅନ୍ତିମ ଦିବସରେ ଲିଖିତ ସହିତ ସାକ୍ଷାତକାର ପରୀକ୍ଷା କରାଯାଇଥିଲା। ଏଥିରେ ଉତୀର୍ଣ୍ଣ ପରୀକ୍ଷାର୍ଥିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅନ୍ତିମ ସମାରୋହ ଉତ୍ସବରେ ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ରବିରତ୍ନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସନ୍ତୁଳିତ ସାର ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ଼ଃ ପରେଶ କୁମାର ପଣ୍ଡା, ଜିଲ୍ଲା ଉଦ୍ୟାନ ଉପନିର୍ଦ୍ଦେଶିକା ଡ଼ଃ ମଞ୍ଜୁଳା ତ୍ରିପାଠୀ, ପୁରୀ ଜିଲ୍ଲାର ଉପସଚିବ ସମବାୟ ସମିତି ସରୋଜିନୀ ଜେନା ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ଼ଃ ପରେଶ କୁମାର ପଣ୍ଡା ଅଭିଭାଷଣ ମାଧ୍ୟମରେ ସାର ଅନୁମତି ପତ୍ର ନିମନ୍ତେ ସରକାରଙ୍କ ବିଭିନ୍ନ ନିୟମାବଳୀ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ଉଦ୍ୟାନ ଉପନିର୍ଦ୍ଦେଶିକା ଡ଼ଃ ମଞ୍ଜୁଳା ତ୍ରିପାଠୀ ଅଭିଭାଷଣରେ ସମବାୟ ସମିତି ମାଧ୍ୟମରେ କୃଷକମାନଙ୍କୁ ବୈଷୟିକ ଜ୍ଞାନ କୌଶଳ ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ। ପୁରୀ ଜିଲ୍ଲାର ଉପସଚିବ ସମବାୟ ସମିତି ସରୋଜିନୀ ଜେନା ଅଭିଭାଷଣ ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତିର ଭୂମିକା ବିଷୟରେ ଗୁରୁତ୍ୱ ଆରୋପ କରିଥିଲେ।

## ହାଇସ୍କୁଲର ନୂତନ ପରିଚାଳନା କମିଟି ଗଠିତ



**ଧାମନଗ, ୧୫ା୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତିଟି ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରି ସମସ୍ତ କ୍ଷେତ୍ରରେ କମିଟି କୁ ଆନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା, ବିଦ୍ୟାଳୟ ପରିବେଶ ସଫା ସୁତରାଂ ରଖିବା ଏବଂ ବିଦ୍ୟାଳୟରେ ଉଉନ୍ନତି ସହ ବିଭିନ୍ନ କାଯ୍ୟକ୍ରମ ପାଇଁ ଏସ୍ ଏମ୍ ସି ର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି। ଏହି ଆଧାରରେ ଧାମନଗର ଏନ୍‌ଏସିଅନ୍ତର୍ଗତ ଶାମପୁର ସ୍ଥିତ ବହୁ ପୁରାତନ ଶିକ୍ଷାନୁଷ୍ଠାନ ପିଏମଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅପରାହ୍ନ ୨ଘଟିକା ସମୟରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀଙ୍କ ସଭାପତିତ୍ୱରେ ନୂତନ ପରିଚାଳନା କମିଟି ଗଠନ ନିମନ୍ତେ ନିର୍ବାଚିତ ୧୯ ଜଣ ସଭ୍ୟ ଓ ସଭ୍ୟା ଏବଂ ଅଫିସିଆଲି ମେମ୍ବର ୬ ସମୁଦାୟ ୨୫ ଜଣଙ୍କ ଉପସ୍ଥିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବିଦ୍ୟାଳୟର ଶିକ୍ଷା ପରିଚାଳନା କମିଟିର ପ୍ରଥମ କରି ଜଣେ ମହିଳା ସଭାପତି ଭାବେ ଶ୍ରୀ ଶ୍ରୀମତୀ ରସ୍ମିତା ମହାନ୍ତି ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ସାଦୋ ବିବି ନିର୍ବାଚିତ ହୋଇଛନ୍ତି।

## ଟ୍ରକ୍ ସହ ବାଇକ୍ ଧକ୍କା: ୨ ମୃତ

**ବଲାଙ୍ଗିର, ୧୫ା୭ (ସଂଚାର ବ୍ୟୁରୋ):** ଆଗଲପୁର ଥାନା କରକଟିଆ ଛକ ଠାରେ ମଙ୍ଗଳବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ଜୀବନ ଯାଇଛି। ମୃତକ ଦୁଇ ଜଣ ହେଲେ ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅଧୀନ ସନ୍ଧିବାହାଲ ଗ୍ରାମର ଦିଲୀପ ବେହେରା ଓ ରମେଶ ମହାକୁର। ଉଭୟେ ଗତକାଲି ରାତି ୯.୪୫ ରେ କୌଣସି କାମରେ ଝରନିପାଲିକୁ ଯାଉଥିବା ବେଳେ ପୂର୍ବରୁ କରକଟିଆ ଛକ ସ୍କୁଲ ନିକଟରେ ଖରାପ ହୋଇ ଅଟକି ଥିବା ଟ୍ରକ ପଛପଟେ ପିଟି ହୋଇଥିଲେ। ଘଟଣାସ୍ଥଳ ରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ପଠାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଜିଲ୍ଲା ପରିଷଦର ସାଧାରଣ ବୈଠକ

## ଜୈବିକ କୃଷି ଓ ପାନୀୟ ଜଳ ପ୍ରକଳ୍ପ ଉପରେ ଗୁରୁତ୍ୱ



**ମାଲକାନଗିରି, ୧୫ା୭ (ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପରିଷଦର ୭୬ ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସଭାରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜିଲ୍ଲାର ପ୍ରଗତି ଓ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସମୀକ୍ଷା କରିଥିଲେ। ଏହି ବୈଠକରେ ମୁଖ୍ୟତଃ କୃଷି ଓ ଚାଷୀଙ୍କ ସମସ୍ୟା ଉପରେ ବ୍ୟାପକ ଆଲୋଚନା କରାଯାଇ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଚାଷୀମାନେ କିପରି ଅଧିକ ପରିମାଣରେ ଧଣିଚା ବୁଣିବେ ସେଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ହୋଇଛି। ଏହାସହ ଚିତ୍ରକୋଣ୍ଡା ଅଞ୍ଚଳରେ ଜୈବିକ ଚାଷର ବହୁଳ ସମ୍ଭାବନା ଥିବାରୁ ସେଠାକାର ଚାଷୀଙ୍କୁ ଏଥିପାଇଁ ଅଧିକ ସହଯୋଗ ଓ ପ୍ରୋତ୍ସାହନ ଯୋଗାଇଦେବା ସହ ଜିଲ୍ଲାରେ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ସାର କ୍ରୟ ଓ ଏହାର ଉପଲବ୍ଧତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକର ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ କହିଛନ୍ତି, ଆମ ଜିଲ୍ଲାର ବିକାଶ ପ୍ରକ୍ରିୟା ଚାଷୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସେବା ଉପରେ ପର୍ଯ୍ୟବେସିତ। ଚିତ୍ରକୋଣ୍ଡାରେ ଜୈବିକ ଚାଷର ପ୍ରସାର ଏବଂ ପ୍ରତିଟି ଗାଁକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଆମର ମୁଖ୍ୟ ସଂକଳ୍ପ।

## ଠିକା ସଂସ୍ଥାର ମନମାନୀ ଦରମା ମିଳୁନି; ଉଠୁନି ଅଳିଆ

**ଜୟପୁର,୧୫ା୭(ସଂଚାର ବ୍ୟୁରୋ):** ଠିକା ସଂସ୍ଥାର ମନମାନି ୩୦୦ରୁ ଅଧିକ ସଫେଇ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅଭିଯୋଗ, ମାସ ମାସ ଧରି ଦରମା ବିଳମ୍ବରେ ମିଳୁଛି, ସରକାର ନିର୍ଦ୍ଧାରଣ କରିଥିବା ଦରମାଠାରୁ କମ୍ ପାରିଶ୍ରମିକ ଦିଆଯାଉଛି। ଏପରିକି କାହାର କେତେ ବକେୟା ପାଉଣା ରହିଛି, ତାହାର ହିସାବ ମଧ୍ୟ ସମ୍ପୃକ୍ତ ସଂସ୍ଥା ପାଖରେ ନାହିଁ। ଆଉ ଏହି ଆନ୍ଦୋଳନର ସିଧା ପ୍ରଭାବ ପଡ଼ିଛି ସହର ଉପରେ। ଅଳିଆରେ ଭର୍ତ୍ତି ହୋଇପଡ଼ିଛି ରାସ୍ତାଘାଟ, ଦୁର୍ଗନ୍ଧରେ ବେହାଲ ସହରବାସୀ। ମୁହଁରେ ପ୍ରତିବାଦର ସ୍ଲୋଗାନ... ଠିକା ସଂସ୍ଥାର ମନମାନି ବିରୋଧରେ ଏକାଠି ହୋଇଛନ୍ତି ୩୦୦ରୁ ଅଧିକ କର୍ମଚାରୀ। ଦରମା ବିଳମ୍ବ, ନିର୍ଦ୍ଧାରିତ ଦରମାଠାରୁ କମ୍ ପାରିଶ୍ରମିକ ଏବଂ ଶ୍ରମିକଙ୍କ ପ୍ରତି ଅବହେଳାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି ସମସ୍ତେ। ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ ସମାଧାନ ହେଉନଥିବାରୁ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିବା କହିଛନ୍ତି ଶ୍ରମିକ । ଏପଟେ ସଫେଇ କାମ ବନ୍ଦ ରହିଥିବାରୁ ରାସ୍ତାକଡ଼ରେ ଜମିଛି ଅଳିଆ ଆବର୍ଜନା। ଅତ୍ୟଧିକ ଜଟିଳ ହେବା ସହ ସକାଳ ୧୦ ଟା ଯାଏ ସହର ରେ ସଫେଇ କାର୍ଯ୍ୟ ନ ହୋଇଥିବାରୁ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ଘଟଣା ସ୍ଥାନରେ ପହଞ୍ଚି କର୍ମଚାରୀ ମାନଙ୍କୁ ବୁଝାଇ କାର୍ଯ୍ୟକୁ ପଠାଇବା ସହ ଠିକା ସଂସ୍ଥାକୁ ତାଗିଦ କରିଛନ୍ତି କି ତୁରନ୍ତ ସେମାନଙ୍କ ଦରମା ଦେବାପାଇଁ। ଆଜି ସେମାନ ଙ୍କ କହିବା କଥା ଓ ଟେଣ୍ଡରରେ ଉଲେଖ ହୋଇଥିବା ପାଉଣା କରାଯାଉ।

ମାଲକାନଗିରି ସ୍ୱାସ୍ଥ୍ୟ ସେବାର ସମୀକ୍ଷା କଲେ ଜିଲ୍ଲାପାଳ

## ତୃଣମୂଳ ସ୍ତରରେ ଯୋଜନା ପହଞ୍ଚାଇବାକୁ ନିର୍ଦ୍ଦେଶ



**ମାଲକାନଗିରି, ୧୫ା୭ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ସେବାର ଗୁଣାତ୍ମକମାନ ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ଏକ ଉଚ୍ଚସ୍ତରୀୟ ମିଳିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ବ୍ଲକ ମେଡିକାଲ ଅଫିସର ଏବଂ ସମଗ୍ର ଆଇସିଡିଏସ ବିଭାଗର ବରିଷ୍ଠ କର୍ମଚାରୀମାନେ ସାମିଲ ହୋଇଥିଲେ। ମାଲକାନଗିରି ଭଳି ଏକ ଜନଜାତି ବହୁଳ ଓ ଦୁର୍ଗମ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକୁ କିପରି ସୁରୁଖୁରୁରେ ଲୋକଙ୍କ ପାଖରେ ପହଞ୍ଚାଯାଇପାରିବ, ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ସହ ବିଭିନ୍ନ ଯୋଜନା ଉପରେ ବିଶେଷ ସମୀକ୍ଷା କରାଯାଇଥିଲା। ସମସ୍ତ ଯୋଗ୍ୟ ହିତାଧିକାରୀ ଯେପରି ସମସ୍ତ ଯୋଜନାରୁ ବଞ୍ଚିତ ନ ହେବେ, ସେଥିପାଇଁ ପ୍ରତିଟି ବ୍ଲକ ଓ ଗ୍ରାମାଞ୍ଚଳରେ ମନିଟରିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକକୁ ସମ୍ବୋଧିତ କରି ଜିଲ୍ଲାପାଳ କହିଛନ୍ତି, ଜିଲ୍ଲାର ପ୍ରତିଟି ସାଧାରଣ ନାଗରିକ, ବିଶେଷ କରି ଦୁର୍ଗମ ଅଞ୍ଚଳରେ ରହୁଥିବା ଗରିବ ଶ୍ରେଣୀର ଲୋକଙ୍କ ପାଖରେ ମାଗଣା ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ।

## ଶିଶୁ ଓ ପୋଷଣ ସେବାର ସମୀକ୍ଷା କଲେ ବିଭାଗୀୟ ଅତିରିକ୍ତ ସଚିବ



**ମାଲକାନଗିରି, ୧୫ା୭ (ସଂଚାର ବ୍ୟୁରୋ):** ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ପ୍ରମୋଦ ସାହୁ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର, ପୋଷଣ ସେବା ଓ ଛତୁଆ ଉତ୍ପାଦନ କେନ୍ଦ୍ରର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି। ଜୁଲାଇ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ତିନି ଦିନିଆ ଗସ୍ତ ସମୟରେ ତାଙ୍କ ସହ ୟୁନିସେଫ୍‌ର ନ୍ୟୁଟ୍ରିସନ କନସଲଟାଣ୍ଟ ଅକ୍ଷୟ ଲିମାଲ ମଧ୍ୟ ଉପସ୍ଥିତ ଥିଲେ। ଗସ୍ତର ଶେଷ ଦିନରେ ଅତିରିକ୍ତ ସଚିବ ଖଇରପୁଟ ପ୍ରକଳ୍ପର ମୁଦୁଲିପଡ଼ା ସେକ୍ଟର ଅନ୍ତର୍ଗତ ଡୁମୁରିପଡ଼ା ଓ ବଡ଼ପଡ଼ା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ପ୍ରି-ସ୍କୁଲ କାର୍ଯ୍ୟକଳାପ, ପୋଷଣ ଟ୍ରାକର ତଥ୍ୟ ଏବଂ ଶିଶୁମାନଙ୍କ ଓଜନ ଓ ଉଚ୍ଚତା ମାପ ପ୍ରକ୍ରିୟାର ଯାଞ୍ଚ କରିଥିଲେ। ଏହାସହ ସେ ଛତୁଆ ଉତ୍ପାଦନ କେନ୍ଦ୍ରର ଖାଦ୍ୟ ଗୁଣବତ୍ତା, ସ୍ୱଚ୍ଛତା ଓ ବଣ୍ଟନ ବ୍ୟବସ୍ଥାର ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସମସ୍ତ ସିଡିପିଓ, ଲେଡି ସୁପରଭାଇଜର ଓ ବ୍ଲକ ପୋଷଣ କୋଅର୍ଡିନେଟରମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୋଗଦେଇ ଅତିରିକ୍ତ ସଚିବ ପ୍ରମୋଦ ସାହୁ କହିଛନ୍ତି କ୍ଷେତ୍ରସ୍ତରରେ ପ୍ରତ୍ୟେକ ଶିଶୁଙ୍କ ପାଖରେ ସରକାରଙ୍କ ପୋଷଣ ସେବା ପହଞ୍ଚାଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ୦ ରୁ ୬ ବର୍ଷ ବୟସର ସମସ୍ତ ଶିଶୁଙ୍କ ଉଚ୍ଚତା ଓ ଓଜନର ସଠିକ୍ ମାପ ନେବା ସହ ପୋଷଣ ଟ୍ରାକରରେ ସମୟାନୁବର୍ତ୍ତୀ ତଥ୍ୟ ଅପଲୋଡ୍ କରିବାକୁ ହେବ। ବିଶେଷ କରି ସାମ୍, ମାମ୍ ଏବଂ କମ୍ ଓଜନ ବିଶିଷ୍ଟ ଶିଶୁମାନଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ନିୟମିତ ମନିଟରିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଯେପରି କୌଣସି ହିତାଧିକାରୀ ସେବାରୁ ବଞ୍ଚିତ ନହୁଅନ୍ତି। ବୈଠକରେ ୟୁନିସେଫ୍ ନ୍ୟୁଟ୍ରିସନ କନସଲଟାଣ୍ଟ ଅକ୍ଷୟ ଲିମାଲ ଶିଶୁମାନଙ୍କ ସଠିକ୍ ଆନ୍ଥ୍ରୋପୋମେଟ୍ରିକ୍ ମାପ ଏବଂ ତଥ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱାରୋପ କରି ପରାମର୍ଶ ଦେଇଥିଲେ। ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (ଡିଏସଡବ୍ଲୁଓ) ଅତିରିକ୍ତ ସଚିବ ଓ ୟୁନିସେଫ୍ ପ୍ରତିନିଧିଙ୍କୁ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜଣାଇବା ସହ, ମିଳିଥିବା ସମସ୍ତ ନିର୍ଦ୍ଦେଶକୁ କ୍ଷେତ୍ରସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରି ଅଙ୍ଗନବାଡ଼ି ସେବାର ଗୁଣାତ୍ମକ ଉନ୍ନତି ଆଣିବାକୁ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ।




# ମିଶ୍ରି ଖାଇଲେ ଲୋ ବ୍ଲଡପ୍ରେସର କମେ

ମିଶ୍ରିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଏବଂ ଆମିନୋ ଏସିଡ ରହିଛି। ଯଦି ଆପଣଙ୍କର ଲଗାତର କାଶ ହେଉଛି କିମ୍ବା ତଣ୍ଟି ଦରଜ ହେଉଛି ତେବେ ତେଜପତ୍ର ଏବଂ ଅଦା ମିଶ୍ରତ ପାଣିରେ କିଛି ମିଶ୍ରି ପକାଇ ତାହାକୁ ଫୁଟାଇ ପିଅନ୍ତୁ। ଆମ ଶରୀରରେ ହିମୋଗ୍ଲୋବିନ ସ୍ତର ସନ୍ତୁଳିତ ରହିବା ନିହାତି ଜରୁରୀ। ନିୟମିତ ମିଶ୍ରି ଖାଇଲେ ଏହି ସ୍ତର କେତେକାଂଶରେ ଠିକ୍ ରହିଥାଏ। ମିଶ୍ରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ହଜମ ପ୍ରକ୍ରିୟାକୁ ଆହୁରି ଦୃଢ଼ କରିଥାଏ। ଏହା ସହିତ କିଛି ପାନମଧୁରୀ ମିଶାଇ ଖାଇପାରନ୍ତି। ଆପଣଙ୍କର ଲୋ ବ୍ଲଡପ୍ରେସର ସମସ୍ୟା ଅଛି କି ? ଯଦି ହଁ, ତେବେ ନିୟମିତ ମିଶ୍ରି ଖାଇଲେ ତାହା ଏହାକୁ ନିୟନ୍ତ୍ରଣରେ ରଖିଥାଏ। ଚାପର ବଶବର୍ତ୍ତୀ ହୋଇଥିଲେ କିମ୍ବା ଥକା ଲାଗୁଥିଲେ ଏଥିରୁ ମୁକୁଳିବା ପାଇଁ ମିଶ୍ରି କେତେକାଂଶରେ ସାହାଯ୍ୟ କରିଥାଏ। ଏଥିଲାଗି ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ମିଶ୍ରି ମିଶାଇ ତାହାକୁ ପିଅନ୍ତୁ। ଏହା ମଧ୍ୟ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆଉ ଏକ ଖାସ୍ କଥା ହେଲା ନିୟମିତ ମିଶ୍ରି ଖାଇବା ଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟା କେତେକାଂଶରେ କମ୍ ରହିଥାଏ।



# ଭୃସଙ୍ଗପତ୍ର ଲିଭର୍‌କୁ ସୁସ୍ଥ ରଖେ

ଭୃସଙ୍ଗପତ୍ର ସ୍ୱାସ୍ଥ୍ୟ ପାଇଁ ଲାଭକାରୀ। ପ୍ରତିଦିନ ସକାଳେ ଅଧାକପ୍ ଭୃସଙ୍ଗପତ୍ର ରସ ପିଇଲେ ଲିଭର ବିଭିନ୍ନ ସଂକ୍ରମଣରୁ ଦୂରେଇ ରୁହେ। ଏହାର କାର୍ଯ୍ୟକୁ ଭୃସଙ୍ଗପତ୍ର ରସ ସ୍ୱାଭାବିକ କରେ। ଭୃସଙ୍ଗପତ୍ର ରସ ନିୟମିତ ପିଇଲେ ମଧୁମେହରୁ ମୁକ୍ତି ମିଳେ। ଏହା ରକ୍ତର କୋଲେଷ୍ଟରଲସ୍ତରକୁ ନିୟନ୍ତ୍ରିତ କରିଥାଏ। ଏଥିରେ ଭିଟାମିନ ବି୧, ବି୩, ବି୯ ଏବଂ ସି ରହିଥାଏ। ଏହା ସହିତ ଏଥିରେ ଆଇରନ, କ୍ୟାଲସିୟମ ଏବଂ ଫସଫରସ ରହିଛି। ପ୍ରତିଦିନ ଭୃସଙ୍ଗପତ୍ର ଚୋବାଇବା ଖାଇଲେ ଦ୍ୱାରା ମେଦବହୁଳତାରୁ ମିଳେ ମୁକ୍ତି। ଏକ ଚାମଚ ମହୁରେ ଭୃସଙ୍ଗପତ୍ର ରସ ମିଶାଇ ପିଇଲେ କଫ ବାହାରି ଯାଇଥାଏ। ଏହାକୁ ନିୟମିତ ପିଇଲେ ହାର୍ଟ ଆଟାକ୍ ଆଶଙ୍କା କମିଥାଏ ବୋଲି ଆୟୁର୍ବେର୍ଦରେ ଉଲ୍ଲେଖ ରହିଛି।



# ଡାଳିମ୍ବ ରସ ହାର୍ଟ ଷ୍ଟ୍ରୋକରୁ ଦୂରେଇ ରଖେ

ଖାଦ୍ୟପେୟରେ ଅନିୟମିତତାଯୋଗୁ କେତେକଙ୍କଠାରେ ହାର୍ଟ ଆଟାକ୍ ସମସ୍ୟା ଦେଖାଦେଇଥାଏ। ତେବେ ସପ୍ତାହରେ ୨-୩ଥର ଡାଳିମ୍ବ ଜୁସ୍ ପିଇଲେ ଏହା ରକ୍ତ ସଞ୍ଚାଳନକୁ ସ୍ୱାଭାବିକ କରିଥାଏ। ଏହା କୋଲେଷ୍ଟ୍ରରଲସ୍ତରକୁ କମାଇଥାଏ। ଡାଳିମ୍ବ ରସ ପିଇବା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ହୁଏ। ଫଳରେ ହାର୍ଟ ଷ୍ଟ୍ରୋକ ହେବାର ଆଶଙ୍କା ମଧ୍ୟ କମ୍ ହୁଏ। ଡାଳିମ୍ବ ଜୁସ୍‌ରେ ଭିଟାମିନ-ଏ, ସି, ଇ, ଫୋଲିକ ଏସିଡ୍ ଓ ଆଣ୍ଟି ଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ରହିଥାଏ। ରକ୍ତରେ ଆଇରନ କମ ଥିଲେ ନିୟମିତ ଡାଳିମ୍ବ ରସ ପିଇଲେ ସୁଫଳ ମିଳେ।



# ହଜମ ଶକ୍ତି କମ୍ ଥିଲେ ପିଜୁଳି ଖାଇବା କମ୍ କରନ୍ତୁ



ପିଜୁଳି କେବଳ ଏକ ଫଳ ନୁହେଁ ବରଂ ଏକ ସୁପରଫୁଡ୍, ଯାହା ଅନେକ ସ୍ୱାସ୍ଥ୍ୟ ଉପକାରିତାରେ ପରିପୂର୍ଣ୍ଣ। ଏଥିରେ ଭିଟାମିନ୍ 'ସି', ଡାଏଟାରୀ ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଏବଂ ଏଥିରେ ପୋଟାସିୟମ, ଭିଟାମିନ୍ 'ଏ' ଏବଂ ଅତ୍ୟାବଶ୍ୟକ ମିନେରାଲସ ମଧ୍ୟ ଥାଏ ଯାହା ହୃଦୟ ସ୍ୱାସ୍ଥ୍ୟ, ଗ୍ଲୋଇଂ ସ୍କିନ୍ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ।

ଏଥିସହ ଅନେକ ଲୋକ ପାଚନ ଶକ୍ତି ଉନ୍ନତ କରିବା, ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା, ହୃଦୟ ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ଚର୍ମକୁ ଉନ୍ନତ କରିବା ପାଇଁ ଏହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରନ୍ତି। ଖାଦ୍ୟ ବିଶେଷଜ୍ଞମାନେ ଏହାକୁ ଏକ ସୁସ୍ଥ ଫଳ ମଧ୍ୟ ବିବେଚନା କରନ୍ତି। କିନ୍ତୁ ମିଳିଥିବା କିଛି ରିପୋର୍ଟ ଅନୁସାରେ ଏହା କିଛି ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ।

ପିଜୁଳିରେ ଫାଇବର ପରିମାଣ ଅଧିକ, କିନ୍ତୁ ଏହାର ମଞ୍ଜି ଅନେକ ଲୋକଙ୍କ ପାଇଁ ହଜମ କରିବା କଷ୍ଟକର ହୋଇପାରେ। ଯେଉଁମାନେ ପ୍ରାୟତଃ ଗ୍ୟାସ୍, ଏସିଡିଟି, ପେଟ ଫୁଲିବା କିମ୍ବା ଇରିଟେବ୍ଲେ ବାଓଏଲ୍ ସିଣ୍ଡ୍ରୋମରେ ପୀଡିତ, ସେମାନଙ୍କ ପାଇଁ ଅଧିକ ଫାଇବର ପରିମାଣ ଅନ୍ତନଳୀକୁ ଖାରପ କରିପାରେ। ଏହି ଲୋକମାନେ ପିଜୁଳି ଖାଇବା ପରେ ପେଟ ଯନ୍ତ୍ରଣା, ଡାଇରିଆ କିମ୍ବା ଭାରୀ ଅନୁଭବ କରିପାରନ୍ତି। ତେଣୁ, ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ଯେଉଁମାନଙ୍କର ଖରାପ ପାଚନ ଶକ୍ତି ସେମାନେ ଏହାକୁ କମ୍ ମାତ୍ରାରେ ସେବନ କରନ୍ତୁ ଏବଂ କଞ୍ଚା ପିଜୁଳି ଖାଇବାରୁ ଦୂରେଇ ରୁହନ୍ତୁ।

ପିଜୁଳିରେ ପ୍ରାକୃତିକ ଚିନି ଥାଏ, ଯାହା ଅନୁପଯୁକ୍ତ ଭାବରେ ସେବନ କଲେ ରକ୍ତ ଶର୍କରା ବୃଦ୍ଧି କରିପାରେ। ଟାଇପ୍ ୨ ମଧୁମେହ ଥିବା ଲୋକମାନେ ପାଚିଲା ପିଜୁଳି କିମ୍ବା ଏହାର ରସ ଖାଇବା ଦ୍ୱାରା ସୁଗାର ବୃଦ୍ଧି ପାଇବାର ଆଶଙ୍କା ଥାଇପାରେ। ଖାଲି ପେଟରେ ପିଜୁଳି ଖାଇବା ଦ୍ୱାରା ଦ୍ରୁତ ଗ୍ଲୁକୋଜ୍ ଶୋଷଣ ହୋଇପାରେ। ତେଣୁ, ମଧୁମେହି ରୋଗୀମାନେ ସୀମିତ ପରିମାଣରେ ପିଜୁଳି ଖାଇବା ଉଚିତ।

କିଛି ଲୋକଙ୍କ କ୍ଷେତ୍ରରେ, ପିଜୁଳି ଖାଇବା ଦ୍ୱାରା କୁଣ୍ଡାଇ ହେବା, ଫୋଡି ଫୋଡି ହେବା କିମ୍ବା ଏକଜିମା ବଢ଼ିପାରେ। ଏହା ବିଶ୍ୱାସ କରାଯାଏ ଯେ, ପିଜୁଳି ଶରୀରର ଆଭ୍ୟନ୍ତରୀଣ ଉତ୍ତାପ ବୃଦ୍ଧି କରିପାରେ।

ପିଜୁଳିକୁ ଏକ ଥଣ୍ଡା ଜାତୀୟ ଫଳ ବୋଲି କୁହାଯାଏ। ଏହାର ଅର୍ଥ ହେଉଛି ଯେଉଁ ଲୋକମାନେ ଥଣ୍ଡା, କାଶ, ସାଇନସ୍ ସମସ୍ୟା କିମ୍ବା ଗଳା ଯନ୍ତ୍ରଣାର ଶିକାର ହୁଅନ୍ତି ସେମାନେ ସେମାନେ ଏହାକୁ ଖାଇବା ଦ୍ୱାରା କଫ ହୋଇପାରେ। ତେଣୁ ଏହି ରୋଗୀମାନେ ଅଧିକ ମାତ୍ରାରେ ଖାଆନ୍ତୁ ନାହିଁ ପିଜୁଳି।

# ସୂର୍ଯ୍ୟୋଦୟ ସହ ବ୍ୟାୟାମ କରିବା ବେଶୀ ଲାଭଦାୟକ

ସକାଳେ ସୂର୍ଯ୍ୟ ଉଦୟ ସହ ବ୍ୟାୟାମ କରିବା ବେଶ୍ ଲାଭଦାୟକ। ପୁରୁଣାକାଳିଆ ବୟସ୍କ ଲୋକମାନେ ପ୍ରାୟତଃ ସୂର୍ଯ୍ୟୋଦୟ ସହ ହିଁ ବ୍ୟାୟାମ କରିଥାନ୍ତି। ଏମ୍ସିପିଆଇର ଅଧ୍ୟୟନ ପାଇଁ ଅଧିକ ଓଜନ ଥିବା ବୟସ୍କ ଲୋକମାନଙ୍କୁ ସକାଳେ ଓ ସଂଧ୍ୟାରେ ବ୍ୟାୟାମ କରିବାକୁ ୨ ଭାଗରେ ବଣ୍ଟା ଯାଇଥିଲା। ଉଭୟ ଗ୍ରୁପର ଲୋକମାନେ ବ୍ୟାୟାମ କରିବା ଦ୍ୱାରା ଶକ୍ତି ବଢିଥିଲା। କିନ୍ତୁ ସକାଳେ ବ୍ୟାୟାମ କରୁଥିବା ଲୋକଙ୍କଠାରେ ଅଧିକ ଶକ୍ତି ଆସୁଥିବାର ଦେଖାଯାଇଥିଲା। ଏହି ଗବେଷଣାରୁ ଜଣାପଡିଛି ଯେ ସଂଧ୍ୟା ଅପେକ୍ଷା ସକାଳେ ବ୍ୟାୟାମ କରୁଥିବା ଲୋକଙ୍କଠାରେ ଶକ୍ତି ଅଧିକ ଆସିଥାଏ ଅର୍ଥାତ୍ ସକାଳେ ବ୍ୟାୟାମ କରିବା ଦ୍ୱାରା ଅନେକ ଫାଇଦା ହୋଇଥାଏ। ଯେପରିକି-

**ଓଜନ କମିବାଃ** ସକାଳେ ବ୍ୟାୟାମ କରିବା ଦ୍ୱାରା ମେଟାବଲିଜିମ୍ ବଢିବା ସହ ଅଧିକ କ୍ୟାଲୋରୀ ବର୍ଣ୍ଣ ହୋଇଥାଏ। ଏହି ସମୟରେ ବ୍ରିକ୍ସ ଓ୍ୱାର୍କ, ଜଗିଂ, ସ୍କିପିଂ ପରି ବ୍ୟାୟାମ କରିବା ଦ୍ୱାରା ଓଜନ କମିବାରେ ସହଯୋଗ ମିଳିଥାଏ। ଏହି ବ୍ୟାୟାମ କରିବା ପରେ ଏକ ଗ୍ଲାସ୍ ହାଲ୍କା ଉଷୁମ ପାଣି ପିଇବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ।

**ଷ୍ଟ୍ରେସ୍ କମ୍ ହୁଏଃ** ସକାଳ ସୂର୍ଯ୍ୟ ଆସିବା ସହ ବ୍ୟାୟାମ କରିବା ଦ୍ୱାରା ସକାରାତ୍ମକତା ସହ ଦିନର ଆରମ୍ଭ ହୋଇଥାଏ। ଏହାଦ୍ୱାରା ଭାବନାତ୍ମକ ସନ୍ତୁଳନ ରହିବା ସହ ଚିନ୍ତା କମିଥାଏ। ଚିନ୍ତା କମ୍ କରିବା ପାଇଁ ସକାଳେ ଭ୍ରାମରୀ ପ୍ରାଣାୟାମ, ଅନୁଲୋମ-ବିଲୋମ ବ୍ରିକ୍ସ ଓ୍ୱାର୍କ ଓ ତାଡାସନ ଆଦି କରିପାରିବେ।

**ହୃଦଘାତରୁ ସୁରକ୍ଷା ମିଳେଃ** ସକାଳ ସୂର୍ଯ୍ୟକିରଣ ଆସିବା ସହ ବ୍ୟାୟାମ କରିବା ଦ୍ୱାରା ରକ୍ତ ସଞ୍ଚାଳନ ତୀବ୍ର ହେବା ସହ ରକ୍ତଚାପ ନିୟନ୍ତ୍ରିତ ରହିଥାଏ। ଫଳରେ ହୃଦ୍ଘାତର ଆଶଙ୍କା କମ୍ ରହିଥାଏ।

**ନିଦର ଗୁଣବତ୍ତା ବଢିଥାଏଃ** ସକାଳେ ବ୍ୟାୟାମ କରିବା ଦ୍ୱାରା ଶରୀରର ବାୟୋଲୋଜିକାଲ୍ କ୍ଲକ୍ ଠିକ୍ ରହିଥାଏ। ଶୀଘ୍ର ଉଠି କାମ କରିବା ଦ୍ୱାରା ଠିକ୍ ସମୟରେ କାମ ସରିଥାଏ। ଫଳରେ ଏହାର ସକାରାତ୍ମକ ପ୍ରଭାବ ଶରୀର ଉପରେ ପଡିଥାଏ। ତେଣୁ ରାତିରେ ଭଲ ନିଦ ହେବା ସହ ଅନିଦ୍ରାଜନିତ ସମସ୍ୟା ଦୂର ହୁଏ।

**ଫୋକସ୍ ବଢେଃ** ସକାଳୁ ବ୍ୟାୟାମ କରିବା ଦ୍ୱାରା ଶରୀରକୁ ଅମ୍ଳଜାନ ସପ୍ଲାଇ ବଢିଥାଏ। ଫଳରେ ବ୍ୟକ୍ତିର ଫୋକସ୍ ବଢିଥାଏ। ଫୋକସ୍ ବଢିବା ପାଇଁ ବୃକ୍ଷାସନ ଓ କପାଳଭାତି କରିପାରିବେ।





# ଅଧିକ ପ୍ରୋଟିନ୍ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ

ପ୍ରୋଟିନ୍ ଆମ ଶରୀର ପାଇଁ ଏକ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥ। ଏହା ମାଂସପେଶୀକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତଥାପି, ଆଜିକାଲି ଲୋକମାନେ ସେମାନଙ୍କ ଖାଦ୍ୟରେ ଅତ୍ୟଧିକ ପରିମାଣର ପ୍ରୋଟିନ୍ ଗ୍ରହଣ କରୁଛନ୍ତି କିମ୍ବା ଫିଟନେସ୍ ଏବଂ ଡାଏଟିଂ ପାଇଁ ପ୍ରୋଟିନ୍ ସପ୍ଲିମେଣ୍ଟ୍ ନେଉଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି।

**ଜଳୀୟ ଅଂଶ କମିବାଃ** ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ ବୃକକ୍ ଉପରେ ଚାପ ପକାଇଥାଏ। ପ୍ରୋଟିନ୍ ଛାଣିବା ପାଇଁ ସେମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ, ଯାହା ଦ୍ୱାରା ଜଳୀୟ ଅଂଶ କମିଯାଇପାରେ।

**ପେଟ ସମସ୍ୟାଃ** ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ କଲେ କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ପେଟ ଫୁଲିବା ଭଳି ସମସ୍ୟା ହୋଇପାରେ। ପ୍ରୋଟିନ୍ ହଜମ ହେବା ପାଇଁ ସମୟ ଲାଗେ ଏବଂ ଫାଇବର ଅଭାବରୁ ଏହି ସମସ୍ୟା ବଢ଼ିଯାଏ।

**ଓଜନ ବୃଦ୍ଧିଃ** ଅନେକ ଲୋକ ଭାବନ୍ତି ଯେ, ଅଧିକ ପ୍ରୋଟିନ୍ ଖାଇବା ଦ୍ୱାରା ଓଜନ ହ୍ରାସ ପାଇବ, କିନ୍ତୁ ବାସ୍ତବତା ଏହା ହୋଇନଥାଏ। ପ୍ରୋଟିନ୍ ଗ୍ରହଣରୁ ଅତିରିକ୍ତ କ୍ୟାଲୋରି, ଚର୍ବି ଭାବରେ ସଞ୍ଚିତ ହୁଏ । ଯାହା ଫଳରେ ଓଜନ ବୃଦ୍ଧି ପାଏ।

**ପାଟି ଦୁର୍ଗନ୍ଧଃ** ଯେତେବେଳେ ଶରୀର କାର୍ବୋହାଇଡ୍ରେଟ୍ ଅଭାବରୁ କେବଳ ପ୍ରୋଟିନ୍ ଉପରେ ନିର୍ଭର କରେ, ସେତେବେଳେ କିଟୋନ୍ ନାମକ ପଦାର୍ଥ ଉତ୍ପାଦନ ହୁଏ। ଏହା ହିଁ ପାଟି ଦୁର୍ଗନ୍ଧର କାରଣ।

**ଥକ୍କାପଣ ଏବଂ ଦୁର୍ବଳତାଃ** ଲଗାତାର ଥକ୍କାପଣ କିମ୍ବା ଶକ୍ତିର ଅଭାବ ମଧ୍ୟ ଅତ୍ୟଧିକ ଖାଇବାର ଏକ ଲକ୍ଷଣ ହୋଇପାରେ । କାର୍ବୋହାଇଡ୍ରେଟର ଅଭାବ ଶରୀରକୁ ତୁରନ୍ତ ଶକ୍ତି ପାଇବାରୁ ବାଧା ଦେଇପାରେ।

**ଚର୍ମରେ ଫୋଟକା ଏବଂ ବ୍ରଣଃ** ବିଶେଷକରି କ୍ଷୀର ଏବଂ ସପ୍ଲିମେଣ୍ଟରୁ ଅତ୍ୟଧିକ ପ୍ରୋଟିନ୍ ଶରୀରରେ ହରମୋନ୍ ଅସନ୍ତୁଳନ ସୃଷ୍ଟି କରିପାରେ। ଏହା ଚର୍ମରେ ଦେଖିବାକୁ ମିଳିପାରେ। ଯାହା ଫଳରେ ଫୋଟକା ଏବଂ ବ୍ରଣ ହୋଇପାରେ।

**ବୃକକ୍ ପ୍ରଭାବଃ** ବୃକକ୍ ସବୁଠାରୁ ଅଧିକ ବିପଦରେ ଥାଏ। ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ ବୃକକ୍ ପାଇଁ ଛାଣିବା କଷ୍ଟକର କରିପାରେ ଏବଂ ଦୀର୍ଘକାଳୀନ ବୃକକ୍ କ୍ଷତିର ଆଶଙ୍କା ବଢ଼ାଇପାରେ।

### ମାଲକାନଗିରିରେ ଅସୁରକ୍ଷିତ ଆଦିବାସୀ ହଷ୍ଟେଲ୍

# ଛାତରୁ ଗଳୁଛି ପାଣି, ଖସୁଛି ପ୍ଲାଷ୍ଟର

**ମାଲକାନଗିରି,୧୫।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଆଦିବାସୀ ପିଲାଙ୍କ ଶିକ୍ଷା ଓ ବିକାଶ ପାଇଁ କୋଟି କୋଟି ଟଙ୍କାର ଯୋଜନା କରୁଛନ୍ତି। ହେଲେ ତୃଣମୂଳ ସ୍ତରର ବାସ୍ତବ ଚିତ୍ର ଦେଖିଲେ ଆପଣ ବି ଆଶ୍ଚର୍ଯ୍ୟ ହେବେ। ଯେଉଁଠି ପ୍ରଶାସନର ବେପରୁଆ ନୀତି ଯୋଗୁଁ ଅସୁରକ୍ଷିତ ହଷ୍ଟେଲରେ ବିପଦସଙ୍କୁଳ ଅବସ୍ଥାରେ ରହୁଛନ୍ତି ଶତାଧିକ ଆଦିବାସୀ ଛାତ୍ରଛାତ୍ରୀ। ମାଲକାନଗିରି ଖଇରପୁଟ ବ୍ଲକ ଗୋବିନ୍ଦପାଲି ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର



ଅନ୍ତେବାସୀଙ୍କ ପାଇଁ ଥିବା ହଷ୍ଟେଲ୍‌କୁ ଦେଖନ୍ତୁ। ଯୁଆଡ଼େ ଚାହିଁବେ ବିପଦ ହିଁ ବିପଦ। ବର୍ଷା ଦିନେ ଛାତରୁ ପାଣି ଗଳୁଛି ତ' କେତେବେଳେ ସ୍ଲାବ୍ ଖସୁଛି। ହଷ୍ଟେଲ ତ' ନୁହେଁ ଭୂତକୋଠି। କେଉଁ ମୁହୂର୍ତ୍ତରେ କ'ଣ ଘଟିବା କହିହେବନାହିଁ। ଜିଲ୍ଲାର ସର୍ବାଧିକ ଛାତ୍ର ଏହି ବିଦ୍ୟାଳୟରେ ପାଠ ପଢୁଛନ୍ତି। ସେଥିମଧ୍ୟରୁ ୨୫୦ ଜଣ ଛାତ୍ରଙ୍କ ପାଇଁ ହଷ୍ଟେଲ୍‌ରେ ରହିବାକୁ ବ୍ୟବସ୍ଥା ଥିବାବେଳେ ରହୁଛନ୍ତି ୨୬୯ ଜଣ। ସେହିପରି ୧୦୦ ଜଣ ଛାତ୍ରୀଙ୍କ ସ୍ଥାନରେ ୯୯ ଜଣ ରହୁଛନ୍ତି। ଏତେ ସଂଖ୍ୟକ ପିଲାଙ୍କ ପାଇଁ ନା ଅଛି ଭଲ ରହିବା ସୁବିଧା, ନା ଅଛି ସ୍ୱଚ୍ଛତା। ଶୌଚାଳୟର ଅବସ୍ଥା ବି ଶୋଚନୀୟ। ସେପଟେ ସ୍ୱତନ୍ତ୍ର ରୋଷେଇ ଘର କିମ୍ବା ଷ୍ଟୋର୍ ରୁମ୍ ବି ବ୍ୟବସ୍ଥା ନାହିଁ। ଯାହା ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବ ସରକାରଙ୍କ ସମୟରେ ଏହି ବିଦ୍ୟାଳୟକୁ ୫ଟିରେ ଅନ୍ତର୍ଭୁକ୍ତ କରାଯାଇଥିଲା। ନୂଆ ସରକାର ଏହାକୁ ପିଏମଶ୍ରୀ ଯୋଜନାରେ ସାମିଲ କରିଛନ୍ତି। ଖୋଦ୍ ମାଲକାନଗିରି ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀମାନେ ଏହି ସମସ୍ୟା ବାବଦରେ ଅବଗତ ଥାଇ ବି କିଛି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି।

## ବର୍ଷାରେ ଚାଲିଛି ବ୍ଲକ ପରିସରରେ ଛାତକାମ

**ତିର୍ତ୍ତୋଲ,୧୫।୭(ସଂଚାର ବ୍ୟୁରୋ):** ବ୍ଲକରେ ମୁଖ୍ୟ ମାନ୍ୟବର ଙ୍କ ମେରୀରାୟ ଶାସନ ଏବେ ଚରମ ସୀମାରେ ପହଞ୍ଚିଛି। ସାଧାରଣ ଲୋକ ଯଦି କୌଣସି ଠିକା କାମ କରନ୍ତି ତାହାଲେ ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ଯନ୍ତ୍ରୀ ନାଲି ଆଖୀ ଦେଖାଇ ବିଲ୍ ବନ୍ଦ କରିଦେଇଥାନ୍ତି। କିନ୍ତୁ ବାସ୍ତବରେ ଏଠାରେ ଓଲଟା, କଥାରେ ଅଛି 'ହାତୀ ଗଳିଯିବ କିନ୍ତୁ ପିମ୍ପୁଡ଼ି ପାଇଁ ବାଟ ବନ୍ଦ' ଏଭଳୀ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି ତିର୍ତ୍ତୋଲ ବ୍ଲକ ଭିତରେ ଥିବା ବ୍ଲକ ଅଧକ୍ଷ ଙ୍କ ଅଫିସ୍ ଉପର ମହଲା ଛାତ କାର୍ଯ୍ୟରେ। ଗତ ସୋମବାର ଦିନ ଲଗାଣ ବର୍ଷା ଚାଲିଥିବା ବେଳେ ଏଠାରେ ଛାତ ପଡୁଥିବା ଦେଖିବାକୁ ମିଳିଛି ନା ଅଛନ୍ତି ଏଠି ଯନ୍ତ୍ରୀ ନା ଅଛନ୍ତି କୌଣସି ଅଧିକାରୀ। ଏତେ ବର୍ଷା ଯେ ଏଠାରେ ପାଣି ଗୋଡ଼ି



ସିମେଣ୍ଟ ଅଲଗା ହୋଇ ଯାଉଥିବା ଦେଖିବାକୁ ମିଳୁଛି ! ଯାହାକୁ ନେଇ ସାଧାରଣ ରେ ଗୁଞ୍ଜନ ଦୃଷ୍ଟି ହୋଇଛି। ମାନ୍ୟବର ନିଜେ ଏଠାରେ ଭେଣ୍ଡର ଲଗାଇ କାମ କରୁଛନ୍ତି ଆଉ ଏଠି କହିବ କିଏ ? ଏହାକୁ ନେଇ ପୂରା ବ୍ଲକ ରେ ଚର୍ଚ୍ଚା ହେଉଛି। ମାନ୍ୟବର ବ୍ଲକ ରେ ଦାୟିତ୍ୱ ନେବା ଦିନଠାରୁ ସାଧାରଣ ଠିକାଦାର ସବୁ ଦେଖି ଆଖି ବୁଜି ଦେଇଛନ୍ତି କାରଣ ଯଦି କହିବ ପଇସା କଟିବ ! ଏଭଳି ପରିସ୍ଥିତି ରେ ଏବେ ତିର୍ତ୍ତୋଲ ବ୍ଲକ ଦୁର୍ନିତି ର ଚରମ ସୀମାରେ ପହଞ୍ଚିଛି ବୋଲି ଶୁଣିବାକୁ ମିଳୁଛି। ଏଭଳି କାମ କଲେ ଘର ର ସ୍ଥାୟିତ୍ୱ କେତେଦିନ ତାହା ସମୟ କହିବ ବୋଲି ବ୍ଲକ୍ ର କିଛି କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଦେଖାଯାଉ ଆଉ କେତେଦିନ ଡବଲ୍ ଇଞ୍ଜିନ ସରକାରରେ ଏଭଳି କାମ ଏହି ବ୍ଲକ ରେ ଚାଲୁରହିବ ସମୟ କହିବ ବୋଲି ସାଧାରଣ ରେ ଟୁପୁରୁ ଟାପୁରୁ ଚାଲିଛି। ଏହାକୁ ନେଇ ତିର୍ତ୍ତୋଲ ବ୍ଲକ୍ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ ଙ୍କ ସମେତ ସଚିବ ଙ୍କୁ ଚିଠି ଲେଖିବେ ବୋଲି ଶୁଣିବାକୁ ମିଳୁଛି।

## ଭୂମିହୀନଙ୍କ ମୁହଁରେ ହସ: ୭୦ ବର୍ଷ ପରେ ମିଳିଲା ଜମିର ଅଧିକାର

**ବାଲିକୁଦା,୧୫।୭(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ତହସିଲ ଅନ୍ତର୍ଗତ ଅପଣ୍ଡରା ଆରଆଇ ସର୍କଲର ନଲରା ନୂଆଗାଁ ଗ୍ରାମର ଦୁଇ ଭୂମିହୀନ ପରିବାରଙ୍କ ୭୦ ବର୍ଷର ଦୀର୍ଘ ଅପେକ୍ଷାର ଅବସାନ ଘଟିଛି। ବସୁନ୍ଧରା ଯୋଜନା ଅଧୀନରେ କୈଳାଶ ପଲାଉରୀ ଓ ଯୋଗେନ୍ଦ୍ର ପଲାଉରୀଙ୍କୁ ୪ ଡିସିମିଲ ଲେଖାଏଁ ଜମିର ପଟ୍ଟା ପ୍ରଦାନ କରାଯାଇଛି।ସୂଚନାଯୋଗ୍ୟ ଯେ, ଉଭୟ ପରିବାର ସରକାରୀ ଗୋଚର ଜମିରେ ପ୍ରାୟ ୭୦ ବର୍ଷ ଧରି ବସବାସ କରୁଥିଲେ। ସେମାନଙ୍କ ପିତା ସ୍ଥାୟୀ ପଟ୍ଟା ପାଇଁ ବାରମ୍ବାର ତହସିଲ ପ୍ରଶାସନ ନିକଟରେ ଆବେଦନ କରିଥିଲେ ମଧ୍ୟ ଜୀବନକାଳରେ ସଫଳ ହୋଇପାରିନଥିଲେ। ପଟ୍ଟା ନଥିବାରୁ ଯୋଗେନ୍ଦ୍ର ପଲାଉରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ମଧ୍ୟ ବାରମ୍ବାର ବଞ୍ଚିତ ହୋଇ ଭଙ୍ଗା ଚାଳଛପର ଘରେ ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିଲେ। ଏହି ସମସ୍ୟା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ସେତେ ବେଳର ତହସିଲଦାର ଆଲୋକ ରଞ୍ଜନ ସେଠୀ ବସୁନ୍ଧରା ଯୋଜନାରେ ଉଭୟଙ୍କୁ ସାମିଲ କରିବା ପାଇଁ ତଦନ୍ତ କରି ରିପୋର୍ଟ ଉପଜିଲ୍ଲାପାଳଙ୍କୁ ପଠାଇଥିଲେ। ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବର୍ତ୍ତମାନର ତହସିଲଦାର ବିକାଶ ରଞ୍ଜନ ପୁନଃ ତଦନ୍ତ କରିଥିଲେ। ତହସିଲଦାର ଶ୍ରୀ ବିକାଶ ରଞ୍ଜନ, ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ, ଅତିରିକ୍ତ ତହସିଲଦାର ପିଙ୍କି ନାୟକ, ଅପଣ୍ଡରା ଆରଆଇ ଅମିନ ରଘୁବୀର ସିଂ ଓ ଆରଆଇ ଦୀପ୍ତିରଞ୍ଜନ ମହାରଣା ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ମିଳିତ ବିବୃତ୍ତି, ଦସ୍ତଖତ ସହ ଆବେଦନପତ୍ର ଏବଂ ଉଭୟ ପରିବାରର ବାସସ୍ଥାନର ସ୍ଥିତି ପରଖି ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିଥିଲେ।



## ଟ୍ରକ୍ ଧକ୍କାରେ ସମ୍ପର୍କୀୟ ଶଳା- ଭିଣୋଇଙ୍କ ମୃତ୍ୟୁ

**ଝାରସୁଗୁଡା,୧୫।୭(ସଂଚାର ବ୍ୟୁରୋ):** ଝାରସୁଗୁଡା ଜିଲ୍ଲା ବଡ଼ମାଳ ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକ ନିକଟରେ ବୁଧବାର ସକାଳେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସମ୍ପର୍କୀୟ ଶଳା ଓ ଭିଣୋଇଙ୍କ ମୃତ୍ୟୁ ଘଟିଛି। ମୃତକ ଦୁଇଜଣ ହେଲେ ଭୁର୍କାମୁଣ୍ଡା ଗ୍ରାମର ଅନିଲ ରୋହିଦାସ (୧୪) ଓ ତରଣୀ ରୋହିଦାସ (୩୯)। ସୂଚନା ଅନୁସାରେ, ତରଣୀ ଓ ଅନିଲ କୌଣସି କାମ ସାରି ବଡ଼ମାଳରୁ ନିଜ ଗ୍ରାମ ଭୁର୍କାମୁଣ୍ଡାକୁ ବାଇକ୍ରେ ଫେରୁଥିବା ବେଳେ ସମ୍ବଲପୁରରୁ ଝାରସୁଗୁଡା ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ତଦନ୍ତ ଜାରି ରଖିଛି।

## ଜନଗଣନା ପୁସ୍ତିକା ପ୍ରସ୍ତୁତି ନିମନ୍ତେ ପ୍ରଶିକ୍ଷଣ ଶିବିର

**ସୁବର୍ଣ୍ଣପୁର,୧୫।୭(ସଂଚାର ବ୍ୟୁରୋ):** ଜନଗଣନା ୨୦୨୭ ପାଇଁ ସୁବର୍ଣ୍ଣପୁର ଜିଲ୍ଲାପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ପାଇଁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲ୍ଲପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜନଗଣନା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ଼. ଅଭୟ ନାରାୟଣ ନାୟକ, ଜିଲ୍ଲା ସଂଯୋଜକ ଶିଭମ ଯୟଶ୍ୱାଳ ଓ ଅନ୍ୟାନ୍ୟ ସମ୍ବଳ ବ୍ୟକ୍ତିତ୍ୱମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଭିନ୍ନ ତହସିଲରୁ ଆସିଥିବା ତହସିଲଦାର, ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ରାଜସ୍ୱ ପର୍ଯ୍ୟବେକ୍ଷକ, ଅତିରିକ୍ତ ତହସିଲଦାର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ପୌରପରିଷଦ ଓ ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରପ୍ରାପ୍ତ ଜନଗଣନା ଅଧିକାରୀ ସତ୍ୟବ୍ରତ ସାହୁ ଏହି ପ୍ରଶିକ୍ଷଣ ଶିବିରକୁ ସଂଯୋଜନା କରିଥିଲେ। ଜନଗଣନା-୨୦୨୭କୁ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ଓ ଏହାର ବ୍ୟବହାରର ଗୁରୁତ୍ୱ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ମୋଟ ୧୨୦ ଜଣ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୬ ଜୁଲାଇରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜିଲ୍ଲାବ୍ୟାପୀ ସର୍ଭେକୁ ଦୃଷ୍ଟିରେ ରଖି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସର୍ଭେ ସମୟରେ ପ୍ରତ୍ୟେକ ଗ୍ରାମ, ବସ୍ତି ଏବଂ ସହରାଞ୍ଚଳର ସାମାଜିକ, ଆର୍ଥିକ ଓ ଜୀବନଶୈଳୀ ସମ୍ବନ୍ଧୀୟ ସୂଚନା, ପାନୀୟ ଜଳ ସଂଯୋଗ ଏବଂ ସେହି ଅଞ୍ଚଳରେ ଉପଲବ୍ଧ ଓ ଅନୁପଲବ୍ଧ ବିଭିନ୍ନ ମୌଳିକ ସୁବିଧା ସମ୍ପର୍କିତ ତଥ୍ୟ କିପରି ସଂଗ୍ରହ କରାଯିବ, ସେ ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା।



## ସରକାରୀ ଭତ୍ତା କାହା ପାଇଁ? ୨୦ ବର୍ଷ ପରେ ବି ମିଳୁନି ବାର୍ଦ୍ଧକ୍ୟ ଭତ୍ତା



**କନ୍ଧମାଳ,୧୫।୭(ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଅସହାୟ ଲୋକମାନଙ୍କ ପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦେଉଥିବା କହୁଥିବା ବେଳେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ପ୍ରକୃତ ହିତାଧିକାରୀ ମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ଯାହା ପାଇଁ ଏହି ସବୁ ଯୋଜନାରୁ ଅନେକ ଯୋଗ୍ୟ ହିତାଧିକାରୀ ବାଦ୍ ପଡୁଥିବା ବେଳେ ଏହି ସବୁ ଯୋଜନାରୁ ସଫଳ ରୂପାୟନ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ଗରିବ ଅସହାୟ ବୃଦ୍ଧ ଗାଣ୍ଡା କହଁର। ପରିବାର ଅଭିଯୋଗ ଅନୁଯାୟୀ ଆଧାରକାର୍ଡ, ଭୋଟ କାର୍ଡ ରେ ବୟସ ୬୦ ରୁ ଉର୍ଦ୍ଧ୍ୱ ହୋଇ ଯାଇଥିବା ବେଳେ ଆଜି ସୁଦ୍ଧା ମିଳି ପାରିନାହିଁ ବାର୍ଦ୍ଧକ୍ୟ ଭତ୍ତା। ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନାହିଁ ବୋଲି କହିଛନ୍ତି ହିତାଧିକାରୀ। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଆର୍‌ଏମ୍ ଡିଜିଟାଲ ଟିଭି ଉନ୍ମୋଚିତ



**ସୁବର୍ଣ୍ଣପୁର,୧୫।୭(ସଂଚାର ବ୍ୟୁରୋ):** ସୋନପୁର ସହର ର ସ୍ଥାନୀୟ ନ୍ୟୁ ଟାଉନହଲ ଠାରେ ରମେଶ ବସନ୍ତ ଟ୍ରଷ୍ଟ ସୁବର୍ଣ୍ଣପୁର ପ୍ରାୟୋଜିତ ଆର୍ ଏମ୍ ଡିଜିଟାଲ ନାମରେ ଏକ ଟିଭି ନ୍ୟୁଜ୍ ଚ୍ୟାନେଲର ଉଦଘାଟନ ହୋଇଯାଇଛି। ସଂପାଦିକା ପୂର୍ଣ୍ଣିମା ମିଶ୍ର ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଥିବା ଉଦଘାଟନି ସଭାରେ ମୁଖ୍ୟ ଅତିଥି ଭାବରେ ମାଁ ରାମଚଣ୍ଡୀ ମନ୍ଦିର ର ମୁଖ୍ୟ ପୂଜକ ବୃହସ୍ପତି ଥନାପତି ଅନ୍ୟତମ ଅତିଥିଭାବେ ପୂର୍ବତନ ବିଚାରପତି ପ୍ରକାଶ କୁମାର ରଥ, ପୂର୍ବତନ ଜିଲ୍ଲା ଜଜ୍ ଧନୁର୍ଦ୍ଧର ସେନାପତି, ଆଇନଜୀବୀ ଅଦ୍ୱୈତ କୁମାର ପଣ୍ଡା, ଶ୍ୟାମାଓମ୍ ପ୍ରସାଦ ମିଶ୍ର, ଇନ୍ଦୁମତୀ ପୁରୋହିତ, ସସ୍ମିତା ମେହେର ଯୋଗଦେଇ ଏହି ଚ୍ୟାନେଲ ଜିଲ୍ଲାରେ ସାମାଜିକ , ସାଂସ୍କୃତିକ ସଚେତନତା ସୃଷ୍ଟି କରିବା ସହ ମୁଖ୍ୟତଃ ଗରିବ ଅବହେଳିତ ନିଷ୍ପେସିତ ଲୋକଙ୍କ ସ୍ୱର ହୋଇ ତାର ସଂଗ୍ରାମ ଚାଲୁ ରଖିବାସହ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସଭାରେ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ।

## କୋର ଗ୍ରୁପ ଓ ସରକାରୀ ଅଧିକାରୀଙ୍କ ବୈଠକ

**ସୁବର୍ଣ୍ଣପୁର,୧୫।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପଞ୍ଚାୟତ ସମିତି ସଭାଗୃହ ଠାରେ ଦି ହଙ୍ଗର୍ ପ୍ରୋଜେକ୍ଟ ପକ୍ଷରୁ ଗ୍ରାମପଞ୍ଚାୟତ ସ୍ତରୀୟ କୋର କମିଟି ସଦସ୍ୟ/ ସଦସ୍ୟା ଓ ସରକାରୀ ଅଧିକାରୀ ମାନଙ୍କ ସହ ବ୍ଲକ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ହଙ୍ଗର ପ୍ରୋଜେକ୍ଟର ତାଲିମ୍ ପ୍ରଶିକ୍ଷକ ଗୁଣନିଧି ମାଝି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଉତ୍ତରୀୟ ପ୍ରଦାନ କରିଥିବା ବେଳେ ପ୍ରୋଜେକ୍ଟର ତାଲିମ୍ ପ୍ରଶିକ୍ଷକ ଜିତେନ୍ଦ୍ର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରି ବୈଠକ ପରିଚାଳନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବରେ ତରଭା ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ ଯୋଗଦେଇ ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ, ସମ୍ମାନିତ ଅତିଥି ଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସାଲଗେ ଟୁଡୁ ଯୋଗଦେଇ ଗେଣ୍ଡୁ ଫୁଲ, ଗୁଲାପ ଫୁଲ ଚାଷ, ହଳଦୀ, ପିଆଜ ଛତୁ ଚାଷ ଫାରମର ଆଇଡି ସହିତ ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଅରୁଣ କୁମାର ସାହୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଇନସୁରେନ୍ସ, ସବସିଡି ଏବଂ ବିଭିନ୍ନ ଯୋଜନା ଉପରେ ମତ ରଖିଥିଲେ। କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସାଗର ଚନ୍ଦ୍ର ସାହୁ ମୁଖ୍ୟମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନା, ଫାର୍ମ ପଏଣ୍ଟ ସରକାରୀ ସହାୟତା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସମିତ ମହାକୁର ଭି ବି ଜି ରାମଜୀ ଯୋଜନା ଉପରେ ମତ ରଖିଥିଲେ, ଓଡିଶା ଜୀବନଜୀବିକା ମିଶନର ବି ପି ଏମ ମନୋଜ ବାଘ ଆର୍ଥିକ ଓ ସାମାଜିକ ଅନ୍ତର୍ଭୁକ୍ତି କରଣ, ସ୍ୱୟଂ ସହାୟକ ଗୋଷ୍ଠି ଗଠନ ସୁବିଧା ସୁଯୋଗ, ଜେଣ୍ଡର ସି ଆର ପି ମାଧ୍ୟମରେ କରାଯାଉ ଥିବା ପାରିବାରିକ ହିଂସା, ଘରୋଇ ହିଂସା, ତାଲିମ୍ ବିଷୟରେ ଆଲୋଚନା କରିଥିଲେ। ଶେଷରେ କ୍ଷେତ୍ରକର୍ମୀ ଧନୁର୍ଦ୍ଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



## ଏକ୍ସପାୟାରୀ ବିସ୍କୁଟ କାରବାର ଅଭିଯୁକ୍ତ ନାଁରେ ଜମି ଜାଲିଆତି ଅଭିଯୋଗ

**ବାଲିପାଟଣା,୧୫।୭(ସଂଚାର ବ୍ୟୁରୋ):** ବାଲିପାଟଣା ଅଞ୍ଚଳରେ ଏକ୍ସପାୟାରୀ ବିସ୍କୁଟ କାରବାର କରି ଚର୍ଚ୍ଚାରେ ଥିବା କୃଷ୍ଣଚନ୍ଦ୍ର ସାହୁ ଏବେ ଏକ ବଡ଼ ଧରଣର ଜମି ଜାଲିଆତି ମାମଲାରେ ଫସିଛନ୍ତି। ଗୋଟିଏ ପଟେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଏହି ବ୍ୟକ୍ତି, ଅନ୍ୟପଟେ ଜାଲିଆତି କରି ଅନ୍ୟର ଜମି ହାତେଇଥିବା ନେଇ ସଙ୍ଗୀନ ଅଭିଯୋଗ ଆସିଛି। ଏହି ଘଟଣା ଏବେ ବାଲିପାଟଣାରେ ଆଲୋଡ଼ନ ସୃଷ୍ଟି କରିଛି।ବାଲିପାଟଣା ତହସିଲ ଅନ୍ତର୍ଗତ ଗାରେଡିପାଞ୍ଚଣ ମୌଜାରେ ଏକ ବଡ଼ ଧରଣର ଜମି ଜାଲିଆତି ଘଟଣା ସାମ୍ନାକୁ ଆସିଛି। ଜମି ମାଲିକାଣୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଜଣେ ଅଜଣା ମହିଳା ନିଜକୁ ପ୍ରକୃତ ମାଲିକ ବୋଲି ଦର୍ଶାଇ ଜାଲିଆତି କରି ଜମି ବିକ୍ରି କରିଥିବା ଅଭିଯୋଗ ହୋଇଛି। ଏନେଇ ପ୍ରକୃତ ଜମି ମାଲିକାଣୀ ଶ୍ରୀମତୀ ସଂଯୁକ୍ତା ପୁଷ୍ପାଳକ ବାଲିପାଟଣା ତହସିଲଦାର ଓ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶ୍ରୀମତୀ ପୁଷ୍ପାଳକ ୧୯୯୫ ମସିହାରେ ରେଜିଷ୍ଟ୍ରି ଦଲିଲ ନଂ ୬୯୨ ମାଧ୍ୟମରେ ଉକ୍ତ ମୌଜାର ଖାତା ନଂ ୧୦୪୯/୫ (ପ୍ଲଟ ନଂ ୧୪୭୯ ଓ ୧୫୧୭) ର ମୋଟ ୦.୦୬ ଡିସିମିଲ ଜମି କ୍ରୟ କରିଥିଲେ। ସେବେଠାରୁ ସେ ନିୟମିତ ଭାବେ ଖଜଣା ଦେଇ ଆସୁଛନ୍ତି। ତେବେ ୨୦୦୬ ମସିହା ଡିସେମ୍ବର ୨୬ ତାରିଖରେ ଏକ ଅଜଣା ମହିଳା ଖୋର୍ଦ୍ଧା ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ହାଜର ହୋଇ, ଶ୍ରୀମତୀ ପୁଷ୍ପାଳକଙ୍କ ସ୍ଥାନରେ ଜାଲିଆତି କରି ଦଲିଲ ନଂ ୧୩୧୦୫ ମାଧ୍ୟମରେ କୃଷ୍ଣଚନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଜମି ବିକ୍ରି କରିଥିଲେ।

## ଶିକ୍ଷାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର

**ସୁବର୍ଣ୍ଣପୁର,୧୫।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ମହାରାଜା ଉଚ୍ଚ ବିଦ୍ୟାଳୟ ରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସୋନପୁର ତଥା ଓଡିଶା ରାଜ୍ୟ ସାମାଜିକ ସମୀକ୍ଷା ଉତ୍ତରଦାୟୀତ୍ୱ ଓ ସ୍ୱଚ୍ଛତା ସମିତି ତରଫରୁ ସମଗ୍ର ଶିକ୍ଷା ର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ସୋନପୁର ଉପ ଜିଲ୍ଲାପାଳ ଡ଼ ସୌମ୍ୟ ରୁପା ରଥ ଙ୍କ ଅଧ୍ୟକ୍ଷ୍ୟତା ରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭ ରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଜନଶୁଣାଣି ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ସୁଦାମ ଗାଈଗରିଆ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ରେ ହୋଇଥିବା ୬୦ ଗୋଟି ବିଦ୍ୟାଳୟ ର ରିପୋର୍ଟ ଉପସ୍ଥାପନା କରିଥିଲେ ଏଥିରେ ବିଦ୍ୟାଳୟ ରେ ଭିତ୍ତିଭୂମି ଅଭାବର ଶିକ୍ଷକ ସମସ୍ୟା। ବିଭିନ୍ନ ପାଣ୍ଠି ର ବିନିଯୋଗ ବିଷୟରେ ମୋଟ ୧୨୮ ଗୋଟି ସମସ୍ୟା ଉଲ୍ଲେଖ କରାଯାଇଥିଲା। ଏହାର ଉତ୍ତର ସମ୍ପୃକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମାନେ ପ୍ରଦାନ କରିଥିଲେ। ଉପସ୍ଥିତ ପରିଚାଳନା କମିଟି ସଭାପତି ମାନେ ବିଭିନ୍ନ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସମୀକ୍ଷକ ହୃଷିକେଶ ମହାକୁର। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇ। କୃଷ୍ଣଚନ୍ଦ୍ର ପଣ୍ଡା



## ପାଣି ପାଇଁ ମୋହନ ଗୁଡ଼ା ଠାରେ ରାସ୍ତା ଅବରୋଧ

**ଲାଞ୍ଜିଗଡ଼,୧୫।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା, ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ମୋହନଗୁଡ଼ା ବାସୀ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ଦାବି ନେଇ ବିଶ୍ୱନାଥପୁର-ଲାଞ୍ଜିଗଡ଼ ରାସ୍ତାର ରଘୁନାଥ ପୁର ଛକ ମୋହନଗୁଡା ଠାରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବ୍ୟାପକ ରାସ୍ତା ରୋକ କରାଯାଇଥିଲା।ପାଣି ଟୋପେ ପାଇଁ ଦୀର୍ଘ ଦିନ ହେବ ସମସ୍ୟା ଭୋଗୁଥିବା ଅଞ୍ଚଳବାସୀ ଶେଷରେ ବାଧ୍ୟ ହୋଇ ଆଜି ରାଜପଥକୁ ଓହ୍ଲାଇଛନ୍ତି। ବାରମ୍ବାର ମୋହନଗୁଡା ଗ୍ରାମ ବାସୀ ଲିଖିତ ଆକାରରେ ପ୍ରଶାସନକୁ ଦେଲା ପରେ ମଧ୍ୟ କିଏ ନ ଶୁଣିବା ହେତୁ ଆଜି ରାସ୍ତା ଅବରୋଧ କରିଥିଲେ।ଆଜି ସକାଳ ୦୮ ଘଣ୍ଟା ଠାରୁ ରାସ୍ତା ଅବରୋଧ ଯୋଗୁଁ ଏହି ବ୍ୟସ୍ତବହୁଳ ମାର୍ଗରେ ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ସହସହ ଅନେକ ଯାନବାହନ ଅଟକି ରହିଥିଲା ଯାହାଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ।ଏହି ଗ୍ରାମରେ ୨୪୮ ପରିବାର ରହନ୍ତି ସେଥିକୁ ମାତ୍ର ୦୨ଟି ନଳକୂପ ଯାହାଫଳରେ ଏତେ ବଡ଼ ଗ୍ରାମରେ ଲୋକ ଚଳିବା ଭାରି କଷ୍ଟ ହୋଇ ପଡୁଛି।ଏହି ଘଟଣାର ସୂଚନା ପାଇ ଲାଞ୍ଜିଗଡ଼ ଥାନା ଅଧିକାରୀ ଯଶବନ୍ତ ହିଆଲଙ୍କ ନିର୍ଦ୍ଦେଶ କ୍ରମେ ଏ.ଏସ.ଆଇ ବଳଭଦ୍ର ଗୌଡ଼ ଓ ଏ.ଏସ.ଆଇ ମୋହନ କୁମାର ପରଜା ପୋଲିସ ଟିମ ଧରି ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ଶାନ୍ତ କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ। ଏହା ସହିତ ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଦଶମନ୍ତ ମାଝୀ ଓ ଛତ୍ରପୁର ପଞ୍ଚାୟତ ସରପଞ୍ଚ ଶୁଷମା ମାଝୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ବୁଝାସୁଝା କରି ଥିଲେ।



## ଜିଲ୍ଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ସୁବର୍ଣ୍ଣପୁର,୧୫।୭(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁବର୍ଣ୍ଣପୁର ପକ୍ଷରୁ ଜିଲ୍ଲା ସ୍ତରୀୟ ବିଶ୍ୱ ଜନ ସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶେଷ ଅତିଥିଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡା.ଦୁର୍ଗାଦତ୍ତ ଦାଶ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଦେବୀ ପ୍ରସାଦ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା ପ୍ରକାଶ ଦନସନା,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡା ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାର ଯକ୍ଷ୍ମାକ୍ଷ ଡା ପଦ୍ମହଂସା ଦୋରା,ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ତ୍ରିବିକ୍ରମ ପାଣ୍ଡିଆ ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଜାତୀୟ ସ୍ୱାସ୍ଥ୍ୟ ମିଶନ ରୂପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ବୃନ୍ଦ ପରିବାର ନିୟୋଜନ ଏକ ସାମାଜିକ ଦାୟିତ୍ୱ, ଅସ୍ଥାୟୀ ଓ ସ୍ଥାୟୀ ପଦ୍ଧତି, ପରିବାର କୁ ଆଣେ ଉନ୍ନତି, ପିଲାଙ୍କ ଜନ୍ମ ରେ ରଖନ୍ତୁ ଉଚିତ ବ୍ୟବଧାନ -ସୁସ୍ଥ ଓ ସୁଖୀ ହେବ ପାରିବାରିକ ଜୀବନ-- ଇତ୍ୟାଦି ନିମନ୍ତେ ସଚେତନତା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ।ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆମ ଜିଲ୍ଲା ଆଜି ରାଜ୍ୟ ସ୍ତରୀୟ ଅନ୍ତରା ଇଞ୍ଜେକ୍ସନ ର କୃତିତ୍ୟ ପାଇଁ ତୃତୀୟ ପୁରସ୍କାର ଅଳଙ୍କୃତ କରି ପାରିଛି। ଉକ୍ତ କାର୍ଯ୍ୟକ୍ରମରେ। ଅତିତିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିଥିଲେ।



## ମଙ୍ଗଳବାର ପ୍ରସାଦ ବାଣ୍ଟି ଲୋକଙ୍କ ମନ ଜିତୁଛନ୍ତି ପାରାଦ୍ୱୀପର ଧନେଶ୍ୱର ସାହୁ



**ପାରାଦ୍ୱୀପ,୧୫।୭(ସଂଚାର ବ୍ୟୁରୋ):** ବ୍ୟବସାୟ କରିବା ସହ ସମାଜସେବାର ଉଦାହରଣ ସୃଷ୍ଟି କରିଛନ୍ତି ପାରାଦ୍ୱୀପ ଗଡ଼ର ବ୍ୟବସାୟୀ ଶ୍ରୀ ଧନେଶ୍ୱର ସାହୁ। ଗତ କିଛି ବର୍ଷ ଧରି ସେ ମଙ୍ଗଳବାର ନିଜ ବ୍ୟବସାୟ ପ୍ରତିଷ୍ଠାନରେ ଆସୁଥିବା ଗ୍ରାହକ ଓ ସାଧାରଣ ଲୋକଙ୍କୁ ନିଜ ହାତରେ ପ୍ରସାଦ ବଣ୍ଟନ କରୁଛନ୍ତି। ମଙ୍ଗଳବାର ଦିନ ତାଙ୍କ ଦୋକାନ ସମ୍ମୁଖରେ ବଡ ପାତିଲରେ ପ୍ରସାଦ ରନ୍ଧା ହୋଇ ଶତାଧିକ ଲୋକଙ୍କୁ ବଣ୍ଟନ କରାଯାଏ। ଭକ୍ତି ଓ ଶ୍ରଦ୍ଧାର ସହ ସେ ନିଜେ ଠିଆ ହୋଇ ପ୍ରତ୍ୟେକଙ୍କୁ ପ୍ରସାଦ ଦେଇଥାନ୍ତି। ତାଙ୍କର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଉଛି। ଶ୍ରୀ ସାହୁ କହିଛନ୍ତି, 'ବ୍ୟବସାୟ ହେଉଛି ଜୀବିକା, କିନ୍ତୁ ଲୋକସେବା ହେଉଛି ପରମ ଧର୍ମ। ମଙ୍ଗଳବାର ଦିନ ପ୍ରସାଦ ବାଣ୍ଟିଲେ ମନକୁ ଶାନ୍ତି ମିଳେ।' ତାଙ୍କର ଏହି ନିଆରା ପଦକ୍ଷେପ ପାଇଁ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

### ● ଭାଇ ଭାଇକୁ ଆକ୍ରମଣ

## ବଟି ଆଦାୟ ଅଭିଯୋଗରେ ଜଣେ ଗିରଫ

**ଗଞ୍ଜାମ,୧୫।୭(ସଂଚାର ବ୍ୟୁରୋ):** ସିମେଣ୍ଟ ପୋଲ ଉତ୍ପାଦନ ୟୁନିଟରେ ଲାଭ ଭାଗବଣ୍ଟାକୁ ନେଇ ବିବାଦ ପରେ ବୈଦ୍ୟନାଥପୁର ପୋଲିସ ତାଙ୍କ ଭାଇ ଭାଇକୁ ଆକ୍ରମଣ କରିବା ଏବଂ ୮୦ ଲକ୍ଷ ଟଙ୍କା ଆଦାୟ ପାଇଁ ଧମକ ଦେବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ, ମଣିରାଜ ସାହୁ ମଣି, ବିଶ୍ୱନାଥ ସାହୁ ବିଶୁଙ୍କ ପୁଅ, ଲକ୍ଷ୍ମୀ ନଗର, ଦ୍ୱିତୀୟ ଲେନ୍, ଆଙ୍କୁଲି, ବ୍ରହ୍ମପୁର ନିବାସୀ, ବୈଦ୍ୟନାଥପୁର ବିଏନଏସ ଅନୁଯାୟୀ ଗିରଫ କରାଯାଇଛି। ବ୍ରହ୍ମପୁର ଆଙ୍କୁଲି, ସୁଣ୍ଡି ସାହିର ସୁବାସ ଚନ୍ଦ୍ର ସାହୁଙ୍କ ପୁଅ ସରୋଜ କୁମାର ସାହୁ (୩୨)ଙ୍କ ଦ୍ୱାରା ଦାଖଲ ଅଭିଯୋଗ ଅନୁଯାୟୀ, ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଉଭୟ ସମାନ ଅଞ୍ଚଳରେ ରହୁଥିବା ଭାଇ ଭାଇ।

### ସମସ୍ତ ସରକାରୀ ହାଇସ୍କୁଲରେ 'ଆସ୍ପାୟାର' ପ୍ରି-ବେସଲାଇନ୍ ଟେଷ୍ଟ ଅନୁଷ୍ଠିତ

# ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ସଫଳତା ଲକ୍ଷ୍ୟ

**ମାଲକାନଗିରି,୧୫।୭(ସଂଚାର ବ୍ୟୁରୋ):** ଆଗାମୀ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲାର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ଆସ୍ପାୟାର' କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରି-ବେସଲାଇନ୍ ଟେଷ୍ଟ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ଜିଲ୍ଲାର ଦଶମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବୋର୍ଡ ପରୀକ୍ଷା ପୂର୍ବରୁ ପିଲାମାନଙ୍କର ଶିକ୍ଷାଗତ ସ୍ତର ଓ ଦୁର୍ବଳତାକୁ ଚିହ୍ନଟ କରି ସେମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଏବଂ ସଠିକ୍ ମାର୍ଗଦର୍ଶନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ମାଲକାନଗିରି ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ପ୍ରତି ଛାତ୍ରଛାତ୍ରୀଙ୍କର ବିଷୟଗତ ଜ୍ଞାନ ଯାଞ୍ଚ କରିବା, ପାଠପଢ଼ାରେ ଦୁର୍ବଳ ଥିବା ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତିକାରମୂଳକ କ୍ଲାସର ବ୍ୟବସ୍ଥା କରିବା ଏବଂ ଜିଲ୍ଲାରେ ବୋର୍ଡ ପରୀକ୍ଷା ଫଳାଫଳର ଉନ୍ନତି କରି ଶତପ୍ରତିଶତ (୧୦୦%) ପାସ୍ ହାର ସହ ଉତ୍କୃଷ୍ଟ ସଫଳତା ଆଣିବା। ଏହି ପରୀକ୍ଷାକୁ ସ୍ୱଚ୍ଛ ଓ ସୁରୁଖୁରୁରେ ଶେଷ କରିବା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆରସିସି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ର ଗସ୍ତ କରି ସର୍ବାଙ୍ଗୀନ ତଦାରଖ କରିଥିଲେ। ପରୀକ୍ଷା ଶେଷ ହେବା ପରେ ପ୍ରତ୍ୟେକ ଛାତ୍ରଙ୍କର ଏକ ସ୍ୱତନ୍ତ୍ର ରିପୋର୍ଟ କାର୍ଡ ପ୍ରସ୍ତୁତ କରାଯିବ ଏବଂ ଏହା ବିଷୟରେ ସେମାନଙ୍କ ଅଭିଭାବକମାନଙ୍କୁ ଅବଗତ କରାଯିବ। ଏହା ସହିତ, ଏହି ଟେଷ୍ଟରେ ଭଲ ପ୍ରଦର୍ଶନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସେମାନଙ୍କୁ ଆଗାମୀ ଦିନରେ ସ୍ୱତନ୍ତ୍ର ଆବାସିକ ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏ ସମ୍ପର୍କରେ ସୂଚନା ଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ କହିଛନ୍ତି ଯେ, ଆସ୍ପାୟାର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଟି ଛାତ୍ରଛାତ୍ରୀଙ୍କୁ ଆଗାମୀ ବୋର୍ଡ ପରୀକ୍ଷା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ କରାଯିବ। ଏହା ମାଲକାନଗିରି ଜିଲ୍ଲାର ଶିକ୍ଷା ଗୁଣବତ୍ତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି।

